

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୫ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 15 July 2026
Vol.No. 36 ■ No.185 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026
SAI SADHANA SCIENCE COLLEGE
+2 Sc. & +2 Arts
SAI SADHANA COLLEGE OF BASIC SCIENCE (+3)
(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)
Dibyasingpur, UDALA
100% first class result-2026
Contact No: 9437294587, 9437443950, 9937557158


## ମାକ୍ରନଙ୍କ ନିଷ୍ପତ୍ତି ନେଇ ରୁଷର ଚିନ୍ତା ବଢ଼ିଲା: ଫ୍ରାନ୍ସର ଘାତକ ଅସ୍ତ୍ର ଏବେ ୟୁକ୍ରେନରେ ତିଆରି ହେବ



ନୂଆଦିଲ୍ଲୀ,୧୪/୭ : ରୁଷ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ୟୁକ୍ରେନ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଆଶ୍ୱସ୍ତିକର ଖବର ଆସିଛି। ଫ୍ରାନ୍ସ ଘୋଷଣା କରିଛି ଯେ, ୟୁକ୍ରେନକୁ ନିଜର ଉନ୍ନତ କ୍ଷେପଣାସ୍ତ୍ର, ବାୟୁ ପ୍ରତିରକ୍ଷା ଇଣ୍ଟରସେପ୍ଟର ଏବଂ ଗ୍ଲାଇଡ୍ ବୋମାର ଘରୋଇ ଉତ୍ପାଦନ ପାଇଁ ଏକ ସରକାରୀ ଲାଇସେନ୍ସ ପ୍ରଦାନ କରିବ। ଏକ ସାମ୍ବାଦିକ ସମ୍ମିଳନୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହି ଐତିହାସିକ ନିଷ୍ପତ୍ତି ଘୋଷଣା କରିଛନ୍ତି। ପ୍ରଥମ ଥର ପାଇଁ ଫ୍ରାନ୍ସ କୌଣସି ଦେଶକୁ ନିଜର ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିବାର ଅଧିକାର ଦେଇଛି। ରାଷ୍ଟ୍ରପତି ମାକ୍ରନ ଏବଂ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ରୋଡମ୍ୟାପରେ ଅନେକ ଘାତକ ଅସ୍ତ୍ର ପ୍ରଣାଳୀ ଅନ୍ତର୍ଭୁକ୍ତ ରହିଛି। ଏହି ଚୁକ୍ତିନାମାରେ ମୁଖ୍ୟତଃ ସ୍କାଲ୍ପ ଦୂରଗାମୀ କ୍ରୁଜ୍ କ୍ଷେପଣାସ୍ତ୍ର, ଆଷ୍ଟର ବାୟୁ ପ୍ରତିରକ୍ଷା ଇଣ୍ଟରସେପ୍ଟର ଏବଂ ଆସମ ପ୍ରିସିସନ୍-ଗାଇଡେଡ୍ ବାୟୁରୁ ଭୂମି ବୋମା ଅନ୍ତର୍ଭୁକ୍ତ ରହିଛି। ଏହି ପଦକ୍ଷେପ ରୁଷ ଉପରେ ୟୁକ୍ରେନର ଆକ୍ରମଣ କରିବାର କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ। କାରଣ ଏହି ଅସ୍ତ୍ରଶସ୍ତ୍ର ଯୋଗାଣ ପାଇଁ ୟୁକ୍ରେନକୁ ଆଉ ବିଦେଶୀ ପରିବହନ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। କ୍ଷେପଣାସ୍ତ୍ର ଉତ୍ପାଦନ ବ୍ୟତୀତ, ଫ୍ରାନ୍ସ ୟୁକ୍ରେନକୁ ଏହାର ପରବର୍ତ୍ତୀ ପିଢ଼ିର ପ୍ରତିରକ୍ଷା ପ୍ରଣାଳୀରେ ସଜ୍ଜିତ କରିବାକୁ ଯାଉଛି। ରାଷ୍ଟ୍ରପତି ମାକ୍ରନ ଘୋଷଣା କରିଛନ୍ତି ଯେ, ଫ୍ରାନ୍ସ ୟୁକ୍ରେନକୁ ଅତ୍ୟାଧୁନିକ ରାଡାର ସିଷ୍ଟମ ଏବଂ ୧୬ଟି ରାଫେଲ ଯୁଦ୍ଧ ବିମାନ ହସ୍ତାନ୍ତର କରିବ। ଏହି ରାଫେଲ ବିମାନଗୁଡ଼ିକ ୨୦୨୮ କିମ୍ବା ୨୦୨୯ ସୁଦ୍ଧା ୟୁକ୍ରେନୀୟ ଆକାଶ ସୀମାରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଏହା ସହିତ, କିଭ୍ ପରବର୍ତ୍ତୀ ପିଢ଼ିର ସାମ୍ପ/ଟି ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଅର୍ଡର ଦେଇଛି, ଯାହାର ବିତରଣ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜୁଲାଇ ୮ ତାରିଖରେ ୟୁକ୍ରେନକୁ ପାଟ୍ରିଅଟ୍ କ୍ଷେପଣାସ୍ତ୍ର ଉତ୍ପାଦନ ପାଇଁ ଲାଇସେନ୍ସ ପ୍ରଦାନ କରିବା ପରେ ଫ୍ରାନ୍ସର ଏହି ନିଷ୍ପତ୍ତି ଆସିଛି। ୟୁକ୍ରେନ ବହୁ ଦିନ ଧରି ରୁଷର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣର ମୁକାବିଲା କରିବା ପାଇଁ ଏହି କ୍ଷେପଣାସ୍ତ୍ର ନିର୍ମାଣ ପାଇଁ ଅନୁମତି ଚାହୁଁଥିଲା। ଏହା ସହିତ ୟୁକ୍ରେନ ଏବଂ ଅନ୍ୟ ନଅଟି ୟୁରୋପୀୟ ଦେଶ ମଧ୍ୟ ଆଣ୍ଟି-ବାଲାଷ୍ଟିକ୍ ମିସାଇଲ୍ ମେଣ୍ଟ ଆରମ୍ଭ କରିଛନ୍ତି, ଯାହାର ଲକ୍ଷ୍ୟ ୟୁରୋପର କ୍ଷେପଣାସ୍ତ୍ର ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିବା ଏବଂ ୟୁକ୍ରେନର ଘରୋଇ 'ଫ୍ରେୟା' ବାୟୁ ପ୍ରତିରକ୍ଷା ପ୍ରଣାଳୀର ବିକାଶକୁ ସମର୍ଥନ କରିବା। ୟୁକ୍ରେନରେ ସ୍ଥାନୀୟ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଯୁଦ୍ଧର ଖର୍ଚ୍ଚ ହ୍ରାସ କରିବା ସହ ଯୋଗାଣ ଶୃଙ୍ଖଳା ବିଳମ୍ବକୁ ମଧ୍ୟ ଦୂର କରିବ। ଏହା ରୁଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କାରଣ ୟୁକ୍ରେନ ଏହାର ପ୍ରତିରକ୍ଷା ଆବଶ୍ୟକତା ନେଇ ଏବେ ଆତ୍ମନିର୍ଭରଶୀଳତା ଆଡକୁ ଗତି କରୁଛି। ପାଶ୍ଚାତ୍ୟ ଦେଶମାନଙ୍କଠାରୁ ଏହି ବର୍ଦ୍ଧିତ ସମର୍ଥନ ୟୁକ୍ରେନର ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ପାଇଁ ସେମାନଙ୍କର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି।

## ଗ୍ରାହମ ଷ୍ଟେନ୍‌ସ ହତ୍ୟା ମାମଲାରେ ୨୬ ବର୍ଷ ପରେ ମୁକ୍ତୁଳିବେ ଦାରା ସିଂ: ଅଗଷ୍ଟ ୧୫ ସୁଦ୍ଧା ମୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୧୪/୭ (ନି.ପ୍ର): ଶେଷ ହେବ ୨୬ ବର୍ଷର ଅପେକ୍ଷା। ଜେଲରୁ ବାହାରିବେ ଦାରା ସିଂ। ୧୯୯୯ ମସିହାର ସେହି ଭୟାନକ ନାରକୀୟ କାଣ୍ଡ। ସାରା ଦେଶକୁ ହଲଚଲ କରିଦେଇଥିଲା ମିସନାରି ଗ୍ରାହାମ ଷ୍ଟେନ୍ସ ହତ୍ୟା କାଣ୍ଡ। ଏବେ ଜେଲରୁ ମୁକ୍ତ ହେବାକୁ ଯାଉଛନ୍ତି ଘଟଣାର ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ର ପାଲ୍ ସିଂ ଓରଫ୍ ଦାରା ସିଂ। ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶକ୍ରମେ, ଆସନ୍ତା ଅଗଷ୍ଟ ୧୫ ତାରିଖ ସୁଦ୍ଧା ଦାରା ସିଂ ଜେଲ୍‌ରୁ ବାହାରିବେ। ଦୀର୍ଘ ୨୬ ବର୍ଷର କାରାବାସ। ଲୁହାର ଶିକୁଳିରୁ ବାହାରି ମୁକ୍ତାକାଶ ଦେଖିବେ ଦାରା ସିଂ। ବହୁ ଚର୍ଚ୍ଚିତ ମିସନାରୀ ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲାର ଦୋଷୀ ରବୀନ୍ଦ୍ର ପାଲ୍ ସିଂ ଓରଫ୍ ଦାରା ସିଂ ଜେଲରୁ ବାହାରିବେ। ୨୬ ବର୍ଷ ଧରି ଜେଲ୍ ଦଣ୍ଡ ଭୋଗିବା ପରେ ମୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ତାଙ୍କୁ ଜେଲରୁ ଛାଡ଼ିବାକୁ ନିର୍ଦ୍ଦେଶ ରହିଛି। ◆◆ପୃଷ୍ଠା ୭

## ରାଜ୍ୟ କୃଷି ନୀତି ଅଧୀନରେ ସବସିଡି ୫ ବର୍ଷ ପାଇଁ ବୃଦ୍ଧି

ଭୁବନେଶ୍ୱର, ୧୪/୭ (ନି.ପ୍ର): ରାଜ୍ୟ କ୍ୟାବିନେଟ୍ ରାଜ୍ୟ କୃଷି ନୀତି ଅଧୀନରେ ସବସିଡିକୁ ୨୦୨୬-୨୭ ରୁ ୨୦୩୦-୩୧ ପର୍ଯ୍ୟନ୍ତ ଆଉ ପାଂଚ ବର୍ଷ ପାଇଁ ବୃଦ୍ଧି କରିବାକୁ ୨୪୯୬.୪୦ କୋଟି ଟଙ୍କାର ମୋଟ ବ୍ୟୟ ଅଟକଳ ସହ ଅନୁମୋଦନ କରିଛନ୍ତି। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟବସାୟିକ କୃଷି -ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ତଥା ସବସିଡ଼ି ପ୍ରଦାନ କରିବା, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ତଥା ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ◆◆ପୃଷ୍ଠା ୭

## କୋଭିଡ ନେଇ କୌଣସି ଗୁଜବରେ ଭୟଭୀତ ନହେବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅପିଲ

ଭୁବନେଶ୍ୱର, ୧୪/୭ (ନି.ପ୍ର): ସମ୍ଭାବ୍ୟ କୋଭିଡ-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଅଧକ୍ଷତା କରି ବିଭିନ୍ନ ପ୍ରସ୍ତୁତି ଓ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବର୍ତ୍ତମାନ ଏ ବାବଦରେ କୌଣସି ବ୍ୟସ୍ତ ନ ହେବାକୁ ସେ କହିଛନ୍ତି। ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ନିରନ୍ତର ସମନ୍ୱୟରେ ଅଛନ୍ତି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି। ଜନସାଧାରଣଙ୍କୁ ଅନୁରୋଧ କରି କୌଣସି ଗୁଜବ କିମ୍ବା ଅପପ୍ରଚାରରେ ବିଚଳିତ ଅଥବା ଭୟଭୀତ ନହୋଇ ସଚେତନ ରହିବା ଏବଂ ଆବଶ୍ୟକ ସ୍ୱାସ୍ଥ୍ୟ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ଅନୁରୋଧ କରିଛନ୍ତି।

## ପହଲଗାମ ଆକ୍ରମଣ ମାମଲା : ହାଫିଜ୍ ସଇଦକୁ ଧରିବାକୁ କୋର୍ଟଙ୍କ କଡ଼ା ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୪/୭ : ଲସ୍କର ମୁଖ୍ୟ ତଥା ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ହାଫିଜ୍ ସଇଦ ବିରୋଧରେ ଜାମିନବିହୀନ ଗିରଫଦାରି ଜାରି। ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ଜମ୍ମୁର ଏକ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି। ସ୍ୱତନ୍ତ୍ର ଏନଆଇଏ କୋର୍ଟ ମାମଲାର ଶୁଣାଣି କରି ଜୁଲାଇ ୮ ତାରିଖରେ ହାଫିଜ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। ଏନଆଇ ପକ୍ଷରୁ ମାମଲାକୁ ନେଇ ସପ୍ଲିମେଣ୍ଟାରି ଚାର୍ଜସିଟ୍ ଦାଖଲ କରିବାର ଦିନକ ପରେ ଗିରଫ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର କୋର୍ଟ। ଚାର୍ଜସିଟରେ ଦର୍ଶାଯାଇଛି, ଲସ୍କର ଏତୋଇବାର ଶାଖା ଆତଙ୍କବାଦୀ ସଂଗଠନ ହେଉଛି ଦ ରେଜିସଷ୍ଟାଣ୍ଟ ଫ୍ରଣ୍ଟ। ଏହି ନିଷିଦ୍ଧ ଆତଙ୍କୀ ସଂଗଠନର ଆତଙ୍କବାଦୀମାନେ ଗତ ବର୍ଷ ଏପ୍ରିଲ ୨୨ ତାରିଖରେ ପହଲଗାମରେ ନାରକୀୟ କାଣ୍ଡ ଭିଆଇଥିଲେ। ପର୍ଯ୍ୟଟକଙ୍କୁ ଧର୍ମ ପଚାରି ଗୁଳି କରି ହତ୍ୟା କରିଥିଲେ। ◆◆ପୃଷ୍ଠା ୭

## ଖୋଲିଲା ଇସ୍କନ ମନମାନିର ଗୁମର: ଅଦିନିଆ ରଥଯାତ୍ରା ନେଇ କଡ଼ା ଜବାବ ରଖିଲା ଶ୍ରୀମନ୍ଦିର ପ୍ରଶାସନ

ଭୁବନେଶ୍ୱର, ୧୪/୭ (ନି.ପ୍ର): ପୁଣି ବିବାଦରେ ଇସ୍କନ। ଅଦିନିଆ ରଥଯାତ୍ରା ନେଇ ଜନସାଧାରଣଙ୍କୁ କରୁଛି ଭ୍ରମିତ। ଗତ ଜୁଲାଇ ୧୨ରେ ଇସ୍କନ ନୂଆଦିଲ୍ଲୀ ପକ୍ଷରୁ ଯେଉଁ ପ୍ରେସବିଜ୍ଞପ୍ତି ଜାରି ହୋଇଥିଲା ତାହା ସମ୍ପୂର୍ଣ୍ଣ ମିଛ ବୋଲି କହିଛି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ। ସେପଟେ ବିଦେଶରେ ଅତିଥିରେ ରଥଯାତ୍ରା ନେଇ ଫାଳ ଫାଳ ହୋଇଛି ଇସ୍କନ। ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଇସ୍କନ ଦିଲ୍ଲୀର ଯୁକ୍ତିକୁ ଭୁଲ୍ ଦର୍ଶାଇଲା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ। ଜୁଲାଇ ୧୨ରେ ଇସ୍କନ ନୂଆଦିଲ୍ଲୀ ଜାରି କରିଥିବା ପ୍ରେସ ବିଜ୍ଞପ୍ତିରେ ବିଭ୍ରାନ୍ତିକର ତଥ୍ୟ ରହିଥିବା କହିଛି ଏସଜେଟିଏ। ଶାସ୍ତ୍ର ଅନୁମୋଦିତ ରଥଯାତ୍ରା ଆୟୋଜନ ନେଇ ଇସ୍କନ ଯେଉଁ ଯୁକ୍ତି କରିଥିଲା, ତାହା ସମ୍ପୂର୍ଣ୍ଣ ମିଛ ବୋଲି ଚିଠିରେ ଦର୍ଶାଯାଇଛି। ୨୦୨୫, ମାର୍ଚ୍ଚ ୨୦ରେ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଏସ୍‌ଜେଟିଏ ବିଦ୍ୱାନ ଓ ଇସ୍କନ ବିଦ୍ୱାନଙ୍କ ମଧ୍ୟରେ ବୈଠକ ହୋଇଥିଲା। ବୈଠକରେ ଇସ୍କନର ଯୁକ୍ତିକୁ ଏସ୍‌ଜେଟିଏର ବିଦ୍ୱାନମାନେ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ। ସେହିପରି, ବର୍ଲିନ ରଥଯାତ୍ରାରେ ଗଜପତି ମହାରାଜା ସାମିଲ ହୋଇଥିବା କଥା ବି ସମ୍ପୂର୍ଣ୍ଣ ମିଛ। ୧୯୯୧/୧୯୯୨ରେ ବର୍ଲିନରେ ଏକ ଇଣ୍ଟର-ଫେଥ୍ କନ୍‌ଫରେନ୍ସକୁ ଯାଇଥିଲେ ଗଜପତି ମହାରାଜା। ୩ ଦିନିଆ କନ୍‌ଫରେନ୍ସରେ ଗଜପତି ଅଦିନିଆ ରଥଯାତ୍ରା ଦେଖି ବିରୋଧ କରିଥିଲେ। ଇସ୍କନ କର୍ତ୍ତୃପକ୍ଷଙ୍କ ସହ ବହୁବାର ଆଲୋଚନା କଲେ। ଇସ୍କନ ନ ମାନିବାରୁ ଏସଜେଟିଏ ପରିଚାଳନା କମିଟି ଏହାକୁ ବିରୋଧ କରିବାକୁ ନିଷ୍ପତ୍ତି ନେଇଛି। ◆◆ପୃଷ୍ଠା ୭

## ବହି ତ୍ରୁଟି ମାମଲାରେ କ୍ରାଇମବ୍ରାଞ୍ଚର ବଡ଼ ଆକ୍ସନ: ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ଗିରଫ, ଅନିୟମିତତା ସ୍କାନରରେ ଆହୁରି ଅନେକ



ଭୁବନେଶ୍ୱର, ୧୪/୭ (ନି.ପ୍ର): ପୁସ୍ତକ ତ୍ରୁଟି ମାମଲାରେ ପ୍ରଥମ ଗିରଫଦାରୀ। ମାମଲା ହାତକୁ ନେଉ ନେଉ ଏସସିଇଆରଟି ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଜାମିନ ଆବେଦନ ଖାରଜ ହେବା ପରେ, ତାଙ୍କୁ ଜେଲ୍ ପଠାଯାଇଛି। ସେପଟେ ଏହି ଅନିୟମିତତା ଯୋଗୁ ୧୭୫ କୋଟି ଟଙ୍କା କ୍ଷତି ହୋଇଥିବା ଆକଳନ କରାଯାଇଛି। ପାଠ୍ୟ ପୁସ୍ତକ ତ୍ରୁଟି ମାମଲାରେ ଏସ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ଦିନ ସାରା ଅଟକ ରଖି ଘାଣ୍ଟିବା ପରେ, ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗତରାତିରେ ଏସ୍‌ସିଇଆରଟିର ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ଏତଲା ପରେ, ଏସ୍‌ଆଇଟି ଗଠନ ହୋଇଥିଲା ଏସ୍‌ଆଇଟି। ଏତଲାରେ ଥିଲା ତତ୍କାଳୀନ ଏସ୍‌ସିଇଆରଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ନାଁ। ଆଉ ଆଜି କ୍ରାଇମବ୍ରାଞ୍ଚର ୩ ଜଣ ଅଧିକାରୀ ମନୋଜଙ୍କୁ ଅଟକ ରଖି ମାରାଥନ୍ ଜେରା କରିଥିଲେ। ମାଷ୍ଟର ରେଜିଷ୍ଟରରୁ ହାତରେ ଲାଗିଥିବା ତଥ୍ୟ ଆଧାରରେ ତଦନ୍ତକାରୀ ◆◆ପୃଷ୍ଠା ୭

## ଖୁବ୍‌ଶୀଘ୍ର ଆମ ଦଖଲକୁ ଆସିବ ହର୍ମୁଜ: ଟ୍ରମ୍ପ



ନୂଆଦିଲ୍ଲୀ,୧୪/୭ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି କି ଇରାନ ବିରୁଦ୍ଧରେ ଆମେରୀକିୟ ସୈନ୍ୟବାହିନୀର ଅଭିଯାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆମେରୀକିୟ ସୈନ୍ୟବାହିନୀ ଇରାନ ର ନୌସେନା, ବାୟୁସେନା, ମିସାଇଲ୍ ଓ ଡ୍ରୋନ କ୍ଷମତାକୁ ଗଭୀର କ୍ଷତି ପହଞ୍ଚାଇଛନ୍ତି, ତାସହ ସ୍ଟ୍ରେଟ ଅଫ୍ ହର୍ମୁଜ ଉପରେ ମଧ୍ୟ ନିୟନ୍ତ୍ରଣ ସ୍ଥାପନ କରିବାର ବହୁତ ପାଖରେ। ସୋମବାର ରାତିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇରାନ ବିରୁଦ୍ଧରେ ନିଜ ସୈନ୍ୟବାହିନୀର ପଦକ୍ଷପକୁ ନେଇ ଏକ ବଡ ବୟାନ ଦେଇଛନ୍ତି। ସେମାନଙ୍କ କହିବା ଅନୁଯାଇ ଆମେରିକା ଲଗାତାର ଭୀଷଣ ଆକ୍ରମଣ କରିଚାଲିଛି ଏବଂ ଇରାନର ସୈନ୍ୟ କ୍ଷମତାକୁ ପ୍ରାୟତଃ ଶେଷ କରିଦିଆଯାଇଛି। ବହୁତ ଶିଘ୍ର ସ୍ଟ୍ରେଟ ଅଫ୍ ହରମୁଜ ଉପରେବି ରହିବ ନିୟନ୍ତ୍ରଣ। ଦୁଇଦିନ ପୂର୍ବରୁ ହବାର ଥିଲା ଶାନ୍ତିଚୁକ୍ତି, କିନ୍ତୁ ଠିକ୍ ସମୟରେ ପଛକୁ ହଟିଗଲା ଇରାନ ବର୍ତ୍ତମାନ ଆମେରିକାଠୁ ଖାଉଛନ୍ତି ମାଡ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କହିବା ଅନୁଯାଇ ଇରାନର ସୈନ୍ୟବାହିନୀ ପୁର୍ଣ୍ଣତଃ ନଷ୍ଟ ହୋଇଯାଇଛି ଓ ମୋଜତାବା ଖାମେନଇ ମଧ୍ୟ ପ୍ରାୟତଃ ଶେଷ ହେବା ଉପରେ। ସେମାନେ ଇରାନ ଉପରେ ନାକାବନ୍ଦି କରିବା ସହ ହରମୁଜ ଦେଇ ଯାଉଥିବା ଜାହାଜ ଠାରୁ ପଇସା ଆଦାୟ କରିବା ପାଇଁ ଆହ୍ୱାନ କରିଛନ୍ତି। ଆମେରିକା ନିଜକୁ ଏହି ଜଳମାର୍ଗର ରକ୍ଷକ ଘୋଷଣାକରିବା ସହ ୨୦ ପ୍ରତିଶତ ଟୋଲ ଟ୍ୟାକ୍ସ ଆଦାୟ କରିବାକୁ ପ୍ରସ୍ତାବ ରଖିଛି।

## ବୈଷ୍ଣୋଦେବୀ ମନ୍ଦିରରେ ୫୦୦ କୋଟିର ରୁପା ନକଲି: କୋର୍ଟଙ୍କ କଡ଼ା ଆଭିମୁଖ୍ୟ



ନୂଆଦିଲ୍ଲୀ,୧୪/୭ : ଅଯୋଧ୍ୟା ରାମ ମନ୍ଦିର ଓ ବଦ୍ରିନାଥରୁ ଦାନ ଅର୍ଥ ଚୋରି ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ମା' ବୈଷ୍ଣୋଦେବୀ ମନ୍ଦିରରେ ୫ଶହ କୋଟିର ରୁପା ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ବୈଷ୍ଣୋଦେବୀ ମନ୍ଦିରକୁ ଭକ୍ତଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ୫ଶହ କୋଟିରୁ ଅଧିକ ଟଙ୍କାର ରୁପା ନକଲି ଥିଲା ନା ଏହାକୁ ବଦଳାଇ ଦିଆଯାଇଛି ? ଏହି ଘଟଣାକୁ ନେଇ ଏବେ ଜମ୍ମୁ କୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବହୁଚର୍ଚ୍ଚିତ ମାମଲାର ଶୁଣାଣି କରି ଜମ୍ମୁର ମୁଖ୍ୟ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ମୁନୀଶ କୁମାର ମନସଙ୍କ ଅଦାଲତ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀଙ୍କୁ ସମସ୍ତ ରେକର୍ଡ ସହିତ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୯ ତାରିଖରେ ହେବ। ମନ୍ଦିରରେ ଜମା ହୋଇଥିବା ପ୍ରାୟ ୨୦ ଟନ୍ ରୁପାକୁ ପରୀକ୍ଷା କରିବା ପାଇଁ ପଠାଯାଇଥିଲା। ◆◆ପୃଷ୍ଠା ୭

# ‘ସମାଜ’ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ



ବାଲେଶ୍ୱର,୧୪।୭(ନିପ୍ର): ମହାନ ଦେଶପ୍ରେମୀ, ସମର୍ପିତ ଜନ ସେବକ, ତ୍ୟାଗ ଓ ମାନବିକତାର ପ୍ରତୀକ ତଥା ଦୀନ ଦୁଃଖୀଙ୍କ ବନ୍ଧୁ ‘ସମାଜ’ର ପ୍ରତିଷ୍ଠାତା ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ପୁଣ୍ୟତିଥି ଶ୍ରଦ୍ଧାର ସହ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ‘ସମାଜ’ ବାଲେଶ୍ୱର ଶାଖା ପକ୍ଷରୁ ପ୍ରାତଃ କାଳରେ ସ୍ଥାନୀୟ ହରଗଙ୍ଗା ପୋଖରୀ ତୁଠରେ ତିଳତର୍ପଣ କରାଯାଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ବ୍ରାହ୍ମଣର ମନ୍ତ୍ର ପାଠ ମଧ୍ୟରେ ସମାଜ କର୍ମଚାରୀ ଗୌତମ ସେନ ମହାନ ଆତ୍ମାଙ୍କୁ ପିଣ୍ଡଦାନ କରିଥିଲେ। ‘ସମାଜ’ ବାଲେଶ୍ୱର ଶାଖା ଭାରପ୍ରାପ୍ତ ପରିଚାଳକ ସତ୍ୟବ୍ରତ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍? ଡ. ପଙ୍କଜ କୁମାର ଜେନା, ଶିଶୁ ସାହିତ୍ୟିକ ପୀତାମ୍ବର ଦାସ, ସମାଜସେବୀ ରଘୁନାଥ ଲେଙ୍କା, ରାଜେଶ ଗିରି, କୃଷକ ନେତା ଅରୁଣ ଜେନା ପ୍ରମୁଖଙ୍କ ସମେତ ସମାଜ ପରିବାରର ସଦସ୍ୟମାନେ ଏହି ତିଳ ତର୍ପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ପୁଣ୍ୟାତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ସ୍ଥାନୀୟ ଗୋପବନ୍ଧୁ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ବକ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପୁଣ୍ୟାତ୍ମାଙ୍କ ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସମାଜସେବୀ ଅରୁଣ ଜେନା, ରଘୁନାଥ ଲେଙ୍କା, ଦେବାଶିଷ ଚାଟାର୍ଜୀ, ଅଖିଳ ଦାସ, ଶୁଭଙ୍କର ମହାପାତ୍ର, ପୀତାମ୍ବର ଦାସ, ରାଜେଶ ଗିରି, ଆଇନଜୀବୀ ଯଶୋଦା ନନ୍ଦନ ଆଶ, ଗୋପୀକୃଷ୍ଣ ମହାନ୍ତିଙ୍କ ସମେତ ‘ସମାଜ’ ବାଲେଶ୍ୱର ଶାଖା ଭାରପ୍ରାପ୍ତ ପରିଚାଳକ ଶ୍ରୀ ଜେନା, ବ୍ୟୁରୋ ମୁଖ୍ୟ କୁଳମଣି ବାରିକ, ବରିଷ୍ଠ ସହସମ୍ପାଦକ ମନୋଜ କୁମାର ମେହେର ଓ ଡ. ଜଗନ୍ନାଥ ଖଟୁଆ, ବିଭାଗୀୟ କର୍ମଚାରୀ ପ୍ରଦୀପ ବାରିକ, ଲଲାଟେନ୍ଦୁ ମହାପାତ୍ର, ସାମ୍ବାଦିକ ଅଭୟ ଦାସ, ମଲ୍ଲିକ ରିଜୱାନ, ସ୍ୱାଗତ ନାୟକ, ଦିଲ୍ଲୀପ ପରିଡ଼ା, ଅଜୟ ଷଡ଼ଙ୍ଗୀ, ସଞ୍ଜୀବ ଜେନା, ରାମଚନ୍ଦ୍ର ପଟ୍ଟନାୟକ, ସୋମନାଥ ସାହୁ, ଦେବାଶିଷ ମଲ୍ଲିକ ପ୍ରମୁଖ ଉତ୍କଳମଣିଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ପରେ ସହର ଉପକଣ୍ଠ ଖାନନଗର ସ୍ଥିତ ସମାଜ ଛାପାଖାନାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ଜିଲା ପରିଷଦ ସଭାପତି ଶ୍ରୀ ଦାଶ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମାଲ୍ୟାର୍ପଣ କରିବା ସହିତ ପୁଣ୍ୟାତ୍ମାଙ୍କୁ ମନେପକାଇଥିଲେ। ଆଇନଜୀବୀ ଶ୍ରୀ ଆଶ, ସମାଜ ବାଲେଶ୍ୱର ଶାଖା ଭାରପ୍ରାପ୍ତ ପରିଚାଳକ ଶ୍ରୀ ଜେନା, ବରିଷ୍ଠ ସହସମ୍ପାଦକ ଶ୍ରୀ ମେହେର ଓ ଡ. ଖଟୁଆ, ଛାପାଖାନା କର୍ମଚାରୀ ବିଭୁରଞ୍ଜନ ମହାରଣା, ଗୋକୁଳ ଚନ୍ଦ୍ର ରାଉତ, ସ୍ୱାଧୀନ ବେହେରା, ସାମ୍ବାଦିକ ଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସମାଜ ଅଫିସ ପରିସରରେ ବ୍ୟୁରୋ ମୁଖ୍ୟ ଶ୍ରୀ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍କଳମଣିଙ୍କ ଜୀବନାଦର୍ଶ ସମ୍ପର୍କିତ ସ୍ମୃତି-ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ଜିଲା ପରିଷଦ ସଭାପତି ଶ୍ରୀ ଦାଶ, ବାଲେଶ୍ୱର ବାର ଆସୋସିଏସନ ସଭାପତି ମନୋଜ ନାୟକ, ଫକୀର ମୋହନ ସାହିତ୍ୟ ପରିଷଦ ସମ୍ପାଦକ ଡ. ରତ୍ନାକର ସିଂହ, ପ୍ରଫେସର ଶ୍ରୀ ମଲ୍ଲିକ, କବି ପ୍ରଶାନ୍ତ ଦାସ, ସାହିତ୍ୟିକ ଡ. ହରପ୍ରସାଦ ପାଳ, ଆଇନଜୀବୀ ଅଶୋକ ସେନାପତି, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ଶିକ୍ଷାବିତ୍ ଡ. ରାଧାରଂଜନ ପଟ୍ଟନାୟକ, ସମାଜସେବୀ ରଘୁନାଥ ଲେଙ୍କା, ରଞ୍ଜନ ଭୋଇ, ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳ, ସମାଜର ବରିଷ୍ଠ ସହସମ୍ପାଦକ ଶ୍ରୀ ମେହେର ପ୍ରମୁଖ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁଙ୍କ ବହୁମୁଖୀ ପ୍ରତିଭା ଓ ସେବାକାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟର ଦୁଃଖ ଦେଖି ଯାହାଙ୍କ ଆନ୍ତରାତ୍ମା କାନ୍ଦି ଉଠୁଥିଲା, ସେଭଳି ମହାନ ବ୍ୟକ୍ତିତ୍ୱ ଆଉ ଏ ଓଡ଼ିଶା ମାଟିରେ କେବେ ଜନ୍ମ ନେବେ କି ନାହିଁ ତାହା ସମସ୍ତଙ୍କ ପାଇଁ ବିରାଟ ପ୍ରଶ୍ନ ହୋଇଛି ବୋଲି ସେମାନେ କହିଥିଲ। ତାଙ୍କ ଆଦର୍ଶରୁ କିଞ୍ଚିତ ମାତ୍ରରେ ଅନୁପ୍ରାଣୀତ ହୋଇପାରିଲେ, ଉତ୍କଳମଣିଙ୍କ ପାଇଁ ତାହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଏହି ସ୍ମୃତିସଭାରେ ମତ ପ୍ରକାଶ ପାଇଥିଲା। ସେହିଭଳି ଏହି ମହାନ ବ୍ୟକ୍ତିତ୍ୱଙ୍କ ନାମରେ ବାଲେଶ୍ୱର ସହରର ଏକ ରାସ୍ତାକୁ ନାମିତ କରିବା ପାଇଁ ବକ୍ତାମାନେ ଏହି ସଭାରେ ଦାବି କରିଥିଲେ। ଆଗାମୀ ଦିନରେ ଏ ସମ୍ପର୍କରେ ପ୍ରଶାସନ ସହ ଆଲୋଚନା କରିବେ ବୋଲି ସେମାନେ ସ୍ପଷ୍ଟ କରିଥିଲେ। ‘ସମାଜ’ ଭାରପ୍ରାପ୍ତ ଶାଖା ପରିଚାଳକ ଶ୍ରୀ ଜେନା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସହସମ୍ପାଦକ ଡ. ଖଟୁଆ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଲଇକେରା ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର: ୩୨ଟି ଅଭିଯୋଗ ପଞ୍ଜୀକୃତ

ଝାରସୁଗୁଡ଼ା, ୧୩ ଜୁଲାଇ (ହି.ସ.)- ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ଓ ସରକାରୀ ସେବାକୁ ସେମାନଙ୍କ ନିକଟରେ ପହଂଚାଇବା ଲକ୍ଷ୍ୟରେ ଲଇକେରା ବ୍ଲକ କାର୍ଯ୍ୟାଳୟ ଠାରେ ଆଜି ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇଥିଲେ। ଏଥିସହ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ବ୍ଲକ ଉନ୍ନୟନ ଅଧିକାରୀ ଜଜ ଡୁଙ୍ଗଡୁଙ୍ଗଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଆପତ୍ତି ଅଭିଯୋଗର ପ୍ରତ୍ୟକ୍ଷ ଶୁଣାଣି କରିଥିଲେ। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଅଂଚଳର ବହୁ ସଂଖ୍ୟକ ଜନସାଧାରଣ ନିଜ ନିଜର ସମସ୍ୟା ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହି ଶୁଣାଣି ଶିବିରରେ ମୋଟ ୩୨ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଅଭିଯୋଗ ହୋଇଥିବା ବେଳେ ୯ଟି ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ରହିଥିଲା। ଏହି ଶିବିରରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ, ଜମି ଜମା ବିବାଦର ସମାଧାନ, ଜମି ଚିହ୍ନଟ ଏବଂ ସରକାରୀ ଜମି ପଟ୍ଟା ଆବଣ୍ଟନ ଭଳି ରାଜସ୍ୱ ସମ୍ପର୍କିତ ମାମଲା ସମ୍ବନ୍ଧୀୟ ଶୁଣାଣି କରାଯାଇଥିଲା। ଏହା ବ୍ୟତୀତ ଅଂଚଳର ପାନୀୟ ଜଳ ସମସ୍ୟାର ଦୂରୀକରଣ, ନୂତନ ନଳକୂପ ସ୍ଥାପନ ଏବଂ ଉତ୍ତମ ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ଭଳି ଦାବି ଉପରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଦୁଇଦିନିଆ ଜିଲ୍ଲା ସ୍ତରୀୟ ବ୍ୟାଡ଼ମିଂଟନ ଚମ୍ପିଆନସିପ ଉଦ୍‌ଯାପିତ

ମାଲକାନଗିରି, ୧୪/୦୭ (ନି.ପ୍ର): ମାଲକାନଗିରି ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ଏନେକ୍ସ ସନରାଇଜ୍ ତରଫରୁ ଚାଲିଥିବା ଦୁଇଦିନିଆ ଜିଲ୍ଲା ସ୍ତରୀୟ ବ୍ୟାଡ଼ମିଂଟନ ଚମ୍ପିଆନସିପ ଉଦଯାପିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଉପସ୍ଥିତ ରହିଥିଲେ । ଏହି ଟୁର୍ନାମେଂଟରେ ସିଙ୍ଗଲ ଓ ଡବଲ ବିଭାଗରେ ୩୦ରୁ ଉର୍ଦ୍ଧ୍ୱଟିମ୍ ଅଂଶଗ୍ରହଣ କରିଥିଲେ । ଜିଲ୍ଲାରେ ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ପାଇଁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚ ଅତ୍ୟନ୍ତ ରୋମାଚଂକର ହୋଇଥିଲା । ଦଳ ମାନଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା ।ଶେଷରେ ବିଜେତା ମାନଙ୍କୁ ପୁରସ୍କାର, ଟ୍ରଫି ଓ ମାନପତ୍ର ଅତିଥି ମାନଙ୍କ ଦ୍ୱାରା ବିତରଣ କରାଯାଇଥିଲା। ଜିଲ୍ଲାପାଳ ଓ ଏସପି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ଚଡେଇରଗଡା ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଗଠନ

ଭୁବନ, ୧୪/୦୭ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ଚଡେଇରଗଡା ପ୍ରାଥମିକ ବିଦ୍ୟାଳୟର ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଛି । ବିଦ୍ୟାଳୟରେ ୧୦୦ରୁ କମ ଛାତ୍ରଛାତ୍ରୀ ପଢୁଥିବାରୁ ୧୫ ଜଣିଆ କମିଟି ଗଠନ କରାଯାଇଛି। ପରିଚାଳନା କମିଟିର ଅଧକ୍ଷ ଭାବରେ ମାୟାଧର ଦେହୁରୀ, ଉପାଧ୍ୟକ୍ଷା ଭାବରେ ଭାରତୀ ଦେହୁରୀ ମନୋନୀତ ହୋଇଥିବା ବେଳେ ପଙ୍କଜିନୀ ମହାନ୍ତ,ଚନ୍ଦନୀ ଦେହୁରୀ, ଜୟମୁନୀ ଦେହୁରୀ, ରୂପାଲି ବେହେରା, ପାର୍ବତୀ ଦାସ,ନିର୍ମଳ ମହାରଣା,ଶିବୁ ସୋରେନ, ଧନେଶ୍ୱର ମୁଣ୍ଡା, ବିଶ୍ୱନାଥ ଚାତାର ସଭ୍ୟ/ସଭ୍ୟା ଭାବେ ମନୋନୀତ ହୋଇଥିଲେ । ୱାର୍ଡ ସଭ୍ୟ ମୋହନ ଦେହୁରୀ, ଅଙ୍ଗନବାଡି କର୍ମୀ ନିରୂପମା ଦେହୁରୀ, ସହକାରୀ ଶିକ୍ଷକ ଅଶୋକ କୁମାର ପଣ୍ଡା ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପାଣିଗ୍ରାହୀ ସମ୍ପାଦକ ଭାବେ କାର୍ଯ୍ୟ କରିବେ । ପର୍ଯ୍ୟବେକ୍ଷକ ଭାବେ ବିରାଶାଳ କ୍ଲଷ୍ଟରର ସିଆରସିସି ସୁଶୀଲ କୁମାର ନାୟକ ଓ ରହଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ଦେହୁରୀ ଯୋଗଦେଇଥିଲେ। ସମସ୍ତ ସଭ୍ୟସଭ୍ୟାଙ୍କୁ ଶପଥ ପାଠ କରାଯିବା ସହ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟଟି ପ୍ରାଥମିକ ବିଦ୍ୟାଳୟରୁ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଣତ ହେବାକୁ ଯାଉଥିବାରୁ ସଭ୍ୟସଭ୍ୟାମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା।

# ଖଲ୍ଲିକୋଟରେ ରାଜ୍ୟ ବାର୍ ଆସୋସିଏସନ୍ ସଭାପତି ଲଲାଟେନ୍ଦୁ ସାମନ୍ତରାଙ୍କୁ ସମ୍ବର୍ଦ୍ଧନା

ଗଞ୍ଜାମ, ୧୪/୦୭ (ନି.ପ୍ର): ଖଲ୍ଲିକୋଟ ସହର ନିକଟ ନୃସିଂହଚରଣ କନଭେନସନ ପରିସରରେ ରବିବାର ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ପକ୍ଷରୁ ଖଲିକୋଟରେ ଜନ୍ମଗ୍ରହଣ କରିଥିବା ହାଇକୋର୍ଟ ବାର ଆସୋସିଏସନ ସଭାପତି ଲଲାଟେନ୍ଦୁ ସାମନ୍ତରାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।ସମ୍ବର୍ଦ୍ଧନାର ଉତରରେ ଶ୍ରୀ ସାମନ୍ତରା ଆଇନଜୀବୀମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ତଳ କୋର୍ଟରେ କାର୍ଯ୍ୟ କରୁଥିବା ଆଇନଜୀବୀ ମାନେ ହାଇକୋର୍ଟରେ କାର୍ଯ୍ୟ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ତାଙ୍କ ନିଜ ବାସସ୍ଥାନ ଖଲିକୋଟରେ ଏଭଳି କାର୍ଯ୍ୟକ୍ରମ କରିଥିବାରୁ ଅନୁଷ୍ଠାନକୁ ଭୂୟସୀ ପ୍ରଶଂସା କରିଥିଲେ । ଏଥିସହ ଖଲ୍ଲିକୋଟର ଐତିହ୍ୟ ପ୍ରକାଶ କରିବା ସହ ସମସ୍ତ ଆଇନଜୀବୀଙ୍କୁ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମର ସଭାପତି ବିପ୍ଳବୀ କବୀ ପ୍ରଶାନ୍ତ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ ତାଙ୍କ ଭାଷଣରେ ଆଜି ରାଜ୍ୟ ବାର୍ ଆସୋସିଏସନ୍ ର ସଭାପତିଙ୍କୁ ସମ୍ବର୍ଦ୍ଧନା ସଭାରେ ତାଙ୍କୁ ସ୍ୱାଗତ କରିବାସହ ଜଣେ ବରିଷ୍ଠ ସାମ୍ବାଦିକ ଜୀବନର ଅନୁଭବକୁ ମୁଁ ପ୍ରକାଶ କରିବାକୁ ଉଚିତ୍ ମନେ କରୁଛି। ଆଜି ଆମେ ଏକ ସ୍ୱାଧୀନ ଦେଶର ନାଗରିକ ଭାବେ ବାବାସାହେବ ଆମ୍ବେଦକରଙ୍କ ନେତୃତ୍ୱରେ ଏକ ସମ୍ବିଧାନ ପାଇଛୁ ଯାହାଦ୍ୱାରା ବିଚାରଳୟକୁ ସ୍ୱତନ୍ତ୍ର ଓ ସ୍ୱାଧୀନ ରୂପେ ରହିବାକୁ କ୍ଷମତା ଦିଆଯାଇଛି। କିନ୍ତୁ, ଆଜି ବିଚାରାଳୟଗୁଡ଼ିକ ବିଶ୍ୱାସନୀୟତା ସଙ୍କଟରେ ରହିଛି । ସ୍ୱାଧୀନତା ରହିଛିକି, ସମସ୍ତ ବିଚାରପତିମାନଙ୍କ ପାଖରେ ସାଧୁତା ରହିଛିକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସେହିପରି ଓକିଲମାନଙ୍କ ମଧ୍ୟରେ ସେପରି ମାନସିକତା ଓ ଏକତା ଅଛିକି ନ୍ୟାୟାଳୟକୁ ସ୍ୱାଧୀନ ଓ ଭ୍ରଷ୍ଟାଚାରର ମୁକ୍ତ ରଖିବା ପାଇଁ ଅଭିଯାନ କରିବାକୁ। ନିକଟରେ ସୁପ୍ରିମକୋର୍ଟରେ ଘଟିଥିବା ଦୁଇ ଦୁଇଟି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ।ଶ୍ରୀ ରଥ କିହଲେ, ଆଜି ଗରିବ ଚାଷୀ, ଆଦିବାସୀ, ଦଳିତଙ୍କ ପାଇଁ ବିଚାର ପ୍ରକ୍ରିୟା ଅତି ମହଙ୍ଗା ଓ ବର୍ଷ ବର୍ଷ ଧରି ଲୋକେ ଜେଲରେ ବିନା ଜାମିନରେ ସଢୁଛନ୍ତି। କିନ୍ତୁ, କର୍ପୋରେଟ ମାନଙ୍କ ପାଇଁ ସହଜରେ ମାମଲା ଶୀଘ୍ର ଫୈସଲା ହୋଇଯାଉଛି। ଦେଶରେ ପରିବେଶ ସୁରକ୍ଷା ପାଇଁ ବିକାଶ ନାମରେ ବିନାଶକୁ ରୋକିବା ପାଇଁ କୋର୍ଟକୁ ଗଲେ ପ୍ରଧାନ ବିଚାରପତି କହୁଛନ୍ତି ବିକାଶ ବିରୋଧୀ। ଭୋଟ ତାଲିକାରୁ ବାଦ୍ ଦିଆଗଲେ ମୌଳିକ ଅଧିକାର ସୁରକ୍ଷାପାଇଁ ଅପିଲ କଲେ ଉଚ୍ଚତମ ନ୍ୟାୟାଳୟ କହିଛନ୍ତି ଏଥର ନହେଲେ ଆରଥରକୁ ଭୋଟ ଦେବ। ଏପରି ବିଚାର ଚାଲିଥିବାବେଳେ ଦେଶର ଆଡଭୋକେଟ୍ ମାନେ ସ୍ୱର ଉତୋଳନ କରିବା ଏକାନ୍ତ ଜରୁରୀ। ନ୍ୟାୟାଳୟର ଅସଲ ସ୍ୱର ହେଉଛନ୍ତି ସ୍ୱାଧୀନ ପ୍ରସରେ ଥିବା ଓକିଲ ସମାଜ। ମୋର ଆହ୍ୱାନ ବର୍ତମାନର ବାର ଆସୋସିଏସନର ସଭାପତି ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ଜିଲ୍ଲା କୋର୍ଟ ମାନଙ୍କରେ ଏକ ଜନବାଦୀ ନ୍ୟାୟ ପ୍ରକ୍ରିୟାର ପରିବେଶ ସୃଷ୍ଟି କରିବାକୁ ଉଦ୍ୟମ କରିବେ ଓ ଗଞ୍ଜାମର ନାମ ରଖିବେ। ଏଥିସହ ଖଲିକୋଟର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଓଡ଼ିଶା ହାଇକୋର୍ଟ ବାର ସଭାପତି ଲଲାଟେନ୍ଦୁ ସାମନ୍ତରା, ଅଭ୍ୟର୍ଥନା କମିଟି ଅଧକ୍ଷ ରାମମୋହନ ପଣ୍ଡା, ଆସିକା ବାର୍ ସଭାପତି ଛବିଳ ରାମ ମିଶ୍ର, ପୁରୁଷୋତମପୁର ବାର୍ ସଭାପତି ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଖଲ୍ଲିକୋଟ ବାର୍ ସଭାପତି ସନ୍ତୋଷ ମିଶ୍ର, କବିସୂର୍ଯ୍ୟ ନଗର ବାର୍ ସଭାପତି ସୁକୁମାର ମାଝୀ ପ୍ରମୁଖ ମଂଚାସିନ ଥିଲେ। ଖଲ୍ଲିକୋଟ ମାଟିର ସୁଯୋଗ୍ୟ ସନ୍ତାନ ତଥା ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରା ଚଳିତ ବର୍ଷ ବାର୍ ପ୍ରେସିଡେଂଟ ରୂପେ ନିର୍ବାଚିତ ହୋଇଥିବାରୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଥମେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର ମୁଖ୍ୟ ଅତିଥି ରବି ରଥଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ସେହିପରି ଖଲ୍ଲିକୋଟ ବାର୍ ସଭାପତି ସନ୍ତୋଷ ମିଶ୍ର, ରାଜେନ୍ଦ୍ର ରଥ, ପ୍ରଶାନ୍ତ ପଣ୍ଡା, ମେଘନାଦ ଦଳେଇ, ହିଞ୍ଜିଳିକାଟୁ ବାର୍ ସଭାପତିଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ଖଲ୍ଲିକୋଟ ବରିଷ୍ଠ ନାଗରିକ ମଂଚ ସଭାପତି ଡଃ. ହରପ୍ରସାଦ ମହାପାତ୍ର, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ବଣିକ ସଂଘର ସଭାପତି ଅଶୋକ ପୃଷ୍ଟି, ବରିଷ୍ଠ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ରଥ, ଅବଦୁଲ କାଲାମ ଜନକଲ୍ୟାଣ ଟ୍ରଷ୍ଟ ସଭାପତି ପୂର୍ଣ୍ଣଚନ୍ଦ୍ର ବେଝହେରା, ସମ୍ପାଦକ ପଂଚାନନ ସୁର, ବରିଷ୍ଠ ସାହିତ୍ୟିକ ସୁଶାନ୍ତ କର ଶୁଭେଚ୍ଛା ଜଣାଇଥିଲେ । ଖଲ୍ଲିକୋଟ ବଣିକ ସଂଘ, କଳାକାର ସଂଘ ପକ୍ଷରୁ ସାମନ୍ତରାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଆଇନଜୀବି, ଲେଖିକା ଲେଖକ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନୂଆପଡ଼ା, ୧୪/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପରିସରରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କ ଅଭିଯୋଗର ଶୀଘ୍ର ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ମୋଟ ୭୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୬୧ଟି ବ୍ୟକ୍ତିଗତ ଏବଂ ୧୩ଟି ସାମୂହିକ ଅଭିଯୋଗ ରହିଥିଲା। ଜିଲ୍ଲାପାଳ ଶ୍ରୀ ଦାଶ ପ୍ରତ୍ୟେକ ଅଭିଯୋଗର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଅଭିଯୋଗ ଗୁଡ଼ିକର ଶୀଘ୍ର ଏବଂ ଫଳପ୍ରଦ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସାହାନାଜ ବେଗମ ଏବଂ ଜଗଦୀଶ ଦୀପଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏଁ ତତ୍କାଳୀନ ସହାୟତା ପ୍ରଦାନ କରାଯାଇଥିଲା। ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୌଶଲ୍ୟା ମାଝୀ (ଦର୍ଲିପଡ଼ା ଗ୍ରାମ ପଂଚାୟତ), ନୀଳଚକ୍ର ମାଝୀ (ପେଣ୍ଡ୍ରାବନ ଗ୍ରାମ ପଂଚାୟତ) ଏବଂ ଦୟାନିଧି ଦୁରିଆ (ବୁଦ୍ଧିକୋମନା ଗ୍ରାମ ପଂଚାୟତ)ଙ୍କୁ ‘ସ୍ୱଚ୍ଛତା ଦୂତ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ. ଦ୍ୱାରିକାନାଥ ଶତପଥୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଂଜିତ ନାୟକ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, କୋମନା ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ଜିଲ୍ଲାପାଳ ଶେଖ ନସୀମ, କୋମନା ବିଡିଓ ପବିତ୍ର କୁମାର ସାମଲ, ତହସିଲଦାର ସର୍ବେଶ୍ୱର ଜାଲ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ ବିଭାଗର ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସହ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ଶିବିର ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଏବଂ ଆୟୁଷ୍ମାନ ଆରୋଗ୍ୟ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା।

# ଯାତ୍ରା ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୧୪/୦୭ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ରଥଯାତ୍ରା ବା ଗହଳି ଜନ୍ୟ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ଥାନକୁ ଗଲେ ବିଭିନ୍ନ ଭୂତାଣୁ ସଂକ୍ରମଣ ଯୋଗୁ ଫ୍ଲୁ ଜାତୀୟ ରୋଗ, ଥଣ୍ଡା, ଜ୍ୱର, ଆକ୍ଷିଧରା, କୋଭିଡ଼ ହେବ। ଭିଡର ଧୂଳି, ମାଛି ବସା ଖାଦ୍ୟ ଖାଇଲେ ଅତିସାର, ବାନ୍ତି, ଦଳାଚକଟାରୁ ଆଘାତ ହେବ। ଶିଶୁଙ୍କୁ ଆଦୌ ନିଅନ୍ତୁ ନାହିଁ, ଅଧିକ ପରିଷ୍କାର ପାଣି ପିଅନ୍ତୁ । ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ, ସ୍ତ୍ରୀ ରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ‘ଇନୋଭେସନ୍ ଆଣ୍ଡ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୧୪/୦୭ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁରର ଇନୋଭେସନ୍ ଆଣ୍ଡ ଷ୍ଟାର୍ଟ-ଅପ୍ କମ୍ପିଟିସନ୍ ସେଲ୍ ପକ୍ଷରୁ ‘ଇନୋଭେସନ୍ ଆଣ୍ଡ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା-୨୦୨୬‘ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନବସୃଜନ, ଉଦ୍ଭାବନ ଓ ଉଦ୍ୟୋଗୀ ମନୋଭାବର ବିକାଶ ଘଟାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରୁ ୧୦୦ରୁ ଅଧିକ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଉତ୍ସାହର ସହ ଯୋଗଦାନ କରିଥିଲେ।ଏହି ସଚେତନତା କାର୍ଯ୍ୟକ୍ରମକୁ ଶ୍ରୀ ସଚିନ କୁମାର ନାୟକ, ସହକାରୀ ଅଧ୍ୟାପକ, ବାଣିଜ୍ୟ ବିଭାଗ ତଥା ଇନୋଭେସନ୍ ଆଣ୍ଡ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା-୨୦୨୬ର ସଂଯୋଜକ, ଏବଂ ଡ଼ଃ ଅରୁଣ କୁମାର ରାଜ, ସିଙ୍ଗଲ ପଏଂଟ କଂଟାକ୍ଟ ଅଫିସରଙ୍କ ତତ୍ତ୍ୱାବଧାନରେ ସୁଚାରୁରୂପେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମଟି ସୂଚନାପୂର୍ଣ୍ଣ ଓ ପରସ୍ପର କ୍ରିୟାଶୀଳ ଢଙ୍ଗରେ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ପି.ଜି. କାଉନସିଲର ଅଧକ୍ଷ ଡ଼ଃ. ପ୍ରଶାନ୍ତ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୃଜନଶୀଳ ଚିନ୍ତାଧାରା ବିକଶିତ କରିବା, ସ୍ଥାନୀୟ ଓ ସାମାଜିକ ସମସ୍ୟାର ନବସୃଜନାତ୍ମକ ସମାଧାନ ଖୋଜିବା ଏବଂ ପ୍ରତିଯୋଗିତାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ। ବୈଷୟିକ ଅଧିବେଶନରେ ସଚିନ କୁମାର ନାୟକ ପାୱାର ପଏଂଟ ପ୍ରେଜେଂଟେଂସନ୍ ମାଧ୍ୟମରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣୀତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର ଏବଂ ପ୍ରତିଯୋଗିତାର ବିସ୍ତୃତ ନିର୍ଦ୍ଦେଶାବଳୀ ଉପସ୍ଥାପନ କରିଥିଲେ। ସେ ପ୍ରତିଯୋଗିତାର ପ୍ରକ୍ରିୟା, ଯୋଗ୍ୟତା, ବିଭିନ୍ନ ବିଷୟଭିତ୍ତିକ ଶ୍ରେଣୀ, ମୂଲ୍ୟାୟନ ପ୍ରକ୍ରିୟା ଓ ପ୍ରସ୍ତାବ ଦାଖଲ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେ ତିନି ପର୍ଯ୍ୟାୟ ବିଶିଷ୍ଟ ଏହି ପ୍ରତିଯୋଗିତାରେ ମିଳୁଥିବା ଆର୍ଥିକ ସହାୟତା ସମ୍ପର୍କରେ ମଧ ଆଲୋକପାତ କରିଥିଲେ। ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ବିଶ୍ୱବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ୭ଟି ପ୍ରସ୍ତାବକୁ ପ୍ରତିଟି ପାଇଁ ୧,୦୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ। ପରବର୍ତୀ ପର୍ଯ୍ୟାୟରେ ଏହି ଦଳଗୁଡ଼ିକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯେଉଁଠାରେ ଶ୍ରେଷ୍ଠ ୧୦ଟି ପ୍ରସ୍ତାବକୁ ପ୍ରତିଟି ପାଇଁ ୫,୦୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ, ଯାହା ସେମାନଙ୍କର ଉଦ୍ଭାବନକୁ ସଫଳ ଷ୍ଟାର୍ଟ-ଅପ୍ରେ ପରିଣତ କରିବାରେ ସହାୟକ ହେବ। କାର୍ଯ୍ୟକ୍ରମର ଶେଷରେ ଏକ ପ୍ରଶ୍ନୋତର ପର୍ବ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରି ନିଜର ସନ୍ଦେହ ଦୂର କରିଥିଲେ ଏବଂ ବିଭିନ୍ନ ନବସୃଜନାତ୍ମକ ପ୍ରକଳ୍ପ ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ।

# ରେଳ ପ୍ରକଳ୍ପ ଜମି ଅଧିଗ୍ରହଣ କ୍ଷତିପୂରଣ ପ୍ରଦାନରେ ଅନିୟମିତତାକୁ ନେଇ କ୍ଷତିଗ୍ରସ୍ତ ପରିବାର ସଦସ୍ୟଙ୍କ ଧାରଣା

ମାଲକାନଗିରି, ୧୪/୦୭ (ନି.ପ୍ର): ଆଜି ମାଥିଲି ତହସିଲ ସମ୍ମୁଖରେ ରେଳ ପ୍ରକଳ୍ପ ଜମି ଅଧିଗ୍ରହଣ କ୍ଷତି ପୂରଣ ପ୍ରଦାନରେ ଅନିୟମିତତାକୁ ନେଇ କ୍ଷତିଗ୍ରସ୍ତ ହୋଇଥିବା ତିନି ବ୍ୟକ୍ତି ସୁଭଦ୍ରା ନାୟକ, ଉଦ୍ଧବ ନାୟକ ଓ ଡମ୍ବୁଣୀ ନାୟକ ସମେତ ସମାଜସେବୀ ଶରତ ଚନ୍ଦ୍ର ବୁରୁଦା ଓ ଅନ୍ୟ ପରିବାର ସଦସ୍ୟମାନେ ଧାରଣା ଦେଇଥିଲେ। ତହସିଲଦାର ଏବଂ ଅନ୍ୟ ଅଧିକାରୀମାନେ ଧାରଣାସ୍ଥଳରେ ପହଂଚି ସମସ୍ତଙ୍କୁ ବୁଝାସୁଝା କରିଥିଲେ। ଆସନ୍ତା ବୁଧବାର ଉପଜିଲ୍ଲାପାଳଙ୍କ କୋର୍ଟରେ ଏହାର ଫଇସଲା କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଭୁଲକୁ ସ୍ୱୀକାର କରିଥିଲେ। ବହୁ ଅନୁରୋଧ ପରେ କ୍ଷତିଗ୍ରସ୍ତ ବ୍ୟକ୍ତିମାନେ ଓ ପରିବାର ଲୋକେ ଧାରଣାରୁ ହଟିଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କ ଅଭିଯୋଗ ଅନୁସାରେ, ଜୀବିତ ବ୍ୟକ୍ତିମାନଙ୍କୁ ମୃତ ଘୋଷିତ କରି କ୍ଷତିପୂରଣରୁ ବାଦ ଦିଆଯାଇଛି। ଏନେଇ ଜୀବିତ କ୍ଷତିଗ୍ରସ୍ତ ମାନେ ବାରମ୍ବାର ତହିସଲ କାର୍ଯ୍ୟାଳୟରୁ ଆରମ୍ଭ କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଛନ୍ତି। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା କି କାର୍ଯ୍ୟାଳୟ ପକ୍ଷରୁ ତ୍ରୁଟିର ସଂଶୋଧନ ହୋଇନଥିଲା। ସୂଚନାଯୋଗ୍ୟ, ପୀଡ଼ିତା ସୁଭଦ୍ରା ନାୟକ ପ୍ରଥମେ ସମ୍ପୃକ୍ତ ଜମି ଅଧିଗ୍ରହଣ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ପରବର୍ତୀ ସମୟରେ ସେ ଜିଲ୍ଲା ପ୍ରଶାସନଙ୍କ ନିକଟରେ ମଧ ବାରମ୍ବାର ଅଭିଯୋଗ କରିଥିଲେ। ତଥାପି ସନ୍ତୋଷଜନକ ସମାଧାନ ନ ମିଳିବାରୁ ସେ ସମାଜସେବୀ ଶରତ ଚନ୍ଦ୍ର ବୁରୁଦାଙ୍କ ନିକଟରେ ସହାୟତା ପାଇଁ ଅନୁରୋଧ କରିଥିଲେ। ସମ୍ପୃକ୍ତ ଅଧିକାରୀ ମହିଳା ଜଣଙ୍କୁ ବିବାହିତ ହୋଇଥିବାରୁ ତାଙ୍କର ବାପାଙ୍କ ସମ୍ପତିରେ କୌଣସି ଅଧିକାର ନାହିଁ ବୋଲି ମତ ପ୍ରକାଶ କରିଥିଲେ। କିନ୍ତୁ ଭାରତୀୟ ଆଇନ ଅନୁଯାୟୀ ବିବାହିତ କନ୍ୟାଙ୍କର ମଧ ପୈତୃକ ସମ୍ପତିରେ ସମାନ ଅଧିକାର ରହିଛି। ଯଦି ଜଣେ ଜୀବିତ ମହିଳାଙ୍କୁ ସରକାରୀ ରେକର୍ଡରେ ମୃତ ଦର୍ଶାଇ କ୍ଷତିପୂରଣରୁ ବଂଚିତ କରାଯାଇଥାଏ, ତେବେ ଏହା କେବଳ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଜଣେ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଉପରେ ଗୁରୁତର ଆଘାତ ବୋଲି ସମାଜସେବୀ ଶରତ ଚନ୍ଦ୍ର ବୁରୁଦା ପ୍ରକାଶ କହିଛନ୍ତି। ପୁଣି ସମ୍ପୃକ୍ତ ଅଧିକାରୀମାନେ ବଂଶଜ ତାଲିକା ପ୍ରସ୍ତୁତି ସମୟରେ ସୁଭଦ୍ରା ନାୟକଙ୍କୁ ଜୀବିତ ଥିବା ସତ୍ତ୍ୱେ ମୃତ ଘୋଷଣା କରିଥିବା ବେଳେ, ଅନ୍ୟ ଦୁଇଜଣ ପ୍ରକୃତ ହିତାଧିକାରୀ ଉଦ୍ଧବ ଓ ଡମ୍ବୁଣୀଙ୍କ ନାମକୁ ମଧ ତାଲିକାରୁ ବାଦ ଦିଆଯାଇ ମୃତ ଘୋଷିତ କରି ସେମାନଙ୍କୁ କ୍ଷତିପୂରଣ ପ୍ରଦାନରୁ ବାଦ ଦିଆଯାଇଛି। ଯାହାଫଳରେ ପ୍ରକୃତ ହିତାଧିକାରୀମାନେ ସରକାରଙ୍କ ନିର୍ଦ୍ଧାରିତ କ୍ଷତିପୂରଣ ପାଇବାରୁ ବଂଚିତ ହୋଇଛନ୍ତି। ଏହି ସମସ୍ତ ବିଷୟ ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶ୍ରୀ ବୁରୁଦା ଦାବି କରିଛନ୍ତି।

# ସଦର ଥାନା ଭାଇରାଲ୍ ଭିଡିଓ ଘଟଣା: ମାମଲା ରୁଜୁ କଲା ପୋଲିସ

ଗଞ୍ଜାମ, ୧୪/୦୭ (ନି.ପ୍ର): ସୋସିଆଲ୍ ମିଡିଆରେ ଭାଇରାଲ୍ ଭିଡିଓ ସମ୍ପର୍କରେ ଯେଉଁଥିରେ ଜଣେ ଅଭିଯୁକ୍ତ ଏକ ବନ୍ଦ କୋଠରୀରେ ପୀଡିତାଙ୍କୁ ଗୁରୁତର ଭାବରେ ଆକ୍ରମଣ କରୁଥିବା ଦେଖାଯାଉଛି । ସୂଚନାଦାତା ସଦର ଥାନା ଅନ୍ତର୍ଗତ ଗ୍ରାମ-କୃପାସିନ୍ଧୁପୁରର ପ୍ରଶାନ୍ତ ଦାସଙ୍କ ଲିଖିତ ଅଭିଯୋଗକୁ ଭିତି କରି ସଦର ଥାନାରେ ଗତକାଲି ରାତିରେ ଏ ସଂକ୍ରାନ୍ତରେ ଏକ ଫୌଜଦାରୀ ମାମଲା ରୁଜୁ କରାଯାଇଛି। ସଦର ପିଏସ୍ ମାମଲା ନମ୍ବର ୪୪୫ ତାରିଖ ୧୨.୦୭.୨୬ ୟୁ/ଏସ ୧୨୭(୩)/୨୯୬/ ୧୧୫(୨)/୧୦୯/ ୩୫୧(୨)/୩(୫) ବିଏନଏସ ଆରଡବ୍ଲୁଏସ ୩(୨)(ଭି) ଏସସିଏସଟି ପିଓଏ ଆଇନରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଆର.ଶିବରାମ, କେ. ବୁଲୁ ଏବଂ ଅନ୍ୟମାନେ ଫେରାର ଅଛନ୍ତି ।

# ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଏବଂ ସାମାଜିକ ଜୀବନ ଦର୍ଶନ



ଡଃ ଅମୂଲ୍ୟ କୁମାର ପଣ୍ଡା

ଜଗନ୍ନାଥ ସଂସ୍କୃତି ଭାରତୀୟ ସନାତନ ପରମ୍ପରା, ପୁରାଣ, ଲୋକବିଶ୍ୱାସ ଏବଂ ଓଡ଼ିଆ ସାଂସ୍କୃତିକ ଐତିହ୍ୟର ଏକ ଅପୂର୍ବ ସମନ୍ୱୟ। ନେତ୍ରୋତ୍ସବର ପରମ୍ପରା ମଧ୍ୟ ଏହି ଦୀର୍ଘ ଆଧ୍ୟାତ୍ମିକ ପରମ୍ପରା ସହ ଜଡ଼ିତ। ଭକ୍ତମାନଙ୍କ ବିଶ୍ୱାସ ଅନୁଯାୟୀ, ଶ୍ରୀଜଗନ୍ନାଥ କେବଳ ଦାରୁବିଗ୍ରହ ନୁହନ୍ତି; ସେ ନିଜ ଭକ୍ତଙ୍କ ପାଇଁ ମାନବୀୟ ଲୀଳା କରନ୍ତି। ସେ ଜନ୍ମ, ସ୍ନାନ, ରୋଗ, ବିଶ୍ରାମ, ଚିକିତ୍ସା ଏବଂ ପୁନର୍ବାର ସୁସ୍ଥ ହେବାର ଲୀଳା ମାଧ୍ୟମରେ ମାନବଜୀବନର ବିଭିନ୍ନ ଅବସ୍ଥାକୁ ପ୍ରତିଫଳିତ କରନ୍ତି। ସ୍ନାନ ପୂର୍ଣ୍ଣିମାରେ ୧୦୮ ଘଟ ପବିତ୍ର ଜଳରେ ମହାସ୍ନାନ ପରେ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇଥିବାର ଲୀଳା କରନ୍ତି। ଅନବସର ସମୟରେ ସେ ଜନସାଧାରଣଙ୍କ ଦର୍ଶନରୁ ଦୂରେ ରହନ୍ତି। ଏହି ସମୟରେ ଶ୍ରୀଅଙ୍ଗର ନବୀକରଣ ସହିତ ନୂତନ ନେତ୍ର ଅଙ୍କନ କରାଯାଏ। ଏହାକୁ ନେତ୍ରୋତ୍ସବ କୁହାଯାଏ। 'ନେତ୍ରୋତ୍ସବ' ଶବ୍ଦଟି ଦୁଇଟି ଶବ୍ଦରୁ ଗଠିତ—'ନେତ୍ର' ଅର୍ଥ ଆଖି ଏବଂ 'ଉତ୍ସବ' ଅର୍ଥ ପର୍ବ। ଅର୍ଥାତ୍ ଶ୍ରୀବିଗ୍ରହଙ୍କ ନୂତନ ନେତ୍ର ଅଙ୍କନ ହେବାର ପବିତ୍ର ଅବସର ହେଉଛି ନେତ୍ରୋତ୍ସବ। ଆଖି ମନୁଷ୍ୟର ଜ୍ଞାନ, ଚେତନା ଓ ଦର୍ଶନର ପ୍ରତୀକ। ସେହିପରି ଶ୍ରୀଜଗନ୍ନାଥଙ୍କ ନେତ୍ର କେବଳ ଏକ କଳାତ୍ମକ ଅଙ୍କନ ନୁହେଁ; ଏହା ତାଙ୍କର ସର୍ବଜ୍ଞ, ସର୍ବଦର୍ଶୀ ଏବଂ କରୁଣାମୟ ସ୍ୱରୂପର ପ୍ରତୀକ। ଭକ୍ତମାନଙ୍କ ବିଶ୍ୱାସ ଯେ, ନେତ୍ରୋତ୍ସବ ପରେ ମହାପ୍ରଭୁ ପୁନର୍ବାର ସମଗ୍ର ବିଶ୍ୱ ଉପରେ ତାଙ୍କର କୃପାଦୃଷ୍ଟି ବର୍ଷା କରନ୍ତି। ଅନବସରର ଶେଷ ଦିନରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନେତ୍ର ଅଙ୍କନ କରାଯାଏ। ଏହି ନୀତି ଅତ୍ୟନ୍ତ ଗୁପ୍ତ ଓ ପବିତ୍ର। ନିର୍ଦ୍ଦିଷ୍ଟ ସେବକ ବ୍ୟତୀତ ଅନ୍ୟ କାହାକୁ ଏହି ସମୟରେ ଉପସ୍ଥିତ ରହିବାର ଅନୁମତି ନଥାଏ। ପ୍ରଥମେ ଶ୍ରୀଅଙ୍ଗରେ ନୂତନ ରଙ୍ଗ ଲଗାଯାଏ। ଏହାପରେ ମୁଖମଣ୍ଡଳକୁ ସୁନ୍ଦର ଭାବରେ ସଜାଯାଏ। ସବୁଶେଷରେ ନେତ୍ର ଅଙ୍କନ କରାଯାଏ। ନେତ୍ର ଅଙ୍କନ ସମାପ୍ତ ହେବା ପରେ ଶ୍ରୀବିଗ୍ରହଙ୍କ ରୂପ ପୂର୍ଣ୍ଣତା ପ୍ରାପ୍ତ କରେ। ଏହି ନୀତି ସମୟରେ ନିର୍ଦ୍ଦିଷ୍ଟ ମନ୍ତ୍ରୋଚ୍ଚାରଣ, ଶୁଦ୍ଧାଚାର ଓ ପାରମ୍ପରିକ ନିୟମ କଠୋର ଭାବରେ ପାଳନ କରାଯାଏ। ଚିତ୍ରକାର ସେବକମାନେ ଶ୍ରୀମନ୍ଦିରର ଏକ ପ୍ରାଚୀନ ସେବାୟତ ପରମ୍ପରାର ଅଂଶ। ସେମାନଙ୍କର ଦାୟିତ୍ୱ କେବଳ ଚିତ୍ର ଅଙ୍କନ ନୁହେଁ; ସେମାନେ ପିଢ଼ି ପରମ୍ପରାରେ ମହାପ୍ରଭୁଙ୍କ ରୂପ, ବେଶ ଓ ରଙ୍ଗର ପରମ୍ପରାକୁ ସୁରକ୍ଷିତ ରଖିଆସୁଛନ୍ତି। ନେତ୍ରୋତ୍ସବ ସମୟରେ ଚିତ୍ରକାର ସେବକମାନେ ଶ୍ରୀଅଙ୍ଗରେ ନୂତନ ରଙ୍ଗ ଦିଅନ୍ତି।, ମୁଖମଣ୍ଡଳର ଚିତ୍ରାଙ୍କନ କରନ୍ତି, ନେତ୍ର ଅଙ୍କନର ପବିତ୍ର ନୀତି ସମ୍ପନ୍ନ କରନ୍ତି, ପାରମ୍ପରିକ ରୂପ ଓ ଆକୃତିକୁ ଅବିକୃତ ରଖନ୍ତି, ଏହି ସେବାକୁ ସେମାନେ କେବଳ ବୃତ୍ତି ଭାବେ ନୁହେଁ, ବରଂ ଭକ୍ତି ଓ ଆଧ୍ୟାତ୍ମିକ ସାଧନା ଭାବରେ ଗ୍ରହଣ କରନ୍ତି।

ଅନବସର କାଳରେ ଦଇତାପତି ସେବକମାନଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ପରମ୍ପରା ଅନୁଯାୟୀ, ସେମାନେ ମହାପ୍ରଭୁଙ୍କୁ ପରିବାରର ସଦସ୍ୟ ପରି ସେବା କରନ୍ତି। ସେମାନେ ପ୍ରଭୁଙ୍କୁ ଔଷଧ, ପଥ୍ୟ, ଫଳ ଓ ବିଶେଷ ଭୋଗ ଅର୍ପଣ କରନ୍ତି। ଅନବସର ସମୟରେ ସେମାନେ, ମହାପ୍ରଭୁଙ୍କ ଶ୍ରୀଅଙ୍ଗର ଯତ୍ନ ନିଅନ୍ତି, ନବୀକରଣ କାର୍ଯ୍ୟରେ ସହଯୋଗ କରନ୍ତି, ଗୁପ୍ତ ନୀତିଗୁଡ଼ିକ ସମ୍ପାଦନ କରନ୍ତି, ନେତ୍ରୋତ୍ସବ ପୂର୍ବରୁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରନ୍ତି, ଦଇତାପତି ସେବା ଜଗନ୍ନାଥ ସଂସ୍କୃତିର ଏକ ଅନନ୍ୟ ପରମ୍ପରା, ଯାହା ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାକୁ ଜୀବନ୍ତ ରଖିଛି। ଶ୍ରୀଜଗନ୍ନାଥଙ୍କ ବଡ଼ ବଡ଼ ଗୋଲାକାର ନେତ୍ର ଭକ୍ତମାନଙ୍କ ପାଇଁ ଗଭୀର ଆଧ୍ୟାତ୍ମିକ ବାର୍ତ୍ତା ବହନ କରେ। ଏହି ନେତ୍ର ସମସ୍ତଙ୍କ ପ୍ରତି ସମାନ କୃପା, ସମଦୃଷ୍ଟି ଓ ସର୍ବବ୍ୟାପୀ ଚେତନାର ପ୍ରତୀକ। ମହାପ୍ରଭୁ କାହା ପ୍ରତି ପକ୍ଷପାତ କରନ୍ତି ନାହିଁ। ସେ ଧନୀ-ଦରିଦ୍ର, ଜାତି-ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଭାବରେ ଦେଖନ୍ତି। ନେତ୍ରୋତ୍ସବ ଆମକୁ ମଧ୍ୟ ଶିଖାଏ ଯେ ଆମେ ଜୀବନକୁ ସକାରାତ୍ମକ ଦୃଷ୍ଟିରେ ଦେଖିବା, ମନର ଅଜ୍ଞାନ ଦୂର କରି ଜ୍ଞାନର ଆଲୋକକୁ ଗ୍ରହଣ କରିବା ଉଚିତ। ନେତ୍ରୋତ୍ସବ କେବଳ ଏକ ଧାର୍ମିକ ନୀତି ନୁହେଁ, ଏହା ସମାଜ ପାଇଁ ମଧ୍ୟ ଏକ ଶିକ୍ଷା। ଯେପରି ମହାପ୍ରଭୁ ନୂତନ ନେତ୍ରରେ ସମସ୍ତଙ୍କୁ ଦେଖନ୍ତି, ସେହିପରି ଆମେ ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟର ସଂକୀର୍ଣ୍ଣତା ଛାଡ଼ି ମାନବତାର ଦୃଷ୍ଟିରେ ସମସ୍ତଙ୍କୁ ଦେଖିବା ଉଚିତ। ଏହି ପର୍ବ ଆମକୁ କ୍ଷମା, ପ୍ରେମ, ସହଯୋଗ, ସହିଷ୍ଣୁତା ଓ ସମତାର ଶିକ୍ଷା ପ୍ରଦାନ କରେ। ନେତ୍ରୋତ୍ସବ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିର ଏକ ଅତ୍ୟନ୍ତ ପବିତ୍ର ଓ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଏହି ନୀତିରେ ଚିତ୍ରକାର ଓ ଦଇତାପତି ସେବକମାନଙ୍କ ନିଷ୍ଠା, ଭକ୍ତି ଓ ପାରମ୍ପରିକ ଜ୍ଞାନର ଅଦ୍ଭୁତ ସମନ୍ୱୟ ଦେଖିବାକୁ ମିଳେ। ନୂତନ ନେତ୍ର ଅଙ୍କନ ସହ ମହାପ୍ରଭୁଙ୍କ ଦିବ୍ୟ ରୂପ ପୁନର୍ବାର ପୂର୍ଣ୍ଣତା ଲାଭ କରେ ଏବଂ ଭକ୍ତମାନେ ନବଯୌବନ ଦର୍ଶନ ପାଇଁ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା କରନ୍ତି। ନେତ୍ରୋତ୍ସବ ଭକ୍ତି, ଆଧ୍ୟାତ୍ମିକତା, କଳା ଓ ପରମ୍ପରାର ଏକ ଅନନ୍ୟ ସମନ୍ୱୟ, ଯାହା ଜଗନ୍ନାଥ ସଂସ୍କୃତିର ମହାନତାକୁ ପ୍ରତିଫଳିତ କରେ।

ଜଗନ୍ନାଥ ସଂସ୍କୃତିରେ ନବଯୌବନ ଦର୍ଶନ ଏକ ଅତ୍ୟନ୍ତ ପବିତ୍ର ଓ ଭାବପୂର୍ଣ୍ଣ ନୀତି। ସ୍ନାନଯାତ୍ରା ପରେ ପ୍ରାୟ ପନ୍ଦର ଦିନ ଧରି ଅନବସରରେ ରହିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ନୂତନ କାନ୍ତି, ନୂତନ ରୂପ ଓ ନୂତନ ନେତ୍ର ସହ ଭକ୍ତମାନଙ୍କୁ ପ୍ରଥମ ଥର ପାଇଁ ଦର୍ଶନ ଦିଅନ୍ତି। ଏହି ଦର୍ଶନକୁ ନବଯୌବନ ଦର୍ଶନ ବୋଲି କୁହାଯାଏ। 'ନବଯୌବନ'ର ଅର୍ଥ ହେଉଛି ନୂତନ ଯୌବନ, ନୂତନ ସୌନ୍ଦର୍ଯ୍ୟ, ନୂତନ ଉତ୍ସାହ ଓ ନୂତନ ଜୀବନଶକ୍ତି। ଏହି ଦର୍ଶନ ମାଧ୍ୟମରେ ମହାପ୍ରଭୁ ଭକ୍ତମାନଙ୍କୁ ନୂତନ ଆଶା, ନୂତନ ବିଶ୍ୱାସ ଓ ନୂତନ ଜୀବନର ବାର୍ତ୍ତା ପ୍ରଦାନ କରନ୍ତି। ଅନବସର ଶେଷରେ ନେତ୍ରୋତ୍ସବ ସମ୍ପନ୍ନ ହେବା ପରେ ଶ୍ରୀବିଗ୍ରହମାନଙ୍କୁ ସୁନ୍ଦର ବେଶରେ ସଜାଯାଏ। ଶ୍ରୀଅଙ୍ଗରେ ନୂତନ ରଙ୍ଗ, ମୁଖମଣ୍ଡଳରେ ଅପୂର୍ବ କାନ୍ତି ଏବଂ ନୂତନ ନେତ୍ର ଅଙ୍କନ ପରେ ମହାପ୍ରଭୁ ପୁନର୍ବାର ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଏହି ଦିନ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୁଏ। ସେବାୟତମାନେ ପାରମ୍ପରିକ ବିଧି ଅନୁଯାୟୀ ସମସ୍ତ ସେବା ସମ୍ପନ୍ନ କରନ୍ତି। ମହାପ୍ରଭୁଙ୍କ ଦିବ୍ୟ ରୂପ ଦେଖି ଭକ୍ତମାନେ ଆନନ୍ଦରେ ଆତ୍ମବିଭୋର ହୋଇଯାନ୍ତି। ନବଯୌବନ କେବଳ ଶାରୀରିକ ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ। ଏହା ଜୀବନର ନୂତନ ଆରମ୍ଭ, ନୂତନ ଚେତନା ଓ ନୂତନ ସମ୍ଭାବନାର ପ୍ରତୀକ। ଏହି ପର୍ବ ଆମକୁ ଶିଖାଏ ଯେ ଜୀବନରେ କଷ୍ଟ ପରେ ସୁଖ ଆସେ, ରୋଗ ପରେ ସୁସ୍ଥତା ଆସେ, ଅନ୍ଧକାର ପରେ ଆଲୋକ ଆସେ, ନିରାଶା ପରେ ଆଶାର ଉଦୟ ହୁଏ। ମହାପ୍ରଭୁଙ୍କ ନବଯୌବନ ରୂପ ମାନବ ସମାଜକୁ ସର୍ବଦା ଆଶାବାଦୀ ହୋଇ ରହିବାର ପ୍ରେରଣା ଦେଇଥାଏ। ଭକ୍ତମାନଙ୍କ ଭାବନା ଅନବସର ସମୟରେ ଭକ୍ତମାନେ ପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ରହନ୍ତି। ଏହି ବିରହର ସମୟ ଭକ୍ତଙ୍କ ହୃଦୟରେ ଅତ୍ୟନ୍ତ ଗଭୀର ଆକୁଳତା ସୃଷ୍ଟି କରେ। ନବଯୌବନ ଦର୍ଶନ ଦିନ ସେହି ଆକୁଳତା ଆନନ୍ଦରେ ପରିଣତ ହୁଏ। ଭକ୍ତମାନେ ଭାବବିହ୍ୱଳ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରନ୍ତି। ଅନେକ ଭକ୍ତଙ୍କ ଆଖିରେ ଆନନ୍ଦାଶ୍ରୁ ଆସିଯାଏ। ସେମାନଙ୍କ ବିଶ୍ୱାସ ଯେ, ନବଯୌବନ ଦର୍ଶନ କଲେ ଜୀବନରେ ସୁଖ, ଶାନ୍ତି ଓ ଆଧ୍ୟାତ୍ମିକ ଉନ୍ନତି ଲାଭ ହୁଏ।

ନବଯୌବନ ଦର୍ଶନ ଓ ରଥଯାତ୍ରା ପରସ୍ପର ସହ ନିବିଡ଼ ଭାବରେ ଜଡ଼ିତ। ଅନବସରରୁ ସୁସ୍ଥ ହୋଇ ନୂତନ ଯୌବନରେ ମହାପ୍ରଭୁ ପରଦିନ ରଥାରୋହଣ କରନ୍ତି। ସେ ତାଙ୍କ ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି। ଏହି କାରଣରୁ ନବଯୌବନ ଦର୍ଶନକୁ ରଥଯାତ୍ରାର ପୂର୍ବ ପ୍ରସ୍ତୁତି ବୋଲି କୁହାଯାଏ। ଏହା ରଥଯାତ୍ରାର ଆଧ୍ୟାତ୍ମିକ ଆରମ୍ଭ। ଜଗନ୍ନାଥ ସଂସ୍କୃତିରେ ପ୍ରତ୍ୟେକ ନୀତି ଜୀବନ ପାଇଁ ଏକ ଶିକ୍ଷା। ନବଯୌବନ ଦର୍ଶନ ଆମକୁ ଶିଖାଏ ଯେ ନିଜକୁ ସମୟ ସମୟରେ ନବୀକରଣ କରିବା, ଖରାପ ଅଭ୍ୟାସ ତ୍ୟାଗ କରି ଭଲ ଗୁଣ ଗ୍ରହଣ କରିବା, ନୂତନ ଉତ୍ସାହ ସହ କାର୍ଯ୍ୟ କରିବା, ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା। ଯେପରି ମହାପ୍ରଭୁ ନୂତନ ରୂପରେ ଦର୍ଶନ ଦିଅନ୍ତି, ସେହିପରି ମଣିଷ ମଧ୍ୟ ଆତ୍ମଶୁଦ୍ଧି ଓ ସତ୍କର୍ମ ଦ୍ୱାରା ନିଜ ଜୀବନକୁ ସୁନ୍ଦର କରିପାରେ। ନବଯୌବନ ଦର୍ଶନ ଭକ୍ତଙ୍କୁ କେବଳ ଦିବ୍ୟ ରୂପର ଦର୍ଶନ ଦିଏ ନାହିଁ; ଏହା ତାଙ୍କ ଅନ୍ତରାତ୍ମାକୁ ମଧ୍ୟ ଜାଗ୍ରତ କରେ।ଏହି ଦର୍ଶନ ଆମକୁ ସ୍ମରଣ କରାଏ ଯେ, ଈଶ୍ୱର ସଦା ଜୀବନ୍ତ, ତାଙ୍କର କୃପା କେବେ ଶେଷ ହୁଏ ନାହିଁ, ସେ ସମସ୍ତଙ୍କୁ ସମାନ ଭାବରେ ଭଲପାଆନ୍ତି, ଭକ୍ତି ହିଁ ଈଶ୍ୱରଙ୍କୁ ପ୍ରାପ୍ତ କରିବାର ସରଳ ପଥ, ନବଯୌବନ ଦର୍ଶନ ଭକ୍ତମାନଙ୍କ ମନରେ ଭକ୍ତି, ଶାନ୍ତି, ସନ୍ତୋଷ ଓ ଆତ୍ମବିଶ୍ୱାସର ସଞ୍ଚାର କରେ। ନବଯୌବନ ଦର୍ଶନ ଶ୍ରୀଜଗନ୍ନାଥଙ୍କ ଲୀଳାର ଏକ ଅତ୍ୟନ୍ତ ପବିତ୍ର ଓ ଆଧ୍ୟାତ୍ମିକ ଅଧ୍ୟାୟ। ଏହା କେବଳ ଏକ ଧାର୍ମିକ ଦର୍ଶନ ନୁହେଁ; ବରଂ ନୂତନ ଜୀବନ, ନୂତନ ଚେତନା, ନୂତନ ଆଶା ଓ ନୂତନ ଭକ୍ତିର ପ୍ରତୀକ। ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ଏହି ନବଯୌବନ ରୂପ ଭକ୍ତମାନଙ୍କ ହୃଦୟକୁ ଆନନ୍ଦ, ଉତ୍ସାହ ଓ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ କରିଦିଏ। ତେଣୁ ନବଯୌବନ ଦର୍ଶନ ଜଗନ୍ନାଥ ସଂସ୍କୃତିର ଏକ ଅମୂଲ୍ୟ ଐତିହ୍ୟ ଓ ଭକ୍ତମାନଙ୍କ ପାଇଁ ଅନନ୍ତ ଆଶୀର୍ବାଦର ମହାପର୍ବ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# ଆଧ୍ୟାତ୍ମିକତାର ମହାମିଳନ ଓ ଗଣପର୍ବ ଶ୍ରୀଗୁଣ୍ଡିଚା ଯାତ୍ରା:

## ଓଡିଶାର ସାଂସ୍କୃତିକ ଗୌରବ ଏବଂ ବିଶ୍ୱଭ୍ରାତୃତ୍ୱର ଅନନ୍ୟ ପ୍ରତୀକ



ସୌଭାଗ୍ୟ ରଂଜନ ମହାନ୍ତି

ଓଡିଆ ଜାତିର ପ୍ରାଣକେନ୍ଦ୍ର, ସଂସ୍କୃତିର ମୂଳଦୁଆ ଏବଂ ଆଧ୍ୟାତ୍ମିକ ଚେତନାର ସର୍ବୋଚ୍ଚ ଅଭିବ୍ୟକ୍ତି ହେଉଛି ପବିତ୍ର ଘୋଷଯାତ୍ରା ବା ରଥଯାତ୍ରା, ଯାହା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ସାରା ବିଶ୍ୱରେ ଓଡିଆ ଅସ୍ମିତା ଓ ମାନବିକତାର ସବୁଠାରୁ ବଡ ପରିଚୟ ଅଟେ। ଚଳିତ ବର୍ଷ ୨୦୨୬ ମସିହାର ଏହି ମହାପାବନ ଅବସରରେ ଶ୍ରୀକ୍ଷେତ୍ର ପୁରୀଠାରୁ ଆରମ୍ଭ କରି ପୃଥିବୀର ପ୍ରତିଟି କୋଣ ଅନୁକୋଣରେ ଥିବା ଓଡିଆ ଭାଇଭଉଣୀଙ୍କ ହୃଦୟରେ ଜଗନ୍ନାଥ ସଂସ୍କୃତିର ସେହି ଅନାବିଳ ପ୍ରେମ ଓ ଭକ୍ତିର ଜୁଆର ଖେଳିଯାଇଛି, ଯାହା ସମଗ୍ର ମାନବ ସମାଜକୁ ଏକତାର ସୂତ୍ରରେ ବାନ୍ଧିବାର ମହାନ ବାର୍ତ୍ତା ପ୍ରଦାନ କରେ। ରଥଯାତ୍ରା ହେଉଛି ଜାତି, ଧର୍ମ, ବର୍ଣ୍ଣ ଏବଂ ସୀମାର ପ୍ରାଚୀରକୁ ଭାଙ୍ଗି ସମସ୍ତଙ୍କୁ ଆପଣେଇ ନେବାର ଏକ ଅଲୌକିକ ମାଧ୍ୟମ, ଯେଉଁଠାରେ ବଡଦେଉଳର ଅନ୍ଧାରୁଆ ଗର୍ଭଗୃହରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ରତ୍ନବେଦୀ ଛାଡି ପତିତପାବନ ରୂପରେ ଜନସାଧାରଣଙ୍କ ମଧ୍ୟକୁ ଓହ୍ଲାଇ ଆସନ୍ତି। ଏହି ମହାଯାତ୍ରାର ସବୁଠାରୁ ବଡ ବିଶେଷତ୍ୱ ହେଉଛି ଏହାର ଗଣତାନ୍ତ୍ରୀକ ଏବଂ ସାର୍ବଜନୀନ ସ୍ୱରୁପ, କାରଣ ଯେଉଁମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରନ୍ତି ନାହିଁ, ସେହି ଦୀନ, ଦୁଃଖୀ, ନିଷ୍ପେଷିତ ଓ ପତିତ ମାନଙ୍କୁ ଉଦ୍ଧାର କରିବା ପାଇଁ ଜଗତର ନାଥ ନିଜେ ବଡଦାଣ୍ଡକୁ ଆସିଥାନ୍ତି, ଯାହା ଜଗନ୍ନାଥ ସଂସ୍କୃତିର ସମାନତା ଓ ମାନବବାଦର ଶ୍ରେଷ୍ଠ ନିଦର୍ଶନ ଅଟେ। ଓଡିଶାର ଇତିହାସ, ପରମ୍ପରା, କଳା, ସ୍ଥାପତ୍ୟ ଏବଂ ସଙ୍ଗୀତ ସବୁକିଛି ଏହି ରଥଯାତ୍ରା ଚାରିପାଖରେ ଆବର୍ତ୍ତିତ ହୋଇଥାଏ, ଯାହା ପ୍ରତିଟି ଓଡିଆର ରକ୍ତ କଣିକାରେ ସ୍ପନ୍ଦିତ ହୁଏ। ରଥଯାତ୍ରାର ପ୍ରସ୍ତୁତି ପବିତ୍ର ଅକ୍ଷୟ ତୃତୀୟ ତିଥିରୁ ରଥ ଅନୁକୂଳ ସହିତ ଆରମ୍ଭ ହୋଇଥାଏ, ଯେଉଁଠାରେ ବଂଶାନୁକ୍ରମିକ ଭାବେ ଶ୍ରୀମନ୍ଦିରର ବିଶ୍ୱକର୍ମା ମହାରଣା, କରତିଆ, ଭୋଇ ଏବଂ ରୂପକାର ସେବକମାନେ କୌଣସି ଆଧୁନିକ ଯନ୍ତ୍ରପାତି କିମ୍ବା ବ୍ଲୁ-ପ୍ରିଂଟ ବିନା କେବଳ ନିଜର ପାରମ୍ପରିକ ପଦ୍ଧତି ଓ ଦୁଇ ହାତର ଯାଦୁରେ ତିନୋଟି ବିଶାଳକାୟ ରଥ-ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ-ନିର୍ମାଣ କରିଥାନ୍ତି, ଯାହା ଓଡିଆ କାରିଗରୀ କଳାର ସର୍ବଶ୍ରେଷ୍ଠ ପ୍ରମାଣ ଏବଂ ଆମର ଯୁବପିଢି ପାଇଁ ଏକ ଅଭୁତ ଶିକ୍ଷଣୀୟ କଳା ଅଟେ। ରଥଯାତ୍ରାର ପୂର୍ବରୁ ଅନୁଷ୍ଠିତ ଦେବସ୍ନାନ ପୂର୍ଣ୍ଣିମା, ଅଣସର ଘରର ରହସ୍ୟମୟ ଉପଚାର ଏବଂ ନବଯୌବନ ଦର୍ଶନ ପରେ ଯେତେବେଳେ ଶ୍ରୀବିଗ୍ରହମାନଙ୍କର ଧାଡି ପହଣ୍ଡି ଆରମ୍ଭ ହୁଏ, ସେତେବେଳେ ଘଂଟ, କାହାଳୀ, ମର୍ଦ୍ଦଳରେ ତାଳେ ତାଳେ ଓ ହରିବୋଲ ଏବଂ ହୁଳହୁଳି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ, ଯାହା ଭକ୍ତ ଭଗବାନଙ୍କ ମଧ୍ୟରେ ଥିବା ନିବିଡ ସମ୍ପର୍କର ପରିପ୍ରକାଶ କରେ। ଏହା ପରେ ଗଜପତି ମହାରାଜାଙ୍କର ଦ୍ୱାରା ଅନୁଷ୍ଠିତ ହେଉଥିବା 'ଛେରା ପହଁରା' ନୀତି ଏକ ଶ୍ରେଷ୍ଠ ସାମାଜିକ ବାର୍ତ୍ତା ବହନ କରେ, ଯେଉଁଠାରେ ରାଜ୍ୟର ସର୍ବୋଚ୍ଚ ଶାସକ ବା ରାଜା ନିଜକୁ ମହାପ୍ରଭୁଙ୍କର ଆଦ୍ୟ ସେବକ ଭାବରେ ସ୍ୱୀକାର କରି ରଥ ଉପରେ ସୁନା ଝାଡୁରେ ସମ୍ମାର୍ଜନୀ କରନ୍ତି, ଯାହା ପ୍ରମାଣିତ କରେ ଯେ ଈଶ୍ୱରଙ୍କ ଦରବାରରେ କେହି ବଡ କିମ୍ବା ସାନ ନୁହଁନ୍ତି ଏବଂ ଅହଂକାର ଶୂନ୍ୟ ହେବା ହିଁ ମାନବ ଜୀବନର ପରମ ଲକ୍ଷ୍ୟ ଅଟେ। ଯେତେବେଳେ ଲକ୍ଷ ଲକ୍ଷ ଭକ୍ତଙ୍କ ହାତ ରଥର ଦଉଡିକୁ ସ୍ପର୍ଶ କରେ ଏବଂ ରଥ ବଡଦାଣ୍ଡରେ ଗଡିବାକୁ ଆରମ୍ଭ କରେ, ସେତେବେଳେ ଜାତିର ସମସ୍ତ ବିଭେଦତା ଧୋଇଯାଏ ଓ କେବଳ ଆଧ୍ୟାତ୍ମିକତାର ଏକ ମହାସ୍ରୋତ ପ୍ରବାହିତ ହୁଏ। ଶ୍ରୀଗୁଣ୍ଡିଚା ମନ୍ଦିର ବା ମାଉସୀ ମା' ମନ୍ଦିରକୁ ଯାତ୍ରା କରି ମହାପ୍ରଭୁ ନଅ ଦିନ ପର୍ଯ୍ୟନ୍ତ ସେଠାରେ ରହନ୍ତି, ଯେଉଁଠାରେ ପୋଡପିଠା ଭୋଗର ପରମ୍ପରା ଆମର ପାରିବାରିବ ସ୍ନେହ ଓ ଅତିଥେୟତାର ପ୍ରତୀକ ଅଟେ। ବର୍ତ୍ତମାନର ଆଧୁନିକ ଯୁଗରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରସାର ଆମ ସାଂସ୍କୃତିକ ପର୍ଯ୍ୟଟନ ଓ ଅର୍ଥନୀତିକୁ ସମୃଦ୍ଧ କରିଛି, ମାତ୍ର ଏହା ସହିତ ଏହାର ମୂଳକ ଭାବଧାରା ଓ ପରମ୍ପରାର ଶୁଦ୍ଧତା ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଅଟେ। ଆଜି ବିଶ୍ୱର ବିଭିନ୍ନ ପ୍ରାନ୍ତରେ, ଆମେରିକାରୁ ଆରମ୍ଭ କରି ୟୁରୋପ, ଅଷ୍ଟ୍ରେଲିଆ ଓ ଏସିଆର ଅନେକ ଦେଶରେ ରଥଯାତ୍ରା ଅତି ଧୁମ୍‌ଧାମରେ ପାଳିତ ହେଉଛି, ଯାହା ଓଡିଶାର ଗୌରବକୁ ବିଶ୍ୱ ଦରବାରରେ ଶୀର୍ଷରେ ପହଂଚାଇଛି। ଏହି ଗଣପର୍ବର ଆମକୁ ସାମାଜିକ ସଂହତି, ପରିବେଶ ସୁରକ୍ଷା ଏବଂ ସମଗ୍ର ବିଶ୍ୱକୁ ଏକ ପରିବାର ଭାବେ ଗ୍ରହଣ କରିବାର (ବସୁଧୈବ କୁଟୁମ୍ବକମ୍) ଯେଉଁ ପ୍ରେରଣା ମିଳେ ତାହା ଆଜିର ଯୁଦ୍ଧଖୋର ଓ ବିଭାଜିତ ପୃଥିବୀ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ। ଆମେ ଏହା ଦୃଢ ଭାବରେ ଅନୁଭବ କରୁଛୁ ଯେ ରଥଯାତ୍ରା କେବଳ ଦିନକର ଉତ୍ସବ ନୁହେଁ, ବରଂ ଏହା ଓଡିଆ ଜୀବନଶୈଳୀର ଏକ ଚିରନ୍ତନ ଦର୍ଶନ, ଯାହା ଆମକୁ ସମସ୍ତଙ୍କ ସୁଖ ଓ ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ଶିକ୍ଷା ଦିଏ। ଆସନ୍ତୁ ଏହି ମହାଯାତ୍ରାର ପବିତ୍ର ଅବସରରେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ଯେ ସାରା ବିଶ୍ୱରେ ଶାନ୍ତି, ସମୃଦ୍ଧି ଓ ସଦ୍‌ଭାବନା ପ୍ରତିଷ୍ଠା ହେଉ ଏବଂ ଆମର ଏହି ପ୍ରିୟ ଓଡିଶା ମହାପ୍ରଭୁଙ୍କ କୃପାରୁ ପ୍ରଗତିର ଏକ ନୂଆ ଶିଖର ଛୁଇଁପାରୁ। ଜୟ ଜଗନ୍ନାଥ! ଏହି ପରିପ୍ରେକ୍ଷୀରେ, ଯଦି ଆମେ ରଥଯାତ୍ରାର ସେହି ପାରମ୍ପରିକ ଓ ବାସ୍ତବବାଦୀ ଦିଗକୁ ଅତିନିଖୁଣ ଭାବରେ ଅନୁଧ୍ୟାନ କରିବା, ତେବେ ଜଣାପଡେ ଯେ ଏହି ମହାପର୍ବ କେବଳ ଭକ୍ତି ଭାବନାରେ ସୀମିତ ନୁହେଁ, ବରଂ ଏହା ଶତାବ୍ଦୀ ଧରି ଚାଲିଆସୁଥିବା ଏକ ଜୀବନ୍ତ ଇତିହାସ, ସମାଜ ବିଜ୍ଞାନ ଓ କଠୋର ନିୟମାନୁବର୍ତ୍ତିତାରେ ବାସ୍ତବ ପ୍ରତିଫଳନ ଅଟେ। ରଥଯାତ୍ରାର ପ୍ରତିଟି ରୀତିନୀତି ପଛରେ ରହିଛି ଓଡିଶାର ମୂଳ ମାଟିର ବାସ୍ନା ଏବଂ ପ୍ରକୃତି ସହିତ ମାନବର ନିବିଡ ସମ୍ପର୍କ, ଯାହା କୌଣସି କାଳ୍ପନିକ ଆଡମ୍ବର ଉପରେ ଆଧାରିତ ନୁହେଁ। ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ, ଶ୍ରୀମନ୍ଦିରର ଛତିଶା ନିଯୋଗ ଓ ସେବାୟତମାନଙ୍କର ଶୃଙ୍ଖଳିତ କାର୍ଯ୍ୟଶୈଳୀ ଏହି ବିଶାଳ ଯାତ୍ରାକୁ ବାସ୍ତବ ରୂପ ଦେଇଥାଏ, ଯେଉଁଥିରେ ପ୍ରତିଟି ସେବକ ନିଜ ପରିବାରର ସୁଖଦୁଃଖକୁ ପଛରେ ପକାଇ ମହାପ୍ରଭୁଙ୍କ ସେବାକୁ ହିଁ ଜୀବନର ପରମ ବ୍ରତ ଭାବେ ଗ୍ରହଣ କରିଥାନ୍ତି। ରଥ ନିର୍ମାଣ ପାଇଁ ବ୍ୟବହୃତ ହେଉଥିବା ଧଉଡା, ଫାସୀ, ଅସନ ଓ ଶାଳ ଗଛର କାଠ ଚୟନ ଠାରୁ ଆରମ୍ଭ କରି ଜଙ୍ଗଲ ସୁରକ୍ଷା ପାଇଁ ପ୍ରଣୀତ ହୋଇଥିବା ପାରମ୍ପରିକ ଶ୍ରୀଜଗନ୍ନାଥ ବନପ୍ରକଳ୍ପ ଆମ ପୂର୍ବପୁରୁଷଙ୍କ ପରିବେଶ ସନ୍ତୁଳନ ରକ୍ଷା କରିବାର ବାସ୍ତବ ଦୂରଦୃଷ୍ଟିକୁ ଦର୍ଶାଇଥାଏ। ସେହିପରି ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ପବିତ୍ର ମହାପ୍ରଭୁଙ୍କ ପବିତ୍ର ଅଣସର ସମୟରେ ପ୍ରଦାନ କରାଯାଉଥିବା ଦଶମୂଳ ମୋଦକ, ଫୁଲୁରୀ ତେଲ ଓ ପ୍ରାକୃତିକ ଜଡିବୁଟିର ଚିକିତ୍ସା ଏକ ସମ୍ପୂର୍ଣ୍ଣ ଆର୍ୟୁବୈଦିକ ତଥା ବୈଜ୍ଞାନିକ ପ୍ରଣାଳୀ ଅଟେ, ଯାହା ମାନବ ଶରୀରର ଋତୁ ପରିବର୍ତ୍ତନ ଜନିତ ଅସୁସ୍ଥତାକୁ ବାସ୍ତବ ଜୀବନରେ ପ୍ରତିଫଳିତ କରିଥାଏ। ବଡଦାଣ୍ଡରେ ଯେତେବେଳେ ପ୍ରବଳ ଗ୍ରୀଷ୍ମ କିମ୍ବା ବର୍ଷା ସତ୍ତ୍ୱେ ଲକ୍ଷ ଲକ୍ଷ ସାଧାରଣ ଜନତା ବିନା କୌଣସି ସାମାଜିକ ପ୍ରଭେଦରେ ରଥ ଦଉଡିକୁ ଟାଣନ୍ତି, ସେତେବେଳେ ଓଡିଶାର ସେହି ପାରମ୍ପରିକ ଗ୍ରାମୀଣ ଭାତୃଭାବ ଓ ଆତ୍ମିକ ସମ୍ପର୍କର ପ୍ରକୃତ ସ୍ୱରୁପ ଦେଖିବାକୁ ମିଳିଥାଏ, ଯେଉଁଠାରେ ଧନୀ-ଦରିଦ୍ର, ରାଜା-ପ୍ରଜା ସମସ୍ତେ ଧୂଳିମାଟିରେ ଏକାକାର ହୋଇଯାନ୍ତି। ତା' ସହିତ ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ ଅର୍ପଣ କରାଯାଉଥିବା ପୋଡପିଠା କେବଳ ଏକ ଭୋଗ ନୁହେଁ, ବରଂ ଓଡିଆ ଘରର ପାରମ୍ପରିକ ଖାଦ୍ୟ ସଂସ୍କୃତିର ସୁଆଦକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାର ଏକ ବାସ୍ତବ ମାଧ୍ୟମ ଅଟେ। ତେବେ ସମୟ ବଦଳିବା ସହିତ ଆଜିର ବାସ୍ତବତା ହେଉଛି, ପାରମ୍ପରିକ ଜ୍ଞାନକୌଶଳ ଓ ଆଧୁନିକ ଗଣମାଧ୍ୟମର ପ୍ରସାର ଭିତରେ ରଥଯାତ୍ରାର ସେହି ମୂଳ ଶୁଦ୍ଧତା ଓ ସେବାୟତ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ଏକ ବଡ ଦାୟିତ୍ୱ ହୋଇପଡିଛି। ରାଜ୍ୟର ନବୀନ ପିଢି କିଭଳି ଭାବେ ରଥ ନିର୍ମାଣର ପାରମ୍ପରିକ ଶିଳ୍ପକଳା, ଗୀତଗୋବିନ୍ଦ ଗାନ ଏବଂ ଓଡିଶୀ ସଂସ୍କୃତିର ଏହି ବାସ୍ତବ ମୂଲ୍ୟବୋଧକୁ ଶିଖିବେ ଓ ବଂଚାଇ ରଖିବେ, ତାହା ହିଁ ଆଜିର ସମୟର ସବୁଠାରୁ ବଡ ଆବଶ୍ୟକତା ଅଟେ। ତେଣୁ ରଥଯାତ୍ରା କେବଳ ଧାର୍ମିକ ଭାବପ୍ରବଣତାର ପର୍ବ ନୁହେଁ, ବରଂ ଓଡିଆ ଜାତିର ସାମାଜିକ ଶୃଙ୍ଖଳା, ପାରମ୍ପରିକ ବିଜ୍ଞାନ ଓ ବାସ୍ତବ ଜୀବନ ବଂଚିବାର ଏକ ମହାନ କଳା ଅଟେ, ଯାହା ଯୁଗେ ଯୁଗେ ପ୍ରତିଟି ଓଡିଆଙ୍କୁ ନିଜ ମାଟି ଓ ପରମ୍ପରା ସହିତ ଦୃଢ ଭାବରେ ଯୋଡି ରଖିବାରେ ସଫଳ ହୋଇଛି।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ: ୯୪୩୭୯୯୪୩୭୯

ଅଧ୍ୟାପକ ଗୋପବନ୍ଧୁ

# ପଶ୍ଚିମବଙ୍ଗ ରାଜନୀତିରେ ନକ୍ସଲବାରୀ ଆନ୍ଦୋଳନ



ଭାରତୀୟ ରାଜନୀତିରେ ପଶ୍ଚିମବଙ୍ଗ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି। ସ୍ୱାଧୀନତା ଆନ୍ଦୋଳନର ଚର୍ଚ୍ଚା ଏହି ରାଜ୍ୟର ଯୋଗଦାନକୁ ବାଦଦେଇ କରାଯାଇ ପାରିବ ନାହିଁ। ସମାଜିକ ସଂସ୍କାର ଆନ୍ଦୋଳନ କ୍ଷେତ୍ରରେ ପଶ୍ଚିମବଙ୍ଗ ସାରା ଭାରତବର୍ଷର ମାର୍ଗଦର୍ଶକ ଥିଲା। ତେଣୁ କୁହାଯାଉଥିଲା ବେଙ୍ଗଲ ଆଜି ଯାହା ଭାବେ ଭାରତବର୍ଷ କାଲି ସେକଥା ଭାବେ। ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି। ଲୋକେ କହିବା ଆରମ୍ଭ କଲେଣି ଯେ ଭାରତବର୍ଷ ଏବେ ଯାହା କରୁଛି, ପଶ୍ଚିମବଙ୍ଗ କାଲି ଏହାକୁ ଅନୁସରଣ କରୁଛି। ତାହାହିଁ ଦେଖିବାକୁ ମିଳିଲା ଗତ ବିଧାନସଭା ନିର୍ବାଚନରେ। ଗୋଟିଏ ଦଶକ ତଳେ କେହି କେବେ ଭାବିପାରୁ ନଥିଲେ ଯେ ଦିନେ ବାମପନ୍ଥୀ ବିଚାରଧାରା ପ୍ରାଧାନ୍ୟ ବିସ୍ତାର କରିଥିବା ପଶ୍ଚିମବଙ୍ଗରେ ଦକ୍ଷିଣପନ୍ଥୀ ବିଜେପି ସରକାର ଗଢିବ ବୋଲି। ରାଜ୍ୟରେ ୨୦୧୧ ମସିହାରେ ବାମପନ୍ଥୀଙ୍କ ବିପର୍ଯ୍ୟୟ ଅନେକଙ୍କୁ ଚକିତ କରିଥିଲା। ଏବେ ବିଜେପିର ବିପୁଳ ବିଜୟ ଲୋକଙ୍କୁ ଆହୁରି ଅଧିକ ଚକିତ କରିଛି।

ସ୍ୱାଧୀନତା ପରଠାରୁ ଦୀର୍ଘବର୍ଷ ଧରି ୧୯୪୭ ରୁ ୧୯୬୭ ପର୍ଯ୍ୟନ୍ତ ଭାରତୀୟ ଜାତୀୟ କଂଗ୍ରେସ ପଶ୍ଚିମବଙ୍ଗକୁ ଶାସନ କରିଛି। ଫେବ୍ରୁଆରି ୧୯୬୭ ନିର୍ବାଚନରେ ଇଉନାଇଟେଡ଼ ଫ୍ରଣ୍ଟ ସରକାର ଗଠିତ ହୁଏ। ଏହି ଫ୍ରଣ୍ଟରେ ବାଙ୍ଗଲା କଂଗ୍ରେସ ଓ ସିପିଏମ ସମେତ ଅନ୍ୟ ବାମପନ୍ଥୀ ପାର୍ଟିମାନେ ମୁଖ୍ୟ ଅଂଶିଦାର ଥାଆନ୍ତି। ନୂଆ ସରକାରରେ ଶ୍ରୀ ଅଜୟ କୁମାର ମୁଖାର୍ଜୀ ମୁଖ୍ୟମନ୍ତ୍ରୀ ଓ ଶ୍ରୀ ଜ୍ୟୋତିବସୁ ଉପମୁଖ୍ୟମନ୍ତ୍ରୀ ହୁଅନ୍ତି। ସେତେବେଳକୁ ରାଜ୍ୟରେ ମାଓବାଦୀ ସଂଗଠନ ମୁଣ୍ଡଟେକି ସାରିଥାଏ। ମାର୍ଚ୍ଚ ୧୯୬୭ ରେ ହଠାତ୍ ଦାର୍ଜିଲିଙ୍ଗ ଜିଲ୍ଲା ଅନ୍ତର୍ଗତ ନକ୍ସଲବାରୀ ଗ୍ରାମରେ ମାଓବାଦୀ ଆନ୍ଦୋଳନ ବିସ୍ଫୋରକ ରୂପ ଧାରଣ କରେ। କ୍ଷୀପ୍ରଭାବେ ରାଜ୍ୟର ଚାରିଆଡ଼େ ଏହା କାୟା ବିସ୍ତାର କରେ। ନକ୍ସଲବାରୀରୁ ଏ ଆନ୍ଦୋଳନ ଆରମ୍ଭ ହୋଇଥିବା ଯୋଗୁଁ ଏହି ମାଓବାଦୀ ଆନ୍ଦୋଳନ ନକ୍ସଲପନ୍ଥୀ ଆନ୍ଦୋଳନଭାବେ ପରିଚିତ ହୁଏ। ଏହାର ନେତୃତ୍ୱ ନିଅନ୍ତି ଚାରୁ ମଜୁମଦାର, କାହ୍ନୁ ସାନ୍ୟାଲ, ଜଙ୍ଗଲ ସାନ୍ତାଲ ପ୍ରମୁଖ। ଏହି ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଇଉନାଇଟେଡ଼ ଫ୍ରଣ୍ଟ ସରକାର ପାରୁପର୍ଯ୍ୟନ୍ତ ଚେଷ୍ଟା କରେ। ଅବଶ୍ୟ ଗୋଟିଏ ଗୋଷ୍ଠୀ ଏମାନଙ୍କ ପ୍ରତି କୋହଳ ମନଭାବ ଅବଲମ୍ବନ କରନ୍ତି। ଅନେକ ସ୍ଥାନରେ ଗୁଳିଚାଳନା ହୁଏ ଓ ବହୁ ଆନ୍ଦୋଳନକାରୀ ମୃତାହତ ହୁଅନ୍ତି, ଗିରଫଦାରୀ ମଧ୍ୟ ହୁଏ। ଜ୍ୟୋତିବସୁ ଗୃହବିଭାଗ ଦାୟିତ୍ୱରେ ଥାଆନ୍ତି। ମାର୍ଚ୍ଚ, ୧୯୭୨ ମସିହାରେ ପୁଣି ବିଧାନସଭା ନିର୍ବାଚନ ହୁଏ। ଭାରତୀୟ ଜାତୀୟ କଂଗ୍ରେସ ସିଦ୍ଧାର୍ଥ ଶଙ୍କର ରାୟଙ୍କ ନେତୃତ୍ୱରେ କ୍ଷମତାକୁ ଫେରେ। କଂଗ୍ରେସ ଦୁଇ ତରଫା ଦୋଷାରୋପ ଜରିଆରେ ଜନସମର୍ଥନ ଲାଭ କରିବାକୁ ସକ୍ଷମ ହୁଏ। ଇଉନାଇଟେଡ଼ ଫ୍ରଣ୍ଟ ସରକାରର ନୀରବ ସମର୍ଥନ ଯୋଗୁଁ ନକ୍ସଲବାଦୀ ଆନ୍ଦୋଳନ ମୁଣ୍ଡ ଟେକିଛି ବୋଲି ମଧ୍ୟବିତ୍ତ ଓ ସ୍ଥିତିବାନ ଲୋକଙ୍କୁ ବୁଝାଇବାକୁ ସକ୍ଷମ ହୁଏ। ଅନ୍ୟପଟେ ଗରୀବ, ଖଟିଖିଆ ଓ ଶ୍ରମିକ ସମାଜ ଉପରେ ଯେଉଁ ଗୁଳିଚାଳନା ଓ ଗିରଫଦାରୀ ହୋଇଛି ସେଥିପାଇଁ ଫ୍ରଣ୍ଟ ସରକାରକୁ ଦାୟିକରି ଏମାନଙ୍କ ସମର୍ଥନ ହାସଲ କରିବାକୁ ସକ୍ଷମ ହୁଏ। ନିର୍ବାଚନ ଜିତିବା ପରେ ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ରକ୍ତମୁଖା ହୋଇ ପଡ଼ନ୍ତି ନକ୍ସଲପନ୍ଥୀମାନଙ୍କୁ ସମାପ୍ତ କରିବା ପାଇଁ। ପୋଲିସବାହିନୀକୁ ଖୋଲାଛାଡ ଦିଆଯାଏ ଆନ୍ଦୋଳନକୁ ଦମନ କରିବା ପାଇଁ। ଗୁଳିଚାଲେ, ଗିରଫଦାରୀ ହୁଏ, ନିରୀହ ଜନତା ବି ବଳି ପଡନ୍ତି। ଚାରୁ ମଜୁମଦାରଙ୍କୁ ଜୁଲାଇ, ୧୯୭୨ ରେ ଗିରଫ କରାଯାଏ ଓ ସେ ସନ୍ଦେହଜନକ ଭାବେ ହାଜତରେ ମୃତ ବରଣ କରନ୍ତି। ନିର୍ଦ୍ଦୋଷ ଲୋକଙ୍କ ଉପରେ ଅତ୍ୟାଚାରକୁ ବୁଦ୍ଧିଜିବୀ ଓ ସଚେତନ ନାଗରିକ ମହଲ ତୀବ୍ର ବିରୋଧ କରନ୍ତି। ଆନ୍ଦୋଳନର ସମର୍ଥନରେ କିଛି ଲେଖକ ଲେଖିକା ବାହାରନ୍ତି। ଏହି ସମୟରେ ମହାଶ୍ୱେତା ଦେବୀଙ୍କ ପ୍ରସିଦ୍ଧ ଉପନ୍ୟାସ ଆସେ 'ହାଜାର ଚୌରାଶିର ମାଁ', ଅର୍ଥାତ୍ ମୃତ ପୁଅର କ୍ରମିକ ସଂଖ୍ୟା ୧୦୮୪।

୧୯୭୭ ନିର୍ବାଚନରେ କଂଗ୍ରେସ ପରାସ୍ତ ହୁଏ ଓ ଲେଫ୍ଟ ଫ୍ରଣ୍ଟର ବିପୁଳ ବିଜୟ ହୁଏ। ଏହା ପଛରେ ଦୁଇଟି କାରଣ ଥିଲା। ପ୍ରଥମରେ ରାଜ୍ୟ କଂଗ୍ରେସ ସରକାରର ଦମନଲୀଳା ସଂଖ୍ୟାଧିକ ସାଧାରଣ ଜନତାଙ୍କୁ ବ୍ୟଥିତ କରିଥିଲା। ଦ୍ୱିତୀୟରେ ସମଗ୍ର ଭାରତବର୍ଷରେ କଂଗ୍ରେସ ବିରୁଦ୍ଧରେ ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନ ପ୍ରଭାବ ପକାଇ ଥିଲା। ଏହି ନିର୍ବାଚନରେ ଲେଫ୍ଟଫ୍ରଣ୍ଟ ୨୯୪ ରୁ ୨୩୧ ଟି ଆସନ ଜିତି ଶାସନକୁ ଆସିଲା ଓ ଶ୍ରୀ ଜ୍ୟୋତିବସୁ ହେଲେ ମୁଖ୍ୟମନ୍ତ୍ରୀ। ରାଜ୍ୟରେ ବାମପନ୍ଥୀ ସରକାର ଦୀର୍ଘ ୩୪ ବର୍ଷଧରି ୨୦୧୧ ପର୍ଯ୍ୟନ୍ତ ଚାଲିଲା। ଶେଷ ଆଡ଼କୁ ବୟସାଧିକ ଯୋଗୁଁ ଶ୍ରୀ ବସୁ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ପଦ ଛାଡିଲେ ଓ ଶ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ହେଲେ ମୁଖ୍ୟମନ୍ତ୍ରୀ। ପଶ୍ଚିମବଙ୍ଗରେ ଦୀର୍ଘ ବାମପନ୍ଥୀ ଶାସନର ଅନ୍ତରାଳେ ନକ୍ସଲବାଦୀ ଆନ୍ଦୋଳନର ପ୍ରଭାବକୁ ଏଡାଇ ଦିଆଯାଇ ପାରିବ ନାହିଁ। ଏହା ଲୋକଙ୍କୁ ସାମ୍ୟବାଦୀ ଆନ୍ଦୋଳନ ପ୍ରତି ଆକୃଷ୍ଟ କରିଥିଲା। ଲୋକମାନେ ଶାନ୍ତିପୂର୍ଣ୍ଣ ଭାବେ ଗଣତାନ୍ତ୍ରିକ ଉପାୟରେ ସାମ୍ୟବାଦ ପ୍ରତିଷ୍ଠାର ସ୍ୱପ୍ନ ଦେଖିଥିଲେ। ୨୦୧୧ ମସିହାରେ ପଶ୍ଚିମବଙ୍ଗରେ ବାମପନ୍ଥୀ ଶାସନର ଅନ୍ତ ଘଟିଲା ଓ ସୁଶ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ କ୍ଷମତାକୁ ଆସିଲା। ସେ ହେଲେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ। ପ୍ରଥମେ ସେ ଭାରତୀୟ ଜାତୀୟ କଂଗ୍ରେସରେ ଥିଲେ ଏବଂ ମନୋମାଳିନ୍ୟ ଯୋଗୁଁ ୧୯୯୭ ରେ ବାହାରି ଆସିଥିଲେ ଓ ୧୯୯୮ ରେ ଟିଏମ୍‌ସି ଗଠନ କରିଥିଲେ। ପୂର୍ବ ବାମପନ୍ଥୀ ସରକାର ସହିତ ତାଙ୍କର ଦୀର୍ଘ ସଂଘର୍ଷର କଥା ରହିଛି। 'ମାଁ-ମାଟି-ମାନୁଷ' ସ୍ଲୋଗାନ ମାଧ୍ୟମରେ ସେ କ୍ଷମତାକୁ ଆସିଥିଲେ। ଦୀର୍ଘ ବାମପନ୍ଥୀ ଶାସନ ପରେ ଲୋକମାନେ ଆଉ ଅଧିକ କିଛି ମିଳିବାର ଆଶା ନାହିଁ ବୋଲି ଅନୁଭବ କରୁଥିଲେ। ସୁବିଧାବାଦୀ ଓ ଭ୍ରଷ୍ଟାଚାରୀମାନେ କ୍ରମେ ଶାସନ କଳକୁ କବଳିତ କରି ନେଇଥିଲେ। ବାମପନ୍ଥୀଙ୍କୁ ବିସ୍ଥାପିତ କରିବା ପାଇଁ ସେ ଗରୀବ, ଶ୍ରମିକ, ଖଟିଖିଆଙ୍କୁ ଗୁରୁତ୍ୱ ଦେଇଥିଲେ। ମାଆକୁ ସମ୍ମାନ, ଭିଟାମାଟିର ସୁରକ୍ଷା ଓ ମଣିଷକୁ ଅଧିକାର ଥିଲା ତାଙ୍କ ନିର୍ବାଚନ ଇସ୍ୟୁ। ଦିନେ ଅନୁଭବ ହେଉଥିଲା ପଶ୍ଚିମବଙ୍ଗରେ ବାମପନ୍ଥୀ ଶାସନର ଅନ୍ତ ହେବ ନାହିଁ। କିନ୍ତୁ ଏକାକି ଲଢ଼ି ସେ ବାମପନ୍ଥୀ ବାହିନୀକୁ ପରାସ୍ତ କରିଥିଲେ।ଗଣତନ୍ତ୍ରରେ ଶାସନ ପରିବର୍ତ୍ତନ ଏକ ସ୍ୱାଭାବିକ ପ୍ରକ୍ରିୟା। ୨୦୨୬ ନିର୍ବାଚନରେ ପୁଣି ପରିବର୍ତ୍ତନ ଆସିଲା। ଦୀର୍ଘ ୧୫ ବର୍ଷର ଶାସନ ପରେ ଟିଏମସିକୁ ହରାଇ ବିଜେପି ଶାସନ କ୍ଷମତାକୁ ଆସିଛି। ଏ ପରାଜୟକୁ ମମତା ଦିଦି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କୁ ଜାଣିଶୁଣି ହରାଇ ଦିଆଯାଇଛି ବୋଲି ଅଭିଯୋଗ କରୁଛନ୍ତି। ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ସେ କହୁଛନ୍ତି। ଅନ୍ୟପଟେ ନିର୍ବାଚନ ପରେ ଟିଏମସି ଖଣ୍ଡ ବିଖଣ୍ଡିତ ହୋଇଯାଇଛି। ସଂଖ୍ୟାଧିକ ଏମପି ଦଳ ଛାଡି ଦେଇଛନ୍ତି। ରାଜ୍ୟରେ ମଧ୍ୟ ସଂଖ୍ୟାଧିକ ଏମ୍ଏଲଏ ଅଲଗା ଗୋଷ୍ଠୀକରି ନିଜକୁ ପ୍ରକୃତ ଟିଏମସି ବୋଲି ଘୋଷଣା କରିଛନ୍ତି। ମମତା ବାନାର୍ଜୀ ମଧ୍ୟ କେତେକ ବିଦ୍ରୋହୀଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ଆଗକୁ ଆହୁରି ଝଗଡ଼ା ବାକି ଅଛି। ଦେଖିବାକୁ ବାକିଅଛି ମମତା ବାନାର୍ଜୀ ପୁନର୍ବାର ଦଳକୁ ସଂଗଠିତ କରି କ୍ଷମତାକୁ ଫେରିବାକୁ ସକ୍ଷମ ହେଉଛନ୍ତି ଅଥବା ବାମପନ୍ଥୀଙ୍କ ପରି ବହୁ ପଛକୁ ଚାଲି ଯାଉଛନ୍ତି। ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ରାଜ୍ୟ ରାଜନୀତିରେ ନକ୍ସଲବାରୀ ଆନ୍ଦୋଳନ ଏକ ନୂତନ ମୋଡ଼ ଆଣିଥିଲା। ହେଲେ ୨୦୧୧ ନିର୍ବାଚନରେ ଏହି ମୋଡ଼ ବଦଳିଥିଲା ଓ ୨୦୨୬ ରେ ପୁଣି ଏହା ବଦଳିଛି। ବାମପନ୍ଥୀ ଓ ଏହାର ଦରଦୀ ବିଚାରଧାରା ଧ୍ୱଂସ ହୋଇଛି ଓ ଦକ୍ଷିଣପନ୍ଥୀ ବିଚାରଧାରାର ଅଭ୍ୟୁଦୟ ହୋଇଛି। ଏହାକୁ ପଶ୍ଚିମବଙ୍ଗ ଜନତା କେତେ ଯାଏଁ ସ୍ୱୀକାର କରୁଛନ୍ତି ଦେଖିବାକୁ ହେବ।

+ ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ବାଣିଜ୍ୟ ନିଅଣ୍ଟର ନୂଆ ରେକର୍ଡ

ଭାରତ ଏବଂ ଚୀନ୍ ମଧ୍ୟରେ ଥିବା ବାଣିଜ୍ୟିକ ସମ୍ପର୍କ ସର୍ବଦା ଏକ ଜଟିଳ ତଥା ଗଭୀର ଆଲୋଚନାର ବିଷୟ ହୋଇରହିଛି । ୨୦୨୬ ମସିହାର ପ୍ରଥମାର୍ଦ୍ଧରେ ଉଭୟ ଦେଶ ମଧ୍ୟରେ ହୋଇଥିବା ବାଣିଜ୍ୟିକ କାରବାରର ନୂତନ ତଥ୍ୟ ଏହି ସମ୍ପର୍କର ଏକ ନୂଆ ଏବଂ ବାସ୍ତବିକ ଦିଗକୁ ଉନ୍ମୋଚନ କରିଛି । ଚୀନର କଷ୍ଟମ୍ସ ବିଭାଗ ପକ୍ଷରୁ ଜୁଲାଇ ୧୪, ୨୦୨୬ ରେ ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ, ଚଳିତ ବର୍ଷର ପ୍ରଥମ ଛଅ ମାସରେ ଭାରତର ଚୀନରୁ ଆମଦାନୀ ପରିମାଣ ୨୧.୮ ପ୍ରତିଶତ ବୃଦ୍ଧି ପାଇ ପ୍ରାୟ ୭୯.୪୧ ବିଲିୟନ ଡଲାର ଅର୍ଥାତ୍ ପାଖାପାଖି ୮୦ ବିଲିୟନ ଡଲାରରେ ପହଞ୍ଚିଛି । ଅନ୍ୟପକ୍ଷରେ, ଏହି ସମାନ ସମୟ ମଧ୍ୟରେ ଭାରତରୁ ଚୀନକୁ ରପ୍ତାନି ମଧ୍ୟ ଏକ ଉଲ୍ଲେଖନୀୟ ୩୭.୨ ପ୍ରତିଶତ ବୃଦ୍ଧି ପାଇ ୧୨.୩୧ ବିଲିୟନ ଡଲାର ଛୁଇଁଛି । ଫଳସ୍ୱରୂପ, ଉଭୟ ଦେଶ ମଧ୍ୟରେ ସର୍ବମୋଟ ଦ୍ୱିପାକ୍ଷିକ ବାଣିଜ୍ୟ ୨୩.୬ ପ୍ରତିଶତ ବୃଦ୍ଧି ପାଇ ୯୧.୭୨ ବିଲିୟନ ଡଲାରରେ ପହଞ୍ଚିଛି । ଏହି ବିପୁଳ ପରିସଂଖ୍ୟାନ କେବଳ ଦୁଇ ଦେଶ ମଧ୍ୟରେ ଥିବା ଆର୍ଥିକ ନିର୍ଭରଶୀଳତାକୁ ଦର୍ଶାଉନାହିଁ, ବରଂ ଭାରତର ଘରୋଇ ଉତ୍ପାଦନ ନୀତି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ଥିବା ଜଟିଳ ବାସ୍ତବତାକୁ ମଧ୍ୟ ସ୍ପଷ୍ଟ ଭାବରେ ପ୍ରତିଫଳିତ କରୁଛି । ସୀମାରେ ଲାଗିରହିଥିବା ଉତ୍ତେଜନା ଏବଂ ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଅଭିଯାନ ସତ୍ତ୍ୱେ ଚୀନ୍ ସାମଗ୍ରୀ ଉପରେ ନିର୍ଭରଶୀଳତା କମିବା ପରିବର୍ତ୍ତେ ଦ୍ରୁତ ଗତିରେ ବୃଦ୍ଧି ପାଇବା ଏକ ଗଭୀର ବିଶ୍ଳେଷଣର ଦାବି ରଖେ ।

ବାଣିଜ୍ୟ ନିଅଣ୍ଟ ବା ଟ୍ରେଡ୍ ଡେଫିସିଟ୍ ଭାରତୀୟ ଅର୍ଥନୀତି ପାଇଁ ଏକ ଦୀର୍ଘଦିନର ଚିନ୍ତାର କାରଣ ହୋଇଆସିଛି ଏବଂ ନୂତନ ତଥ୍ୟ ଏହି ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ୨୦୨୬ ମସିହାର ପ୍ରଥମ ଛଅ ମାସରେ ଚୀନ୍ ସହିତ ଭାରତର ବାଣିଜ୍ୟ ନିଅଣ୍ଟ ୬୭.୧ ବିଲିୟନ ଡଲାରରେ ପହଞ୍ଚିଛି । ଯଦିଓ ଭାରତୀୟ ରପ୍ତାନିରେ ୩୭ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି, ତଥାପି ଆମଦାନୀର ବିପୁଳ ପରିମାଣ ଏବଂ ଆକାର ତୁଳନାରେ ଏହା ଯଥେଷ୍ଟ କମ୍ ଅଟେ । ଗତ ବର୍ଷ ଅର୍ଥାତ୍ ୨୦୨୫ ମସିହାରେ ଉଭୟ ଦେଶ ମଧ୍ୟରେ ସର୍ବମୋଟ ବାଣିଜ୍ୟ ୧୫୫.୬୨ ବିଲିୟନ ଡଲାରର ରେକର୍ଡ ସ୍ତରରେ ଥିଲା ଏବଂ ସେହି ସମୟରେ ବାଣିଜ୍ୟ ନିଅଣ୍ଟ ୧୧୬.୧୨ ବିଲିୟନ ଡଲାର ରହିଥିଲା, ଯାହାକି ଚୀନକୁ ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର କରିଥିଲା । ବର୍ତ୍ତମାନର ଗତିବିଧିକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଜଣାପଡୁଛି ଯେ ୨୦୨୬ ମସିହା ଶେଷ ସୁଦ୍ଧା ଏହି ପରିସଂଖ୍ୟାନ ଗତବର୍ଷର ରେକର୍ଡକୁ ବହୁ ପଛରେ ପକାଇଦେବ । ରପ୍ତାନି ବୃଦ୍ଧି ପାଇବା ନିଶ୍ଚିତ ରୂପେ ଏକ ସକାରାତ୍ମକ ଦିଗ, କିନ୍ତୁ ଆମଦାନୀର ଦ୍ରୁତ ଅଭିବୃଦ୍ଧି କାରଣରୁ ନିଅଣ୍ଟ ପରିମାଣ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି । ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ, କୌଣସି ଦେଶ ସହିତ ବାଣିଜ୍ୟ ନିଅଣ୍ଟ ରହିବା ସବୁବେଳେ କ୍ଷତିକାରକ ନୁହେଁ, ବିଶେଷକରି ଯଦି ଆମଦାନୀ ହେଉଥିବା ସାମଗ୍ରୀଗୁଡ଼ିକ ଦେଶ ଭିତରେ ଉତ୍ପାଦନଶୀଳ କାର୍ଯ୍ୟରେ ବ୍ୟବହୃତ ହେଉଥାଏ । ତେବେ ଗୋଟିଏ ନିର୍ଦ୍ଦିଷ୍ଟ ଦେଶ ଉପରେ ଅତ୍ୟଧିକ ନିର୍ଭରଶୀଳତା ଭବିଷ୍ୟତରେ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି କରେ । ତେଣୁ ଏହି ବାଣିଜ୍ୟ ନିଅଣ୍ଟର ଆକାର ଅପେକ୍ଷା ଆମଦାନୀ ହେଉଥିବା ସାମଗ୍ରୀର ପ୍ରକୃତି ଏବଂ ବ୍ୟବହାର ଉପରେ ଅଧିକ ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ।

ଭାରତ ଚୀନରୁ ମୁଖ୍ୟତଃ କେଉଁ ସବୁ ସାମଗ୍ରୀ ଆମଦାନୀ କରୁଛି, ତାହାର ଏକ ସୂକ୍ଷ୍ମ ବିଶ୍ଳେଷଣ କଲେ ପ୍ରକୃତ ଅର୍ଥନୈତିକ ଚିତ୍ର ସାମ୍ନାକୁ ଆସେ । ଅତୀତରେ ଭାରତ ଚୀନରୁ ଶସ୍ତା ଖାଉଟି ସାମଗ୍ରୀ, ଖେଳଣା ଏବଂ ସାଧାରଣ ଇଲେକ୍ଟ୍ରୋନିକ୍ସ ବହୁଳ ଭାବରେ ଆମଦାନୀ କରୁଥିଲା। କିନ୍ତୁ ବର୍ତ୍ତମାନ ଏହି ଧାରାରେ ଏକ ବଡ଼ ଧରଣର ପରିବର୍ତ୍ତନ ଆସିଛି । ଏବେ ଆମଦାନୀ ହେଉଥିବା ସାମଗ୍ରୀ ମଧ୍ୟରେ ମୁଖ୍ୟତଃ ଶିଳ୍ପ ଉପକରଣ, ମଧ୍ୟବର୍ତ୍ତୀ ସାମଗ୍ରୀ ବା ଇଣ୍ଟରମିଡିଏଟ୍ ଗୁଡ୍ସ, ଟେଲିକମ୍ ଯନ୍ତ୍ରପାତି, ସେମିକଣ୍ଡକ୍ଟର, ଲିଥିୟମ୍-ଆୟନ୍ ବ୍ୟାଟେରୀ, କମ୍ପ୍ୟୁଟର ହାର୍ଡୱେର୍ ଏବଂ ଜୈବିକ ରାସାୟନିକ ପଦାର୍ଥ ବା ଅର୍ଗାନିକ୍ କେମିକାଲ୍ସ ଅନ୍ତର୍ଭୁକ୍ତ । ବିଶେଷକରି ଭାରତୀୟ ଔଷଧ ଶିଳ୍ପ ବା ଫାର୍ମାସ୍ୟୁଟିକାଲ୍ ସେକ୍ଟର ତାର କଞ୍ଚାମାଲ ବା ଆକ୍ଟିଭ୍ ଫାର୍ମାସ୍ୟୁଟିକାଲ୍ ଇନଗ୍ରେଡିଏଣ୍ଟସ୍ (ଏପିଆଇ) ପାଇଁ ଚୀନ୍ ଉପରେ ବହୁମାତ୍ରାରେ ନିର୍ଭରଶୀଳ । ସେହିପରି ଭାରତର ମୋବାଇଲ୍ ଫୋନ୍ ଉତ୍ପାଦନ ଏବଂ ଆସେମ୍ବଲିଂ ଶିଳ୍ପ ମଧ୍ୟ ଚୀନରୁ ଆସୁଥିବା ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ (ପିସିବି) ଏବଂ ଡିସ୍ ?ପ୍ଲେ ମଡ୍ୟୁଲ୍ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେ ଭାରତ ସରକାରଙ୍କ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ବା ପିଏଲଆଇ ଯୋଜନା ଅଧୀନରେ ଘରୋଇ ଉତ୍ପାଦନ ବୃଦ୍ଧି ପାଉଥିଲେ ମଧ୍ୟ, ଏହି କାରଖାନାଗୁଡ଼ିକ ପାଇଁ ଆବଶ୍ୟକୀୟ କଞ୍ଚାମାଲ ଏବଂ ଯନ୍ତ୍ରାଂଶ ପାଇଁ ସେହି ଚୀନ୍ ଉପରେ ହିଁ ନିର୍ଭର କରିବାକୁ ପଡୁଛି । ଅର୍ଥାତ୍, ଭାରତରେ ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ସଫଳ କରିବା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚୀନ୍ ଆମଦାନୀ ଏକ ଅପରିହାର୍ଯ୍ୟ ଆବଶ୍ୟକତା ପାଲଟିଛି । ଏହା ଦର୍ଶାଉଛି ଯେ ଆମଦାନୀ ବୃଦ୍ଧି କେବଳ ଉପଭୋଗ ପାଇଁ ନୁହେଁ, ବରଂ ଘରୋଇ ଶିଳ୍ପାୟନ ଏବଂ ଭିତ୍ତିଭୂମି ନିର୍ମାଣର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ କାର୍ଯ୍ୟ କରୁଛି।

ଅନ୍ୟ ପକ୍ଷରେ ଭାରତର ରପ୍ତାନି କ୍ଷେତ୍ରରେ ହୋଇଥିବା ୩୭.୨ ପ୍ରତିଶତ ଅଭିବୃଦ୍ଧି ଏକ ଆଶାଜନକ ସଙ୍କେତ ପ୍ରଦାନ କରୁଛି ଏବଂ ଏହା ଭାରତୀୟ ଶିଳ୍ପର କ୍ରମବର୍ଦ୍ଧିଷ୍ଣୁ କ୍ଷମତାକୁ ପ୍ରମାଣିତ କରୁଛି । ଚୀନକୁ ଭାରତର ମୁଖ୍ୟ ରପ୍ତାନି ସାମଗ୍ରୀ ମଧ୍ୟରେ ଲୁହାପଥର, ବିଶୋଧିତ ପେଟ୍ରୋଲିୟମ୍ ଉତ୍ପାଦ, ସାମୁଦ୍ରିକ ଖାଦ୍ୟ, କୃଷିଜାତ ଦ୍ରବ୍ୟ ଏବଂ କିଛି ମାତ୍ରାରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ସାମିଲ ଅଛି । ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ଏବଂ ରିଫାଇଣ୍ଡ୍ ପେଟ୍ରୋଲିୟମ୍ ଭଳି ସାମଗ୍ରୀର ରପ୍ତାନିରେ ଦ୍ରୁତ ବୃଦ୍ଧି ଘଟିଛି । ତଥାପି, ଭାରତର ରପ୍ତାନି ଢାଞ୍ଚା ଏବେ ମଧ୍ୟ ମୁଖ୍ୟତଃ କଞ୍ଚାମାଲ ଏବଂ ପ୍ରାଥମିକ ଉତ୍ପାଦ ଉପରେ ପର୍ଯ୍ୟବେସିତ, ଯାହାର ମୂଲ୍ୟ ସଂଯୋଜନ ବା ଭାଲ୍ୟୁ ଆଡିସନ୍ ବହୁତ କମ୍ ରହିଥାଏ । ଭାରତୀୟ ନୀତି ନିର୍ଦ୍ଧାରକ ଏବଂ ଚୀନରେ ଥିବା ଭାରତୀୟ ରାଷ୍ଟ୍ରଦୂତ ବିକ୍ରମ ଦୋରାଇସ୍ୱାମୀଙ୍କ ଭଳି ବରିଷ୍ଠ କୂଟନୀତିଜ୍ଞମାନେ କ୍ରମାଗତ ଭାବରେ ଚୀନ୍ ବଜାରରେ ଭାରତୀୟ ସାମଗ୍ରୀର ଅବାଧ ପ୍ରବେଶ ପାଇଁ ଦାବି କରିଆସୁଛନ୍ତି । ବିଶେଷକରି ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି), ଔଷଧ ଏବଂ ଉନ୍ନତ କୃଷିଜାତ ଦ୍ରବ୍ୟ କ୍ଷେତ୍ରରେ ଭାରତର ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା କ୍ଷମତା ରହିଛି । କିନ୍ତୁ ଚୀନ୍ ପକ୍ଷରୁ ଲଗାଯାଉଥିବା ଅଣ-ଶୁଳ୍କ ପ୍ରତିବନ୍ଧକ ବା ନନ୍-ଟାରିଫ୍ ବ୍ୟାରିୟର୍ସ କାରଣରୁ ଭାରତୀୟ କମ୍ପାନୀଗୁଡ଼ିକ ଚୀନ୍ ବଜାରରେ ଆଶାନୁରୂପ ସଫଳତା ପାଇପାରୁନାହାଁନ୍ତି । ଦ୍ୱିପାକ୍ଷିକ ବାଣିଜ୍ୟରେ ସନ୍ତୁଳନ ଆଣିବାକୁ ହେଲେ ଚୀନକୁ ନିଜର ବିଶାଳ ବଜାର ଭାରତୀୟ ଉନ୍ନତମାନର ଉତ୍ପାଦ ପାଇଁ ଖୋଲିବାକୁ ପଡିବ ଏବଂ ଏଥିସହିତ ଭାରତକୁ ମଧ୍ୟ ନିଜର ରପ୍ତାନି ସାମଗ୍ରୀର ଗୁଣବତ୍ତା ଓ ମୂଲ୍ୟ ବୃଦ୍ଧି ଦିଗରେ ନିରନ୍ତର କାର୍ଯ୍ୟ କରିବାକୁ ହେବ ।

ଏହି ସାମ୍ପ୍ରତିକ ବାଣିଜ୍ୟିକ ତଥ୍ୟକୁ କେବଳ ସାଧାରଣ ଅର୍ଥନୈତିକ ଦୃଷ୍ଟିକୋଣରୁ ନଦେଖି ବ୍ୟାପକ ଭୌଗୋଳିକ-ରାଜନୈତିକ ବା ଜିଓ-ପଲିଟିକାଲ୍ ପରିପ୍ରେକ୍ଷୀରେ ବିଚାର କରିବା ନିତାନ୍ତ ଆବଶ୍ୟକ । ୨୦୨୦ ମସିହାର ଗଲୱାନ୍ ଉପତ୍ୟକା ଘଟଣା ପରେ ଭାରତ ସରକାର ଅନେକ ଚୀନ୍ ଆପ୍ ଉପରେ ପ୍ରତିବନ୍ଧକ ଲଗାଇବା ସହ ଚୀନ୍ ନିବେଶ ଉପରେ କଡ଼ା ନଜର ରଖିଛନ୍ତି । ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି ଟେଲିକମ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପରୁ ଚୀନ୍ କମ୍ପାନୀଗୁଡ଼ିକୁ ଦୂରେଇ ରଖିବା ପାଇଁ ଅନେକ ଦୃଢ଼ ପଦକ୍ଷେପ ନିଆଯାଇଛି । କିନ୍ତୁ ବାଣିଜ୍ୟିକ ତଥ୍ୟ ପ୍ରମାଣ କରୁଛି ଯେ ସମ୍ପୂର୍ଣ୍ଣ ଅର୍ଥନୈତିକ ବିଚ୍ଛିନ୍ନତା ବା ଡିକପଲିଂ ବର୍ତ୍ତମାନର ଗ୍ଲୋବାଲାଇଜେସନ୍ ଯୁଗରେ ପ୍ରାୟତଃ ଅସମ୍ଭବ ଅଟେ । ବିଶ୍ୱର ଯୋଗାଣ ଶୃଙ୍ଖଳା ଚୀନ୍ ସହିତ ଏତେ ଗଭୀର ଭାବରେ ଜଡ଼ିତ ଯେ, ରାତାରାତି ଏହାର ବିକଳ୍ପ ଖୋଜିବା କୌଣସି ବିକାଶଶୀଳ ଦେଶ ପାଇଁ ସମ୍ଭବ ନୁହେଁ । ବିଶେଷକରି ସବୁଜ ଶକ୍ତି ବା ଗ୍ରୀନ୍ ଏନର୍ଜି କ୍ଷେତ୍ରରେ, ଯେପରିକି ସୌର ପ୍ୟାନେଲ୍, ୱିଣ୍ଡ୍ ଟର୍ବାଇନ୍ ଏବଂ ଇଲେକ୍ଟ୍ରିକ୍ ଯାନର ବ୍ୟାଟେରୀ ଉତ୍ପାଦନରେ ଚୀନର ପ୍ରାୟ ଏକଚାଟିଆ ଆଧିପତ୍ୟ ରହିଛି । ଭାରତ ନିଜର ପରିବେଶ ସୁରକ୍ଷା ଲକ୍ଷ୍ୟ ହାସଲ କରିବା ଏବଂ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ପାଇଁ ଏହିସବୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଉପରେ ବହୁଳ ଭାବରେ ନିର୍ଭର କରୁଛି । ।

ବିଶ୍ୱ ଅର୍ଥନୀତିରେ ବର୍ତ୍ତମାନ 'ଚୀନ୍ ପ୍ଲସ୍ ୱାନ୍' ନୀତିର ବହୁଳ ପ୍ରଚାର ହେଉଛି, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉତ୍ପାଦନ ପାଇଁ କେବଳ ଚୀନ୍ ଉପରେ ନିର୍ଭର ନକରି ଏସିଆର ଅନ୍ୟ ଦେଶଗୁଡ଼ିକରେ ନିବେଶ କରିବା । ଭାରତ ଏହି ସୁବର୍ଣ୍ଣ ସୁଯୋଗର ଫାଇଦା ଉଠାଇବା ପାଇଁ ନିଜକୁ ଏକ ଶକ୍ତିଶାଳୀ ବିକଳ୍ପ ଉତ୍ପାଦନ କେନ୍ଦ୍ର ଭାବରେ ଉପସ୍ଥାପନ କରୁଛି । କିନ୍ତୁ କଠୋର ବାସ୍ତବତା ହେଉଛି, ଅନେକ ବହୁରାଷ୍ଟ୍ରୀୟ କମ୍ପାନୀ ଭାରତରେ ନିଜର କାରଖାନା ସ୍ଥାପନ କରୁଥିଲେ ମଧ୍ୟ ସେମାନେ ନିଜର କଞ୍ଚାମାଲ ଏବଂ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ପାଇଁ ସେହି ଚୀନ୍ ଉପରେ ହିଁ ନିର୍ଭର କରୁଛନ୍ତି । ଏହା ଫଳରେ ଭାରତର ମୋଟ ରପ୍ତାନି ବୃଦ୍ଧି ପାଉଥିଲେ ସୁଦ୍ଧା ସମାନ୍ତରାଳ ଭାବରେ ଚୀନରୁ ଆମଦାନୀ ମଧ୍ୟ ତାଳ ଦେଇ ବୃଦ୍ଧି ପାଉଛି । ଉଦାହରଣ ସ୍ୱରୂପ, ଆପଲ୍ ଭଳି ବିଶ୍ୱସ୍ତରୀୟ କମ୍ପାନୀ ଭାରତରେ ଆଇଫୋନ୍ ଉତ୍ପାଦନ ବୃଦ୍ଧି କରୁଛନ୍ତି, ଯାହା ଭାରତର ଇଲେକ୍ଟ୍ରୋନିକ୍ସ ରପ୍ତାନିକୁ ଐତିହାସିକ ସ୍ତରରେ ପହଞ୍ଚାଉଛି, କିନ୍ତୁ ଏହି ସ୍ମାର୍ଟଫୋନ୍ ତିଆରି କରିବା ପାଇଁ ଅଧିକାଂଶ ସୂକ୍ଷ୍ମ ଯନ୍ତ୍ରାଂଶ ଚୀନରୁ ହିଁ ଆସୁଛି

ଆଗାମୀ ଦିନରେ ଭାରତକୁ ଏକ ସୁଚିନ୍ତିତ, ବାସ୍ତବବାଦୀ ଏବଂ ଦୀର୍ଘମିଆଦୀ ରଣନୀତି ଆପଣାଇବାକୁ ପଡିବ । କେବଳ ଶୁଳ୍କ ବୃଦ୍ଧି କରି ବା ଆମଦାନୀ ଉପରେ କଟକଣା ଲଗାଇଲେ ସମସ୍ୟାର ସମାଧାନ ହେବ ନାହିଁ, ବରଂ ଏହା ଘରୋଇ ଶିଳ୍ପଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରି ସେମାନଙ୍କୁ ବିଶ୍ୱ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ବଞ୍ଚିତ କରିବ । ଏହାର ପ୍ରକୃତ ଏବଂ ସ୍ଥାୟୀ ସମାଧାନ ହେଉଛି ଭାରତରେ ଗଭୀର ଉତ୍ପାଦନ ବା ଡିପ୍ ମ୍ୟାନୁଫ୍ୟାକ୍ଚରିଂର ଦ୍ରୁତ ବିକାଶ କରିବା। ସେମିକଣ୍ଡକ୍ଟର ଫ୍ୟାବ୍ରିକେସନ୍ ଲାବୋରେଟୋରୀ ସ୍ଥାପନ, ଖଣିଜ ପଦାର୍ଥର ସ୍ୱଦେଶୀ ବିଶୋଧନ ଏବଂ ଗବେଷଣା ତଥା ବିକାଶ (ଆର ଆଣ୍ଡ ଡି) କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ କରିବା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା । ଏଥିସହ ଦକ୍ଷ ମାନବ ସମ୍ବଳ ସୃଷ୍ଟି, ଶ୍ରମ ଆଇନରେ ସଂସ୍କାର ଏବଂ ଲଜିଷ୍ଟିକ୍ସ ଭିତ୍ତିଭୂମିର ଉନ୍ନତିକରଣ ଉପରେ ମଧ୍ୟ ସରକାରଙ୍କୁ ଅଧିକ ଗୁରୁତ୍ୱ ଦେବାକୁ ହେବ । ୨୦୨୬ ମସିହାର ଏହି ତଥ୍ୟ ଆମକୁ ଏକ ସ୍ପଷ୍ଟ ଚେତାବନୀ ଦେଉଛି ଯେ ଆତ୍ମନିର୍ଭରଶୀଳତା କେବଳ ଏକ ରାଜନୈତିକ ସ୍ଲୋଗାନରେ ସୀମିତ ନରହି ଏହାକୁ ବାସ୍ତବ ରୂପ ଦେବା ପାଇଁ କଠୋର ପରିଶ୍ରମ ଏବଂ ସଠିକ୍ ଦିଗଦର୍ଶନର ଆବଶ୍ୟକତା ରହିଛି । ଚୀନ୍ ସହିତ ଥିବା ଏହି ଅସମାନ ତଥା ଜଟିଳ ବାଣିଜ୍ୟିକ ସମ୍ପର୍କକୁ ସଫଳତାର ସହିତ ପରିଚାଳନା କରିବା ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଆହ୍ୱାନ ନିଶ୍ଚୟ, କିନ୍ତୁ ସଠିକ୍ ଅର୍ଥନୈତିକ ନୀତି, ଘରୋଇ ଶିଳ୍ପାୟନ ଏବଂ ନିରନ୍ତର ପ୍ରୟାସ ମାଧ୍ୟମରେ ଭାରତ ନିଶ୍ଚିତ ଭାବରେ ଏହି ଆହ୍ୱାନର ସଫଳ ମୁକାବିଲା କରିପାରିବ ।

# ବିଟି ଶସ୍ୟ ଓ କୃଷି ବିପର୍ଯ୍ୟୟ ଅଭିମୁଖେ ଭାରତ

**ବିନୋଦ**

ଭାରତ ପରି ଏକ କୃଷି ପ୍ରଧାନ ଦେଶରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଜେନେଟିକ ମଡିଫାଏଡ ଶସ୍ୟ ବିପଦ। କମ୍ ସମୟରେ ଅଧିକ ଉତ୍ପାଦନ ଆଭିମୁଖ୍ୟ ରଖି ବିଟି ଶସ୍ୟକୁ ପ୍ରୋତ୍ସାହନ ଦିଆଯାଉଥିବାବେଳେ ଏହା କୃଷି ଓ କୃଷକଙ୍କ ଲାଗି ବିପଦ ସୃଷ୍ଟି କରିବାରେ ଲାଗିଛି। ବିଟି ଶସ୍ୟ ଯୋଗୁ ଭାରତର ହଜାର ହଜାର ବର୍ଷର ମୂଳ ଶସ୍ୟର ବିଲୋପ ଘଟୁଥିବାବେଳେ ଦିନକୁ ଦିନ ଭାରତର ଜୈବ ବିବିଧତା, ଶସ୍ୟ ସ୍ୱରାଜ, କୃଷକଙ୍କ ଆର୍ଥିକ ସାର୍ବଭୌମତ୍ୱ କ୍ଷୁଣ୍ଣ ହେବାରେ ଲାଗିଛି।

ପ୍ରତି ଜୀବ ବା ଉଦ୍ଭିଦର ବଂଶଗତ ଗୁଣାବଳୀ ପରିବାହକ ବା ଜିନ୍ ରହିଥାନ୍ତି। ଏହା ଲକ୍ଷ ଲକ୍ଷ ବର୍ଷ ତଳୁ ଉତ୍ତରାଧିକାରୀତ୍ୱ ସୂତ୍ରରେ ଚାଲିଆସିଛି। ମାତ୍ର ଆଧୁନିକ ବିଜ୍ଞାନ ଜରିଆରେ ମୂଳ ଜିନ୍‌ର ପରିବର୍ତ୍ତନ ଘଟାଯାଇଥାଏ ଯାହାକୁ ଜେନେଟିକ ମଡିଫାଏଡ ଟେକ୍ନୋଲୋଜି କୁହାଯାଏ। ଏହା ଦ୍ୱାରା ମୂଳ ଶସ୍ୟର ଗୁଣ, ରୂପ, ଆକାର ଆଦି ପରିବର୍ତ୍ତିତ ହୋଇଯାଇଥାଏ। ଜିଏମ୍ ସିଡ୍ ଅଧିକ ସୁନ୍ଦର, ଅଧିକ ଉତ୍ପାଦନକ୍ଷମ ହୋଇଥିଲେ ବି ଏହା ପରୋକ୍ଷ ଭାବେ ଜୈବ ସ୍ୱରାଜକୁ ଧ୍ୱଂସ କରିଥାଏ ଏବଂ ମୂଳ ବିହନକୁ ଚିରକାଳ ଲାଗି ବିଧ୍ୱଂସ କରିଦେଇଥାଏ।

ଭାରତରେ ଏବେ ବିଟି କପା ଓ ବିଟି ବାଇଗଣ ସମେତ ଅନେକ ବହୁ ବିଟି ଶସ୍ୟର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ମାଟିରେ ରହୁଥିବା ଏକ ପ୍ରକାର ବ୍ୟାକ୍ଟେରିଅମ **Bacillus thuringiensis** (ବିଟି)ର ଏକ ସ୍ୱତନ୍ତ୍ର ଜିନ୍ **cry1Ac** କୁ ବାହାର କରି କପା ଓ ବାଇଗଣ ଆଦିର ମିରେ ଡିଏନଏ ପ୍ରଯୁକ୍ତି ଜରିଆରେ ପ୍ରୟୋଗ କରାଯାଏ। ଏହି ଜିନ୍ ପରିବର୍ତ୍ତିତ ଶସ୍ୟ କୀଟ ପ୍ରତିରୋଧକ ହୋଇଥିବାରୁ ଚାଷରେ କ୍ଷତି ଘଟେ ନାହିଁ ବୋଲି ବୈଜ୍ଞାନିକ କହନ୍ତି। ମାତ୍ର ଏହା ଯୋଗୁ ମୂଳ ଶସ୍ୟର ଗୁଣବତ୍ତା ନଷ୍ଟ ହୋଇଯାଏ ଏବଂ ଯେଉଁ ଜମିରେ ଏହି ବିହନ ଚାଷ କରାଯାଏ ସେହି ଜମିରେ ଆଉ କୌଣସି ଫସଲ ହୋଇପାରି ନଥାଏ। ବିଟି ବିହନ ଜରିଆରେ ଗଛ ବୃଦ୍ଧି ହେଉଥିବା ବେଳେ ସାଧାରଣତଃ ଜେନେଟିକ ସଂକ୍ରମଣ ହୋଇଥାଏ ଏବଂ ପତଙ୍ଗ, ମହୁମାଛି ବା ବାୟୁ ଜରିଆରେ ଏହାର ପ୍ରଭାବ ଅନ୍ୟାନ୍ୟ ସ୍ଥାନକୁ ବିସ୍ତାରିତ ହୋଇଥାଏ ଯାହା କି ମୂଳ ବିହନ ବା ଶସ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ।

ଦେଶରେ ଦିନକୁ ଦିନ ବଢ଼ିବାରେ ଲାଗିଛି ବିଟି ବିହନର ଚାଷ। ୧୯୯୬ରେ ୧.୭ ନିୟୁତ ହେକ୍ଟର ଜମିରେ ଏହି ବିହନ ଚାଷ ହୋଇଥିବାବେଳେ ୨୦୧୬ରେ ଏହି ପରିମାଣ ହୋଇଥିଲା ୧୮୫.୧ ନିୟୁତ ହେକ୍ଟର। ମକା, କପା, ବାଇଗଣ ସମେତ ଅନ୍ୟାନ୍ୟ ଜିନ୍ ପରିବର୍ତ୍ତିତ ବିହନ ଚାଷ ପରିମାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ସ୍ଥିତି ଏପରି ହେଲାଣି ଯେ, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ ଆଦି ରାଜ୍ୟରେ ୯୫ ପ୍ରତିଶତ କପା ଚାଷରେ ବିଟି କପା ବିହନ ବ୍ୟବହୃତ ହୋଇଥାଏ। ସାମାନ୍ୟ ଲାଭ ଆଶାରେ ବିଟି ବିହନର ଚାଷ ସାମୟିକ ଭାବେ ଉପକାର ଦେଇଥାଏ ମାତ୍ର କାଳ କାଳ ଲାଗି ହଜାର ହଜାର ବର୍ଷର ମୂଳ ବିହନକୁ ନିଶ୍ଚିହ୍ନ କରିଦେଇଥାଏ।

ପ୍ରଥମ ଥର ଲାଗି ୧୯୮୩ରେ ତମାଖୁ କ୍ଷେତ୍ରରେ ଜେନେଟିକ ଇଞ୍ଜିନିୟରିଂ ପଦ୍ଧତି ଆପଣା ଯାଇଥିଲା। ଆଗ୍ରୋବାକ୍ଟେରିଅମର ଏକ ଜିନ୍‌କୁ ତମାଖୁ କ୍ଷେତ୍ରରେ ପ୍ରୟୋଗ କରାଯାଇଥିଲା। ପ୍ରଥମେ ଆମେରିକା ଓ ଫ୍ରାନ୍ସ ଏବଂ ପରେ ଚୀନ ଜେନେଟିକ ମଡିଫାଏଡ ବିହନକୁ ବ୍ୟବସାୟୀକରଣ କରିଥିଲେ। ପରେ ବିଶ୍ୱର ବହୁ ରାଷ୍ଟ୍ରକୁ ଏହା ବ୍ୟାପିଥିଲା। ୨୦୨୪ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ କଦଳୀ କ୍ଷେତ୍ରରେ ଏହି ପ୍ରଯୁକ୍ତି ବ୍ୟବହାର କରାଯାଇଥିଲା।

କୀଟ, ମରୁଡ଼ି ପ୍ରତିରୋଧକ ବିହନ ଭାବେ ଜିଏମ ବିହନକୁ ବ୍ୟବହାର କରାଯାଉଥିଲେ ବି ଏହାର ପ୍ରତିକୂଳ ପ୍ରଭାବ ପରିବେଶ ଓ ସ୍ୱାସ୍ଥ୍ୟ ଉପରେ ରହୁଛି। ଭେନେଜୁଏଲା, ଆଲଜେରିଆ, ପେରୁ, ଭୁଟାନ ସମେତ ୬୦ରୁ ଅଧିକ ରାଷ୍ଟ୍ରରେ ଜିଏମ ବିହନକୁ ନିଷିଦ୍ଧ କରାଯାଇଥିବା ବେଳେ ଭାରତରେ ଏହାର ଯଥେଷ୍ଟ ବ୍ୟବହାର ହେଉଥିବା ପରିଲକ୍ଷିତ ହୋଇଛି। ଭାରତରେ ୨୦୦୨ରେ ବିଟି କଟନକୁ ଅନୁମତି ଦିଆଯାଇଥିବାବେଳେ ୨୦୨୨ରେ ସୋରିଷ କ୍ଷେତ୍ରରେ ଏହାକୁ ଅନୁମତି ଦିଆଯାଇଥିଲା। ମାତ୍ର ଆଇନଗତ ବିବାଦ କାରଣରୁ ଏହା କାର୍ଯ୍ୟକାରୀ ହୋଇପାରି ନଥିଲା। ସେହିପରି ୨୦୦୯ରେ ବିଟି ବାଇଗଣକୁ ଅନୁମତି ଦିଆଯାଇଥିଲା ମାତ୍ର ପ୍ରବଳ ବିରୋଧ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରି ନଥିଲା। ଏହା ସତ୍ତ୍ୱେ ବହୁ ରାଜ୍ୟରେ ବେଆଇନ ଭାବେ ଏହି ବିହନ ଚାଷ ହେଉଥିବା ଜଣାଯାଏ। ବିଟି ବିହନ ସାଧାରଣତଃ ଜୈବ ବିବିଧତା ଉପରେ କ୍ଷତି ପହଞ୍ଚାଇବା ସହ ଅନେକ ପ୍ରକାର ଉପକାରୀ କୀଟ, ମହୁମାଛି ପରି କୀଟ, ମାଟିରେ ରହୁଥିବା ଉପକାରୀ ବ୍ୟାକ୍ଟେରିଆଙ୍କୁ ଧ୍ୱଂସ କରିଦେଇଥାଏ। ଏହି କାରଣରୁ ଆଜିକାଲି ପ୍ରଜାପତି, ଫିରିଙ୍ଗି ଓ ଅନେକ ପ୍ରକାର କୀଟ ଦେଖାଯାଇ ନଥାନ୍ତି।

ଜିଏମ ବିହନରୁ ଜାତ ଖାଦ୍ୟଶସ୍ୟ ମଣିଷ ଓ ଅନ୍ୟ ଜୀବଙ୍କ ଶରୀରରେ ରହିଥିବା ଆଣ୍ଟିବାୟୋଟିକ ପ୍ରତିରୋଧକ ଶକ୍ତିକୁ ନିଷ୍କ୍ରିୟ କରିଥାଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବି ଚିନ୍ତାବ୍ୟକ୍ତ କରାଯାଇଥିଲା। ସେହିପରି ଖାଦ୍ୟ ଶୃଙ୍ଖଳର ନିୟନ୍ତ୍ରଣ ବହୁରାଷ୍ଟ୍ରୀୟ କମ୍ପାନୀ ହାତକୁ ଚାଲିଯିବ ବୋଲି ଅନେକ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ଦିନକୁ ଦିନ ପ୍ରଯୁକ୍ତି କ୍ଷେତ୍ରର ବିକାଶ ଯୋଗୁ ନୂଆ କିସମର ବିହନ ବାହାର କରାଯାଉଥିବା ବେଳେ ମୂଳ ବିହନ ଧ୍ୱଂସ ହୋଇଯାଉଛି। ଏହାର ସୁଯୋଗ ନେଇ ବହୁରାଷ୍ଟ୍ରୀୟ କମ୍ପାନୀ ନିଜ ନିଜର ବିହନ ବଜାର ସୃଷ୍ଟି କରୁଛନ୍ତି ଏବଂ ମୂଳ ବିହନ ଓ ମୃତ୍ତିକାର ଅସଲ ଶକ୍ତିକୁ ନଷ୍ଟ କରି ଦେଉଛନ୍ତି।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁ ପ୍ରଥମତଃ ଭାରତୀୟ କୃଷି ବଜାରରେ ଆମେରିକୀୟ ଆଧିପତ୍ୟ ବୃଦ୍ଧି ପାଇବ। ଦ୍ୱିତୀୟରେ ଜିଏମ ବିହନଜାତ ଶସ୍ୟ ଭାରତରେ ବ୍ୟାପକ ପ୍ରସାର ହେବ। ସେହି ଶସ୍ୟଗୁଡ଼ିକ ହେଲା ଜୋଆର, ସୋୟାବିନରୁ ପ୍ରସ୍ତୁତ ତେଲ, ଅନେକ ପ୍ରକାର ଫଳ, ପ୍ରାଣୀମାନଙ୍କ ଖାଦ୍ୟ ଆଦି।

ଆମେରିକା ବର୍ତ୍ତମାନ ବିଶ୍ୱର ସବୁଠାରୁ ବୃହତ ଜିଏମ ଶସ୍ୟ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି। ଭାରତକୁ ଆମେରିକା ପ୍ରମୁଖ ବଜାର ଭାବେ ଦେଖୁଛି। ଚୁକ୍ତି ଯୋଗୁ ଭାରତରେ କେବଳ ଆମେରିକୀୟ ଜିଏମ ଶସ୍ୟ ଉପଲବ୍ଧ ହେବ ନାହିଁ ବରଂ ଜିଏମ ଶସ୍ୟରୁ ପ୍ରସ୍ତୁତ ଶିଶୁଖାଦ୍ୟଠାରୁ ଆରମ୍ଭ କରି ଅନେକ ପ୍ରକାର ପ୍ୟାକେଜଯୁକ୍ତ ଖାଦ୍ୟପଦାର୍ଥ ଉପଲବ୍ଧ ହେବାରେ ଲାଗିଛି। ଆଶ୍ଚର୍ଯ୍ୟର କଥା ଆମେରିକାରୁ ଆମଦାନି ହେଉଥିବା ଶସ୍ୟ ଓ ସୋୟାବିନ ତେଲକୁ କରମୁକ୍ତ କରାଯାଇଛି। ଏହି ଦୃଷ୍ଟିରୁ ଏହି ଚୁକ୍ତିକୁ ବିଭିନ୍ନ ସଂଗଠନ ବିରୋଧ କରିଆସୁଛନ୍ତି। ଭାରତ ପ୍ରତିବର୍ଷ ବିଲିୟନ ବିଲିୟନ ଡଲାରର ଖାଦ୍ୟଶସ୍ୟ, କୃଷି ସାମଗ୍ରୀ ଆମେରିକାଠାରୁ ଆମଦାନି କରୁଛି। ପ୍ରତିବଦଳରେ ସମପରିମାଣର ସାମୁଦ୍ରିକ ଖାଦ୍ୟ ଆମେରିକାକୁ ରପ୍ତାନି କରୁଛି। ଏଠାରେ ଏହା କୁହାଯିବା ଯଥାର୍ଥ ଯେ, ଭାରତ ହିଁ ପ୍ରକୃତରେ ବିଶେଷ କ୍ଷତିଗ୍ରସ୍ତ ହେଉଛି ଏବଂ ଭାରତୀୟ କୃଷି ଅର୍ଥନୀତିକୁ ଧ୍ୱଂସ ଆଡ଼କୁ ନେଇଯାଉଛି।

ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭିରୋନମେଣ୍ଟ ବା ଉଝର ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଭାରତରେ ୨୦ରୁ ଅଧିକ ପ୍ରକାରର ଜେନେଟିକାଲି ମଡିଫାଏଡ ଖାଦ୍ୟ ସାମଗ୍ରୀ ଖୋଲା ବଜାରରେ ବିକ୍ରି କରାଯାଉଛି। ନିରୀହ ଖାଉଟିମାନଙ୍କ ଜୀବନ ସହ କିଛି କମ୍ପାନି ଖେଳୁଛନ୍ତି। ସେହି ଖାଦ୍ୟ ମଧ୍ୟରେ ରହିଛି ଶିଶୁ ଖାଦ୍ୟ, ଖାଇବା ତେଲ, ଖାଦ୍ୟପଦାର୍ଥ ଇତ୍ୟାଦି। ଆମେରିକା, କାନାଡା, ଥାଇଲାଣ୍ଡ, ନେଦରଲ୍ୟାଣ୍ଡସ, ୟୁଏଇ ଆଦି ରାଷ୍ଟ୍ରରୁ ଆମଦାନୀ କରାଯାଇଥିବା ଅନେକ ଖାଦ୍ୟ ପଦାଥରେ ଜିଏମ ଶସ୍ୟ ବ୍ୟବହୃତ ହୋଇଥିବା ଜଣାଯାଇଛି। ଅର୍ଥାତ ବେଆଇନ ଭାବେ ଭାରତୀୟ ଖାଦ୍ୟଶସ୍ୟ ବଜାରରେ ବଡ଼ ବଡ଼ କମ୍ପାନିଙ୍କ ପ୍ରାଧାନ୍ୟ ଜାରି ରହିଛି। ବେଆଇନ ବିହନ, ଖାଦ୍ୟ ପଦାର୍ଥ ଉପରେ ସାଧାରଣତଃ ଜେନେଟିକ ଇଞ୍ଜିନିୟରିଂ ମୁରୀ କମିଟି ବା ଏରଇଉର ଭୂମିକା ଥାଏ। ମାତ୍ର ଏରଇଉ ଯଦି ସବୁ କ୍ଷେତ୍ରରେ ନୀରବ ରୁହେ ତେବେ ଅନ୍ତଃରାଷ୍ଟ୍ରୀୟ କମ୍ପାନିଗୁଡ଼ିକ ଲାଭବାନ ହେଉଥିବାବେଳେ ଭାରତ କ୍ଷତିର ସମ୍ମୁଖୀନ ହୋଇଥାଏ। ଦେଶରେ ଜିଏମ ଶସ୍ୟକୁ ଅନୁମତି ଦିଆଯାଇନାହିଁ ବୋଲି ୨୦୧୭ ମେ ୨୪ରେ ସୁପ୍ରିମକୋର୍ଟରେ ଦର୍ଶାଇଥିଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଅଧୀନସ୍ଥ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ କର୍ତ୍ତୃପକ୍ଷ ବା ଋଝଝଇଓ। ଏହା ସତ୍ତ୍ୱେ ଭାରତରେ କିପରି ବିପୁଳ ପରିମାଣର ଜିଏମ ଶସ୍ୟ ବ୍ୟବହୃତ ହେଉଛି ତାହା ଆଶ୍ଚର୍ଯ୍ୟ ସୃଷ୍ଟି କରୁଛି।

ଜିଏମ ଶସ୍ୟ କ୍ଷେତ୍ରରେ ଏକ ଜାତୀୟ ନୀତି ନିର୍ଦ୍ଧାରଣ କରିବା ଲାଗି କେନ୍ଦ୍ର ସରକାରଙ୍କୁ ୨୦୨୪ ଜୁଲାଇ ୨୩ରେ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ଏହା ସହ ଜିଏମ ଶସ୍ୟର ଗବେଷଣା, ଚାଷ, ବ୍ୟବସାୟ ଲାଗି ସ୍ୱତନ୍ତ୍ର ନୀତି ପ୍ରସ୍ତୁତି ଲାଗି କୋର୍ଟ ପରାମର୍ଶ ଦେଇଥିଲେ। ମାତ୍ର ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଇ ନଥିବାରୁ ଦେଶରେ ଏବେ ବ୍ୟାପକ ପରିମାଣର ଜିଏମ ବିହନରୁ ଚାଷ ହେବା ସହ ଅନେକ ପ୍ରକାର ଖାଦ୍ୟ ବଜାରରେ ପ୍ରଭାବ ବିସ୍ତାର କରିଛି। ଜିଏମ ବିହନ ବା ଶସ୍ୟର ପ୍ରାଦୁର୍ଭାବ ରୋକିବା ଲାଗି ଗତ ୨୦୨୪ ଅଗଷ୍ଟରେ ୧୮ଟି ରାଜ୍ୟର ଶତାଧିକ କୃଷକ ସଂଗଠନ କେନ୍ଦ୍ର ପରିବେଶ ମନ୍ତ୍ରାଳୟ ନିକଟକୁ ପତ୍ର ଲେଖିଥିଲେ। କେବଳ ପାବରେ ଜିଏମ୍ କପା ଚାଷ ପରିମାଣ ୪୬ ପ୍ରତିଶତ ହ୍ରାସ ହୋଇଥିବାରୁ ସଂଗଠନଗୁଡ଼ିକ ପକ୍ଷରୁ ଚିନ୍ତା ପ୍ରକଟ ହୋଇଥିଲା। ଏହାର କାରଣ ହେଉଛି ଜିଏମ କପା ବିହନ ଆବଶ୍ୟକ ଲାଭ ଦେଇପାରି ନଥିଲା ଏବଂ ଅମଳ ହ୍ରାସ ପାଇଥିଲା। ଚାଷୀମାନେ କ୍ଷତିରେ ସମ୍ମୁଖୀନ ହେବାରୁ କପା ଚାଷ କରିବାକୁ ଆଗ୍ରହୀ ହୋଇନଥିଲେ। ବହୁରାଷ୍ଟ୍ରୀୟ କମ୍ପାନି ବେୟର ଓ ମନସାଣ୍ଟୋ ପକ୍ଷରୁ ବିକ୍ରି କରାଯାଉଥିବା କପା ବିହନ ଚାଷୀଙ୍କ ଲାଗି ଘାତକ ସାବ୍ୟସ୍ତ ହେବା ସହ ଚାଷୀମାନଙ୍କୁ ନାନା ପ୍ରକାର ଆର୍ଥିକ ସମସ୍ୟାରେ ପକାଇଥିଲା। ଏହି କାରଣରୁ କପା ଚାଷୀଙ୍କ ଆତ୍ମହତ୍ୟା ବୃଦ୍ଧି ପାଇଥିଲା। ଏପରିକି କପା ଚାଷୀଙ୍କ ଆତ୍ମହତ୍ୟା ନେଇ ଅଦାଲତରେ ସ୍ୱୀକାର କରିଥିଲେ କେନ୍ଦ୍ର ସରକାର। କୁହାଯାଏ-ମନସାଣ୍ଟୋର ଜିଏମ କପା ବିହନ କରିବା ପରେ ଅନେକ ଚାଷୀ ଦେବାଳିଆ ହୋଇଯାଇଛନ୍ତି ଏବଂ ୨୦୧୨ ସୁଦ୍ଧା ପ୍ରାୟ ୨ ଲକ୍ଷ ୫୦ ହଜାର କପା ଚାଷୀ ଆତ୍ମହତ୍ୟା କରିଛନ୍ତି। ଏହି ସଂଖ୍ୟା ୩ ଲକ୍ଷ ହେବ ବୋଲି ଆକଳନ କରିଥିଲେ ବିଶିଷ୍ଟ ସ୍ତମ୍ଭକାର ବେଲେନ ଫର୍ଣ୍ଣାଣ୍ଡେଜ ଯାହାକୁ ସମର୍ଥନ କରିଥିଲେ ବିଶିଷ୍ଟ ପରିବେଶବିତ୍ ବନ୍ଦନା ଶିବା। ୨୦୧୮ରେ ମନସାଣ୍ଟୋକୁ ବେୟର ଗ୍ରୁପ କ୍ରୟ କରିବା ପରେ ଭାରତରେ ବର୍ତ୍ତମାନ ବେୟର କମ୍ପାନି ହିଁ ଜିଏମ ଶସ୍ୟର ବ୍ୟବସାୟ କରିଚାଲିଛି।

ଦେଶରେ ଦିନକୁ ଦିନ କୃଷିଭିତ୍ତିକ ଜମି ପରିମାଣ ହ୍ରାସ ପାଇବାରେ ଲାଗିଛି। ସହରୀକରଣ, ଶିଳ୍ପ, ଗୃହ ନିର୍ମାଣ, ଜନସଂଖ୍ୟା ବୃଦ୍ଧି ଆଦି କାରଣରୁ ଜମି ପରିମାଣ ଦ୍ରୁତଗତିରେ ହ୍ରାସ ପାଉଛି। ୧୯୭୦ ଦଶକ ବେଳକୁ ଦେଶରେ ହାରାହାରି ଜମି ପରିମାଣ ଥିଲା ୨.୨୮ ହେକ୍ଟର। ବର୍ତ୍ତମାନ ଏହି ପରିମାଣ ୧ ହେକ୍ଟରକୁ କମିଆସିଲାଣି। ୩୦ ପ୍ରତିଶତ ଜମି କୃଷି କାର୍ଯ୍ୟ ଲାଗି ଅଯୋଗ୍ୟ ବିବେଚିତ ହେଲାଣି। ଏପରି ଅବସ୍ଥାରେ ବିଟି ବିହନର ଚାଷ କୃଷି ଲାଗି ବଡ଼ ବିପର୍ଯ୍ୟୟ ଆଣିବାର ଆଶଙ୍କା ସୃଷ୍ଟି କରୁଛି।

+ଭୁବନେଶ୍ୱର
ମୋ: ୯୪୩୭୧୬୪୭୬୪

# ଶ୍ରୀଜଗନ୍ନାଥାମୃତମ୍



**ପଣ୍ଡିତ ଦୈତ୍ୟାରି ମହାପାତ୍ର**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ତାହା ହିଁ ହେଲା। ଦୈବୀବାଣୀ ଅନୁଯାଇ ମହାରାଜା ଆନନ୍ଦିତ ହୋଇ ଏକାନ୍ତ ଭକ୍ତିର ସହିତ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଇଲେ।

ମନ୍ଦିର ନିର୍ମାଣ ପରେ ତିନିମୂର୍ତ୍ତିଙ୍କୁ ସ୍ଥାପନ କରିବା ପାଇଁ ରାଜା ମନସ୍ଥ କଲେ। ଏହି ମନ୍ଦିର ଶଙ୍ଖନାଭି ମଣ୍ଡଳ ଉପରେ ନିର୍ମିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କ ପାଖକୁ ଗଲେ। ଗଲେ ଯେ ଆଉ ଫେରିଲେ ନାହିଁ।

ଏହା ମଧ୍ୟରେ ବହୁତ ବର୍ଷ ବିତିଗଲା। କେତେ ସହସ୍ର ବର୍ଷ ବିତିଯାଇଛି ତାହାର କିଛି ହିସାବ ନାହିଁ। ଏ ରହସ୍ୟ ମଧ୍ୟ ସୁପ୍ତପ୍ରାୟ ହୋଇଗଲା। ସେତେବେଳକୁ ମନ୍ଦିରଟି ସମ୍ପୂର୍ଣ୍ଣ ବାଲି ଭିତରେ ପୋତି ହୋଇ ଯାଇଥାଏ।

ଗାଲମାଧବ ନାମକ ଜଣେ ରାଜା ସମୁଦ୍ର କୂଳରେ ବୁଲୁଥିବା ସମୟରେ ସେଠାରେ ପହଞ୍ଚିଲେ। ଘୋଡ଼ାର ଟାପୁରେ ବାଲିରେ ଥିବା ମନ୍ଦିରର ଅଗ୍ରଭାଗ ଦେଖିବାରୁ ସେ ସୈନ୍ୟସାମନ୍ତ ଲଗାଇ ବାଲିକୁ ଖୋଲି ସ୍ୱର୍ଣ୍ଣ ମନ୍ଦିର ବାହାର କଲେ।

ଇନ୍ଦ୍ରଦ୍ୟୁମ୍ନ ରାଜା ଫେରିଲା ବେଳକୁ ଗାଲମାଧବ ସେହି ମନ୍ଦିରର ସର୍ବେସର୍ବା ବୋଲି ଯୁକ୍ତି କଲେ। ପରେ ଦୁଇ ରାଜାଙ୍କ ମଧ୍ୟରେ ଆରମ୍ଭ ହେଲା ବିଦ୍ରୋହ। ଶେଷରେ ଇନ୍ଦ୍ରଦ୍ୟୁମ୍ନ ପୋଖରୀରେ ଥିବା କଇଁଚ ଚତୁର୍ଭୂଜ କାଉଙ୍କୁ ସାକ୍ଷୀରଖି ପଚାରିବାରୁ କଇଁଚ ଏବଂ ସେମାନେ ଇନ୍ଦ୍ରଦ୍ୟୁମ୍ନଙ୍କ ସପକ୍ଷରେ ମତ ଦେଲେ। ଶେଷରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କ ଦ୍ୱାରା ମନ୍ଦିରରେ ତିନି ବିଗ୍ରହଙ୍କୁ ପ୍ରତିଷ୍ଠା କରାଇଲେ।

ଖ୍ରୀ:ଅ: ନବମ ଶତାବ୍ଦୀରେ ଓଡ଼ିଶାର ସୋମବଂଶୀୟ ରାଜା ଯଯାତି କେଶରୀ ଜଗନ୍ନାଥଙ୍କ ପାଇଁ ଏକ ସୁନ୍ଦର ମନ୍ଦିରଟିଏ ନିର୍ମାଣ କଲେ। ମାତ୍ର ସମୁଦ୍ର କୂଳରେ ତାହା ଅବସ୍ଥିତ ଥିବାରୁ ଲୁଣିପାଣି ପାଇ କିଛି ବର୍ଷ ପରେ ତାହା ପ୍ରାୟତଃ ନଷ୍ଟ ହୋଇଗଲା। କିନ୍ତୁ ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶାର ବଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଦେବ ଏହି ମନ୍ଦିର ନିର୍ମାଣ କରିଥିଲେ। କିମ୍ବଦନ୍ତୀ ଅନୁସାରେ ରାଘବ ଦେବଙ୍କ ତାମ୍ର ଶାସନର କିମ୍ବଦନ୍ତୀରୁ ଏକ ଶ୍ଲୋକରେ ଲେଖାଅଛି-

ପାଦୌ ଯସ୍ୟ ଧରାନ୍ତରୀକ୍ଷମଖିଳଂ ନାଭିଣ୍ଟେ ସର୍ବାଦିଶଃ।

ଶ୍ରୋତ୍ରେ ନେତ୍ରଯୁଗଂ ରବୀନ୍ଦ୍ରଯୁଗଳଂ ମୂର୍ଦ୍ଧାପି ଚ ଦ୍ୟୌରସୌ।

ପ୍ରାସାଦଂ ପୁରୁଷୋତ୍ତମସ୍ୟ ନୃପତିଃ କୋ ନାମ କର୍ତ୍ତୁଂ କ୍ଷମଃ।

ତସ୍ୟୈତ୍ୟାଦିନୃପୈରୁ ପେକ୍ଷିତମୟଂ ଚକ୍ରେଙ୍ଗଗଙ୍ଗେଶ୍ୱରଃ ॥

ମହାରାଜା ଚୋଡ଼ଗଙ୍ଗଦେବ ଦଶଲକ୍ଷମାଢ ସୁନା ମୋହର ଦେଇ ଏହି ମନ୍ଦିର ନିର୍ମାଣ କରିଥିବାର ଉକ୍ତି ଅଛି। ଏ ପ୍ରସଙ୍ଗରେ ମାଦଳାପାଞ୍ଜିରେ ଲେଖାଅଛି।

"ଏଥକୁ ଠାକୁରେ (ରାଜା ଚୋଡ଼ଗଙ୍ଗଦେବ) ଆଜ୍ଞା ଦେଲେ, ଏମନ୍ତକୁ ଶିଳ୍ପଶାସ୍ତ୍ରମାନ ଦେଖ। କେଉଁ ପ୍ରସାଦ ହେଲେ ବିଷ୍ଣୁଯୋଗ୍ୟ, ଏଥକୁ ଭଟ୍ଟ ମିଶ୍ରମାନେ କହିଲେ, ପ୍ରାସାଦ ଯେ ଛତିଶ ପ୍ରକାରେ, ଏଥକୁ କୋଡ଼ିଏ ପ୍ରକାରେ ପ୍ରାସାଦ ଶ୍ରେଷ୍ଠ। ଏଥି ଭିତରୁ ଶ୍ରୀବତ୍ସ ଖଣ୍ଡଶାଳ ହୋଇ ଯେଉଁ ପ୍ରାସାଦ ସେ ପ୍ରାସାଦ ହରିର ବଡ଼ ପ୍ରିୟ, ଏହା ଶୁଣି ରାଜାଏ ଆଜ୍ଞା ଦେଲେ ଏହି ପ୍ରାସାଦ ଉଚ୍ଚ କରାଇବା। ଏଥକୁ ଦେଉଳ ତୋଳାକୁ ଦେଲେ .... ସୁନା ଦଶ ଲକ୍ଷ ମାଢ।"

ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଠାକୁର। ସେ ଏମିତି ଏକ ଦେବତା ତାଙ୍କ ସମ୍ପର୍କରେ ଯେତେ ଲେଖିଲେ ଯେତେ କହିଲେବି ସ୍ୱଳ୍ପ ହେବ। କାରଣ ସେ ବଡ଼ ଠାକୁର। ତାଙ୍କର ମନ୍ଦିର ବଡ଼ ମନ୍ଦିର, ତାଙ୍କର ଦାଣ୍ଡ ବଡ଼ ଦାଣ୍ଡ, ତାଙ୍କର ନେତ ବଡ଼ ନେତ, ତାଙ୍କର ପାହାଚ ବଡ଼ ପାହାଚ ଯାହା ବାଇଶି ପାହାଚ ନାମରେ କ୍ଷ୍ୟାତ, ତାଙ୍କର ପ୍ରସାଦ ମହାପ୍ରସାଦ ତାଙ୍କର ସବୁକିଛି ବଡ଼। ତାଙ୍କ ଆଶୀର୍ବାଦ ନଥିଲେ ସବୁକିଛି ଅସମ୍ଭବ ହୋଇପଡ଼ିବ। ତାଙ୍କରି ପାଇଁତ ଏ ଓଡ଼ିଆ ଜାତି ଗର୍ବିତ। ତାଙ୍କୁ ନେଇ ବାର ମାସରେ ତେର ପର୍ବ ପାଳନ କରାଯାଏ। ତାଙ୍କ ସମ୍ପର୍କରେ ଲେଖିବାକୁ ହେଲେ ନିଜକୁ ତାଙ୍କ ନିକଟରେ ସେତିକି ସମର୍ପିତ ହେବାକୁ ପଡିବ। ସେ ଯାହାକୁ ସଦୟ ହେବେ ଅସମ୍ଭବ ସମ୍ଭବରେ ପରିଣତ ହେବ। (ସମାପ୍ତ)

ରାଜ୍ୟ ଶିକ୍ଷା ଅଧିକାର ଅଧିକାରୀ
ସଂସ୍କୃତି ସଂଯୋଜକ- ତଥା ମୁଖ୍ୟ
ସଂପାଦକ- କଳିଙ୍ଗ ସମାଜ,
ଭୁବନେଶ୍ୱର, ଓଡ଼ିଶା
ଫୋ-୮୭୬୩୫୪୩୨୦୨

କବିତା କୋଣାର୍କ

## ପରିବା ବିକୁଥିବା ଝିଅ

**ଡ. ଶୁଭେନ୍ଦୁ ମେହେର**



କୁକରା ଡକା ଆଗରୁ ସେ' ଉଠେ,
ଅନ୍ଧାର ଚିରି
ଠେଲାକୁ ଠେଲାଏ !

ଠେଲାରେ ପରିବା ସହିତ
ଥାଏ ମାଟିର ଗନ୍ଧ,
ପତ୍ର ସବୁଜିମା,
ଆଉ ଗୋଟିଏ ପରିବାରର ସ୍ୱପ୍ନ ।

ତା' ନାଁ କେହି ଜାଣନ୍ତିନାହିଁ
ପରିବାବାଲି ଲୋକେ ଡାକନ୍ତି,
ବୟସ ପାଖାପାଖି କୋଡ଼ିଏ,
ଆଖିରେ ଚାଳିଶ ବର୍ଷର ଧୈର୍ଯ୍ୟ ।

ପାତଳଘଣ୍ଟାର ଲାଲିମା ପରି
ତା'ର ଆଶା !
ବାଇଗଣର ସବୁଜରେ
ଲୁଚି ରହିଛି ତା'ର ଭବିଷ୍ୟତ,
ସେ' ପରିବା ଓଜନ କରେନି
ଓଜନ କରେ ନିଜ ଦାୟିତ୍ୱ ।
ହସ ହସ ମୁହଁରେ ଦର କହେ,
ସେ' ଜାଣେ........
ଏଇ ହସ ହିଁ ତା'ର ଏକମାତ୍ର ପୁଞ୍ଜି ।

ଖରା ତା' ଚମଡ଼ା ପୋଡ଼େ,
ବର୍ଷା ତାକୁ ଓଦା କରେ
ଲୋକେ ଦର କମାନ୍ତି,
କେତେବେଳେ କଟୁ କଥା ବି କୁହନ୍ତି,
ସେ' ଚୁପ ରୁହେ ।
ଘରେ ବାପା ଅସୁସ୍ଥ,
ମା' ଅପେକ୍ଷା କରିଛି,
ସାନ ଭଉଣୀର ସ୍କୁଲ ଫି ବାକି ।

ବେଳ ବୁଡ଼ିଲେ ଠେଲା ଖାଲି ହୁଏ,
ତା' ମନ ପୂର୍ଣ୍ଣ ହୁଏ ।
ଖୁଚୁରା ଟଙ୍କା ଗଣୁ ଗଣୁ
ସେ' ଗଣେ ନିଜର ଜିଦ ।

ତା'ର ପରିଶ୍ରମର ସ୍ୱାଦ
ଆତ୍ମସମ୍ମାନ
ଯାହା ଏଇ ସମାଜକୁ ଗୋଟିଏ ପ୍ରଶ୍ନ
ସମସ୍ତଙ୍କ ପେଟ ପୁରାଉ ପୁରାଉ
ତା'ର ସ୍ୱପ୍ନ ଅଧୁରା ରହିଯାଏ ।

+ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪

## ମୁଁ ଅଧୈର୍ଯ୍ୟ ମଣିଷ

**ଅରସ୍ମିତା ବେହେରା**

ଅପେକ୍ଷାର ଫଳ ମିଠା ବୋଲି ସମସ୍ତେ କହନ୍ତି,
କିନ୍ତୁ ମୁଁ ସେଇ ମଣିଷଟିଏ, ଯିଏ
ଅପେକ୍ଷା କରିବା ଏଯାଏ ଶିଖି ପାରିନି ।

ମନ ମୋର ଅସ୍ଥିର ପବନ ପରି, ସବୁବେଳେ
ଆଗକୁ ଦୌଡୁଥାଏ, ଫଳ ପାଇବାର ଆଶାରେ
ସମୟକୁ ବି ଭୁଲି ଯାଏ ।
କେତେ କେତେ ସ୍ୱପ୍ନ ମୋର
ଅଧାରେ ରହିଗଲା, କେତେ ଇଚ୍ଛା
ହାରିଗଲା ରାସ୍ତାରେ, କେବଳ ଟିକେ ଧୈର୍ଯ୍ୟ ନ
ଥିବାରୁ, ମୁଁ ବି ହାରିଗଲି ନିଜ ସାଥିରେ ।

ତଥାପି ଆଜି ନିଜକୁ କହୁଛି/ ଧୀରେ ଧୀରେ
ବଦଳିବାକୁ ପଡ଼ିବ, କାରଣ ସବୁଠାରୁ ସୁନ୍ଦର
ଫୁଲଟି ମଧ୍ୟ/ ଫୁଟିବା ପାଇଁ ସମୟ ନେଇଥାଏ ।

ହୁଏତ ଦିନେ ମୁଁ ବି ଶିଖିଯିବି/ ଅପେକ୍ଷାର ଅର୍ଥ ଓ
ମୂଲ୍ୟ/ ଆଉ ସେଦିନ ବୁଝିପାରିବି/ ଧୈର୍ଯ୍ୟ ହିଁ
ସଫଳତାର ମାପକାଠି ବୋଲି ।

+କଷିପଦା, ରୂପ୍ସା, ବାଲେଶ୍ୱର

# ନୀଳଚକ୍ର



ଦିଲ୍ଲୀପ କୁମାର ସାହୁ



'ନୀଳଚକ୍ରେ ହେ ଦେଖ ଉଡୁଛି ବାନା
ପତିତ ପାବନ ନାମଟି ଯାର ନାଁ ।
ଆସ ଆସ ବୋଲି ପାତକୀମାନଙ୍କୁ
ଡାକୁଅଛି ପରା ସଙ୍ଗାତ ଅନା ।'

ପ୍ରାଚୀନ କବି ଗୌରଚରଣ ଅଧିକାରୀଙ୍କ ରଚିତ ଏହି ମନଛୁଆଁ ଭକ୍ତି ସଙ୍ଗୀତ ବର୍ଣ୍ଣନା କରିଥାଏ ପତିତପାବନ ନେତ ଏବଂ ନୀଳଚକ୍ରର ମହିମାକୁ।

ଯାହାର ଶ୍ରବଣରେ ମନରେ ଭରିଯାଏ ଅଫୁରନ୍ତ ଆନନ୍ଦ। ଶ୍ରୀମନ୍ଦିର ଚୂଡ଼ାରେ ସୁଶୋଭିତ ନୀଳଚକ୍ର ହେଉଛି ଶ୍ରୀ ବିଷ୍ଣୁଙ୍କର ଆୟୁଧ ସୁଦର୍ଶନ । ଏହି ଚକ୍ର ମଧ୍ୟ ପତିତପାବନ ବାନାର ଧାରଣ କରିଛନ୍ତି । ନୀଳଚକ୍ରର ଉଚ୍ଚତା ପ୍ରାୟ ୧୧ଫୁଟ ୮ଇଞ୍ଚ । ବ୍ୟାସ ୭ଫୁଟ ୬ଇଞ୍ଚ, ପରିଧି ଫଳକର ମୋଟେଇ ୨ଇଞ୍ଚ ଓ ପରିଧିର ଓସାର ୯ଇଞ୍ଚ। ନୀଳଚକ୍ରର କେନ୍ଦ୍ରସ୍ଥଳରେ ଥିବା ବୃତ୍ତାକାର କ୍ଷେତ୍ରର ବ୍ୟାସ ୨ଫୁଟ ଅଢେଇ ଇଞ୍ଚ ଏବଂ ଏଥିରେ ୮ଟି ଅର ଖଞ୍ଜାହୋଇଛି। ସେହି ଅରମାନଙ୍କର ଦୈର୍ଘ୍ୟ ୧ଫୁଟ ୧୦ଇଞ୍ଚ । ନୀଳଚକ୍ରର ଅର୍ଦ୍ଧେକ ଲୁହା ହୋଇଥିବା ବେଳେ ବାକି ଅର୍ଦ୍ଧେକ ମଧ୍ୟରେ ରହିଛି ତମ୍ବା, ସୁନା , ରୂପା , ଦସ୍ତା ଓ ସୀସା ପ୍ରଭୃତି ଧାତୁ। ଅଷ୍ଟ ଧାତୁରେ ତିଆରି ହୋଇଥିବା ଏହି ଚକ୍ର ଆର୍ଥିଂ ପରି ପ୍ରାଚୀନ କାଳରୁ ମନ୍ଦିରକୁ ବଜ୍ରପାତରୁ ସୁରକ୍ଷା ଦେଇ ଆସୁଛି । ନୀଳଚକ୍ରର ରଙ୍ଗ ଦିନର ବିଭିନ୍ନ ସମୟରେ ବଦଳୁଥିବା ପରି ଦେଖାଯାଏ । ସୂର୍ଯ୍ୟୋଦୟ ସମୟରେ ଏହା ଧଳା, ଦ୍ୱିପ୍ରହରରେ ଗାଢ଼ ନୀଳ ଏବଂ ସୂର୍ଯ୍ୟାସ୍ତ ସମୟରେ ଏହାର ରଙ୍ଗ ବାଇଗଣୀ ହୋଇଯାଇଥାଏ। ଏହି ନୀଳଚକ୍ରରେ କେବେହେଲେ ମଳି ଜମେ ନାହିଁ କି କଳଙ୍କି ଲାଗେ ନାହିଁ ।

ନୀଳଚକ୍ରରେ ଉଡୁଥିବା ନେତକୁ କୁହାଯାଏ ପତିତପାବନ ବାନା । ପରମ୍ପରା ଅନୁଯାଇ ଏହି ବାନା ଗୋଟିଏ ଦିନରୁ ଅଧିକ ସମୟ ଉଡ଼େ ନାହିଁ । ପ୍ରତ୍ୟହ ସନ୍ଧ୍ୟା ସମୟରେ ପୂର୍ବ ବାନା ଓଲାଗି ହୋଇ ନୂତନ ଧ୍ୱଜା ବନ୍ଧାଯାଏ । ଏହି ବାନା ସାଧାରଣତଃ ଗାଢ଼ ନାଲି, ଧଳା କିମ୍ବା ହଳଦିଆ ରଙ୍ଗର ହୋଇଥାଏ । ଧଳା ବା ନାଲି ରଙ୍ଗର ଚନ୍ଦ୍ର ଓ ବିନ୍ଦୁ ଏହାର ମଧ୍ୟ ଭାଗରେ ଅଙ୍କିତ ହୋଇଥାଏ।

ନୀଳଚକ୍ରଙ୍କର ସେବକଙ୍କୁ ଚୁନରା ବା ଗରୁଡ଼ ସେବକ କୁହାଯାଏ । ଏହି ସେବକମାନଙ୍କ ଇଷ୍ଟଦେବ ହେଉଛନ୍ତି ବିନତାନନ୍ଦନ ଗରୁଡ଼ ।ଗରୁଡଙ୍କୁ ସ୍ମରଣ କରି ପ୍ରତି ସନ୍ଧ୍ୟାରେ ନୀଳଚକ୍ରରେ ଧ୍ୱଜା ବାନ୍ଧିବା ଓ ପୂଜାର୍ଚ୍ଚନା କରିବା ନିମିତ୍ତ ସେମାନେ ଶ୍ରୀମନ୍ଦିର ଶିଖର ପର୍ଯ୍ୟନ୍ତ ଆରୋହଣ କରିଥାନ୍ତି । ବର୍ଷା ହେଉକି ଝଡ ତୋଫାନ, ପ୍ରତିକୂଳ ପାଗକୁ ଖାତିର ନକରି ପ୍ରତିଦିନ ଗରୁଡ ସେବକମାନେ ଏହି କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଏହି ଧ୍ୱଜା ବନ୍ଧା ଓ ଉଲାଗି ଦେଖିବା ନିମନ୍ତେ ଶ୍ରୀମନ୍ଦିର ବେଢା ଭିତରେ ଓ ବାହାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ହୋଇଥାଏ। ଅନେକ ଭକ୍ତ ମନ୍ଦିର ଭିତରକୁ ଯାଇ ପାରନ୍ତି ନାହିଁ, ବା ମନ୍ଦିର ପ୍ରବେଶ ପାଇଁ ସେମାନଙ୍କୁ ଅନୁମତି ମିଳେନାହିଁ। ସେହି ଭକ୍ତମାନେ ନୀଳଚକ୍ରକୁ ଦର୍ଶନ କରି ମହାପ୍ରଭୁଙ୍କୁ ଦର୍ଶନ କରିବାଭଳି ଆନନ୍ଦ ଅନୁଭବ କରିଥାନ୍ତି।

ନୀଳଚକ୍ରରେ ଧ୍ୱଜା ନଥିଲେ ମହାପ୍ରଭୁଙ୍କ କୌଣସି ଭୋଗ ଅର୍ପଣ କରାଯାଏ ନାହିଁ । କୌଣସି କାରଣରୁ ଜୀଉମାନଙ୍କୁ ଭୋଗ ସମର୍ପିତ ହୋଇ ନ ପାରିଲେ ପୂଜାପଣ୍ଡା ନୀଳଚକ୍ରଙ୍କ ଉଦ୍ଦେଶ୍ୟରେ ଭୋଗ ଅର୍ପଣ କରନ୍ତି ଓ ତାହାକୁ ଚକ୍ର ମଣୋହି କୁହାଯାଏ । ସର ଘରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ପ୍ରକାର ମିଠା ବାହାର ବେଢ଼ାରେ ନୀଳଚକ୍ରଙ୍କ ଉଦ୍ଦେଶ୍ୟରେ ଅର୍ପିତ ହେଲାପରେ ତାହା ବିକ୍ରୀ ନିମନ୍ତେ ଆନନ୍ଦ ବଜାରକୁ ଯାଏ । ପ୍ରତ୍ୟେକ ଏକାଦଶୀରେ ନୀଳଚକ୍ର ଉପରେ ମହାଦୀପ ଉଠେ ଓ ଏହା ବହୁ ଦୂରକୁ ଦେଖାଯାଏ। ସେହି ମହାଦୀପକୁ ଦର୍ଶନ କଲେ ପାପତାପ ଦୂରକରିବା ବୋଲି କଥା ଅଛି। ତେଣୁ ଶ୍ରୀକ୍ଷେତ୍ର ବାସୀମାନେ ସେଦିନ ମହାଦୀପ ଦର୍ଶନ ନିମନ୍ତେ ସେହି ଶୁଭ ମୁହୂର୍ତ୍ତକୁ ଚାହିଁ ବସିଥାନ୍ତି ଓ ମହାଦୀପ ଦର୍ଶନକରି ବେଶ୍ ଆହ୍ଲାଦିତ ହୋଇଥାନ୍ତି।

ଜୟ ଜଗନ୍ନାଥ।

+ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭

# କୋଲେଷ୍ଟେରଲ ବଢ଼ିବାର ଲୁଚିଥିବା କାରଣ: ଜାଣନ୍ତୁ ନିୟନ୍ତ୍ରଣର ସହଜ ଉପାୟ

କୋଲେଷ୍ଟେରଲ ଆଜିକାଲି ଅନେକ ଲୋକଙ୍କ ପାଇଁ ଏହା ଏକ ବଡ଼ ସ୍ୱାସ୍ଥ୍ୟ ଚିନ୍ତାର କାରଣ ପାଲଟିଛି । ଅଧିକ କୋଲେଷ୍ଟେରଲ ହୃଦୟ ସମ୍ବନ୍ଧୀୟ ସମସ୍ୟାର ଝୁମ୍ପ ବଢ଼ାଇପାରେ । ସାଧାରଣତଃ ତେଲ-ମସଲା ଖାଦ୍ୟ, ଅସ୍ୱାସ୍ଥ୍ୟକର ଜୀବନଶୈଳୀକୁ ଏଥିପାଇଁ ଦାୟୀ କରାଯାଏ। କିନ୍ତୁ କେବଳ ଖାଦ୍ୟ ନୁହେଁ, ଅନ୍ୟାନ୍ୟ କାରଣ ମଧ୍ୟ କୋଲେଷ୍ଟେରଲ ବଢ଼ାଇପାରେ । ବିଶେଷଜ୍ଞଙ୍କ ମତ ଅନୁସାରେ, ଜିନ୍ ବା ବଂଶାନୁଗତ କାରଣରୁ ମଧ୍ୟ କିଛି ଲୋକଙ୍କ ଶରୀରରେ କୋଲେଷ୍ଟେରଲର ସ୍ତର ଅଧିକ ରହିପାରେ। ପରିବାରରେ ଯଦି ହୃଦ୍‌ରୋଗ କିମ୍ବା ଅଧିକ କୋଲେଷ୍ଟେରଲର ଇତିହାସ ରହିଛି, ତେବେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଜରୁରୀ । ଏହା ସହିତ ମାନସିକ ଚାପ ବା ଷ୍ଟ୍ରେସ୍ ମଧ୍ୟ ଶରୀର ଉପରେ ପ୍ରଭାବ ପକାଇଥାଏ । ଦୀର୍ଘ ସମୟ ଧରି ଅଧିକ ଚାପରେ ରହିଲେ ଶରୀରରେ ହର୍ମୋନ୍‌ର ପରିବର୍ତ୍ତନ ହୋଇପାରେ, ଯାହା ହୃଦୟ ଓ ମେଟାବଲିଜମ୍ ଉପରେ ପ୍ରଭାବ ପକାଇପାରେ । କୋଲେଷ୍ଟେରଲ ନିୟନ୍ତ୍ରଣ ପାଇଁ ଜୀବନଶୈଳୀରେ କିଛି ପରିବର୍ତ୍ତନ ଆବଶ୍ୟକ । ସନ୍ତୁଳିତ ଖାଦ୍ୟ ଗ୍ରହଣ, ନିୟମିତ ବ୍ୟାୟାମ, ପର୍ଯ୍ୟାପ୍ତ ନିଦ୍ରା ଏବଂ ଷ୍ଟ୍ରେସ୍ କମାଇବା ଭଳି ଅଭ୍ୟାସ ଉପକାରୀ ହୋଇପାରେ । ଫଳ, ପନିପରିବା, ଫାଇବର ଯୁକ୍ତ ଖାଦ୍ୟ ଓ ସୁସ୍ଥ ଚର୍ବି ଥିବା ଖାଦ୍ୟକୁ ଖାଦ୍ୟ ତାଲିକାରେ ସାମିଲ କରିବା ଭଲ । ଅଧିକ ତେଲ, ଟ୍ରାନ୍ସ ଫ୍ୟାଟ୍ ଓ ଅତ୍ୟଧିକ ପ୍ରସେସ୍‌ଡ୍ ଖାଦ୍ୟରୁ ଦୂରେ ରହିବା ଉଚିତ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି—କୋଲେଷ୍ଟେରଲ ବଢ଼ିଲେ ସବୁବେଳେ ସ୍ପଷ୍ଟ ଲକ୍ଷଣ ଦେଖାଯାଏ ନାହିଁ । ତେଣୁ ସମୟ ସମୟରେ ଲିପିଡ୍ ପ୍ରୋଫାଇଲ୍ ଭଳି ପରୀକ୍ଷା କରାଇବା ଏବଂ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ସୁସ୍ଥ ହୃଦୟ ପାଇଁ କେବଳ ଔଷଧ ନୁହେଁ, ସୁସ୍ଥ ଜୀବନଶୈଳୀ ମଧ୍ୟ ଅତ୍ୟନ୍ତ ଆବଶ୍ୟକ ।



# ବର୍ଷା ଦିନରେ ଖାଦ୍ୟ ପ୍ରତି ସାବଧାନ: ଛୋଟ ଭୁଲରୁ ବଢ଼ିପାରେ ସଂକ୍ରମଣର ଭୟ



ବର୍ଷା ଋତୁ ଆସିଲେ ଏକପଟେ ମିଳେ ଗରମରୁ ଆଶ୍ୱସ୍ତି, ଅନ୍ୟପଟେ ବଢ଼ିଯାଏ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା । ବିଶେଷକରି ଖାଦ୍ୟ ଓ ପାଣିର ସୁରକ୍ଷାକୁ ନେଇ ଏହି ସମୟରେ ଅଧିକ ସତର୍କ ରହିବା ଦରକାର । ଅଧିକ ଆର୍ଦ୍ରତା କାରଣରୁ ବ୍ୟାକ୍ଟେରିଆ ଓ ଅନ୍ୟ ଜୀବାଣୁ ବଢ଼ିବାର ସୁଯୋଗ ପାଆନ୍ତି, ଯାହା ଫଳରେ ଖାଦ୍ୟ ଜନିତ ରୋଗର ଝୁମ୍ପ ବଢ଼ିପାରେ । ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ବର୍ଷା ଦିନରେ ସବୁବେଳେ ତାଜା ଓ ଭଲ ଭାବେ ରନ୍ଧା ଖାଦ୍ୟ ଖାଇବା ଉଚିତ । ଦୀର୍ଘ ସମୟ ଧରି ବାହାରେ ରଖାଯାଇଥିବା କିମ୍ବା ବାସି ଖାଦ୍ୟ ଖାଇବାରୁ ଦୂରେ ରହିବା ଆବଶ୍ୟକ ।

*ଷ୍ଟ୍ରିଟ୍ ଫୁଡ୍ ଖାଉଥିଲେ ରୁହନ୍ତୁ ସାବଧାନ:* ବର୍ଷା ଦିନରେ ରାସ୍ତାକଡ଼ର ଖାଦ୍ୟ ଖାଇବା ପୂର୍ବରୁ ସଫା-ସୁଥରା ଉପରେ ଧ୍ୟାନ ଦେବା ଜରୁରୀ । ଖାଦ୍ୟ ପ୍ରସ୍ତୁତିରେ ବ୍ୟବହୃତ ପାଣି, କଞ୍ଚା ସାମଗ୍ରୀ ଓ ପରିବେଶର ସ୍ୱଚ୍ଛତା ଠିକ୍ ନଥିଲେ ସଂକ୍ରମଣର ଆଶଙ୍କା ବଢ଼ିପାରେ।

*ଦୁଗ୍ଧ, ମାଂସ ଓ ଅନ୍ୟ ଖାଦ୍ୟରେ ରଖନ୍ତୁ ଧ୍ୟାନ:* ଦୁଗ୍ଧ ଓ ଦୁଗ୍ଧଜାତ ଖାଦ୍ୟକୁ ଠିକ୍ ଭାବେ ସଂରକ୍ଷଣ କରିବା ଦରକାର । କଞ୍ଚା କ୍ଷୀର ପରିବର୍ତ୍ତେ ସୁରକ୍ଷିତ ଭାବେ ପ୍ରସ୍ତୁତ କ୍ଷୀର ବ୍ୟବହାର କରିବା ଭଲ । ମାଛ, ମାଂସ, ଅଣ୍ଡା ଭଳି ଖାଦ୍ୟକୁ ସମ୍ପୂର୍ଣ୍ଣ ରନ୍ଧି ଖାଇବା ଉଚିତ, କାରଣ ଅଧା ରନ୍ଧା ଖାଦ୍ୟରୁ ସଂକ୍ରମଣର ଝୁମ୍ପ ରହିପାରେ ।

*ଫଳ ଓ ପନିପରିବା ସଫା କରି ଖାଆନ୍ତୁ:* ବର୍ଷା ଦିନରେ ଫଳ ଓ ପନିପରିବାକୁ ଭଲ ଭାବେ ଧୋଇ ବ୍ୟବହାର କରିବା ଦରକାର। କଟା ଫଳ କିମ୍ବା ସାଲାଡ୍‌କୁ ଦୀର୍ଘ ସମୟ ରଖି ଖାଇବା ଉଚିତ ନୁହେଁ। ଆବଶ୍ୟକ ସମୟରେ କାଟି ତୁରନ୍ତ ଖାଇବା ଅଧିକ ସୁରକ୍ଷିତ ।

*ପାଣି ପିଇବାରେ ରଖନ୍ତୁ ସତର୍କତା :* ବର୍ଷା ଦିନରେ ଦୂଷିତ ପାଣି ଅନେକ ସଂକ୍ରମଣର କାରଣ ହୋଇପାରେ। ସେଥିପାଇଁ ସଫା, ଫିଲ୍ଟର କିମ୍ବା ଫୁଟା ପାଣି ପିଇବା ଭଲ । ଜଳ ଉତ୍ସ ଦୂଷିତ ହେବାର ଆଶଙ୍କା ଥିବା ସମୟରେ ବିଶେଷ ସାବଧାନତା ଆବଶ୍ୟକ ।

*ରୋଷେଇ ଘରର ସ୍ୱଚ୍ଛତା ମଧ୍ୟ ଜରୁରୀ:* ଖାଦ୍ୟ ପ୍ରସ୍ତୁତ ପୂର୍ବରୁ ହାତ ଧୋଇବା, ବାସନ, କଟିଂ ବୋର୍ଡ ଓ ରୋଷେଇ ସ୍ଥାନକୁ ସଫା ରଖିବା ଦରକାର । କଞ୍ଚା ଓ ରନ୍ଧା ଖାଦ୍ୟ ପାଇଁ ଅଲଗା ସାମଗ୍ରୀ ବ୍ୟବହାର କଲେ ଜୀବାଣୁ ଛଡ଼ାଇବାର ଝୁମ୍ପ କମିପାରେ । ତେଣୁ ବର୍ଷାକୁ ଉପଭୋଗ କରନ୍ତୁ, କିନ୍ତୁ ଖାଦ୍ୟ ଓ ପାଣିର ସୁରକ୍ଷାକୁ ନେଇ କୌଣସି ଅବହେଳା କରନ୍ତୁ ନାହିଁ । ସାବଧାନତା ହିଁ ଆପଣଙ୍କୁ ବର୍ଷା ଋତୁର ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା କରିପାରେ ।

# ନାଗରିକମାନଙ୍କୁ ଆହ୍ୱାନ: ଖରାପ ଖାଦ୍ୟ ଦେଖିଲେ ଜଣାଅ : ଏଫ୍‌ଏସ୍‌ଏସ୍‌ଏଆଇ

ଖାଇବା ଅନୁପଯୁକ୍ତ ଖାଦ୍ୟ ଦେଖିଲେ ତୁରନ୍ତ ସେ ବିଷୟରେ ଜଣାଇବାକୁ ଭାରତୀୟ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) ନାଗରିକମାନଙ୍କୁ ଆହ୍ୱାନ ଦେଇଛି। ରବିବାର ଏହା କହିଛି ଯେ ଖରାପ ଖାଦ୍ୟ ବିଷୟରେ ଯଦି ଜାଣୁଛନ୍ତି ତେବେ ତୁରନ୍ତ ଆମକୁ ଜଣାନ୍ତୁ । ଅସୁରକ୍ଷିତ ଖାଦ୍ୟ ସମସ୍ତଙ୍କୁ ପ୍ରଭାବିତ କରେ । ଫୁଡ୍ ସେଫ୍ଟି କନେକ୍ଟ ଆପ୍ ଜରିଆରେ ଆପଣମାନେ ସୂଚନା ଦେଇପାରିବେ ବୋଲି ଏଫ୍‌ଏସ୍‌ଏସ୍‌ଏଆଇ କହିଛି। କିଛି ଦିନ ଭିତରେ ଏଫ୍‌ଏସ୍‌ଏସ୍‌ଏଆଇ ଅପମିଶ୍ରିତ ଖାଦ୍ୟ ଯାଞ୍ଚକୁ କଡ଼ାକଡ଼ି କରିଛି। ଖରାପ ଖାଦ୍ୟର ମାର୍କେଟିଂ, ବିକ୍ରି ଓ ବ୍ୟବହାରକୁ ରୋକିବାକୁ ଏହା ଉଦ୍ୟମ କରୁଛି। ଖାଦ୍ୟ ସୁରକ୍ଷା ବିଭାଗ ତରଫରୁ ଲକ୍ଷ୍ନୌର ଏକ ମସଲା କାରଖାନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଯାଞ୍ଚ ପରେ କାରଖାନା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ଅପମିଶ୍ରିତ ସାମଗ୍ରୀ ଜବତ କରାଯାଇଥିଲା। ଖରାପ ଅଣ୍ଡା, ଏକ୍ସପାୟାର ହୋଇଯାଇଥିବା ପ୍ରୋଟିନ, ନଷ୍ଟ ହୋଇଯାଇଥିବା ଖାଦ୍ୟ ସାମଗ୍ରୀ ଓ ପ୍ୟାକେଟ୍ ଭିତରେ ନଷ୍ଟ ହୋଇଯାଇଥିବା ଜିନିଷ ଡେଲିଭରି କରିଥିବା ସ୍ୱିଗି ଇନଷ୍ଟାମାର୍ଟକୁ ମଧ୍ୟ ନଅଟି ନୋଟିସ୍ ଜାରି କରାଯାଇଛି। ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବାକୁ କମ୍ପାନିକୁ କୁହାଯାଇଛି। ତାହା ଦେବାରେ ବିଫଳ ହେଲେ କମ୍ପାନି ବିରୋଧରେ ଏଫ୍‌ଏସ୍‌ଏସ୍ ନିୟମ ୨୦୦୬ ଅଧୀନରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଛି।




ଡିନର୍ ଶେଷ ହେବା ପରେ ଅନେକ ଲୋକ ବଳକା ଖାଦ୍ୟକୁ ଫ୍ରିଜରେ ରଖିଦିଅନ୍ତି । ଫଳ,ପରିବା,ଆଚାର,ତରକାରୀ ଏବଂ ଭିନ୍ନ ଭିନ୍ନ ପ୍ରକାର ଖାଇବା ଫ୍ରିଜରେ ରଖିଦିଆଯାଏ। କିନ୍ତୁ ପ୍ରତିଟି ଖାଦ୍ୟର ନିଜର ଏକ ସେଲ୍ଫ ଲାଇଫ୍ ଥାଏ । ଯଦି ଫ୍ରିଜରେ ଏହି ଖାଦ୍ୟକୁ ଅଧିକ ସମୟ ଧରି ରଖିବେ ତାହେଲେ ଖାଦ୍ୟ ତ ଖରାପ ହେବ ଏହା ସହ ଖାଇବା ଲୋକର ଦେହ ମଧ୍ୟ ଖରାପ ହେବ । ପ୍ରତିଟି ଖାଦ୍ୟପଦାର୍ଥ ଭଳି ନନଭେଜ୍ ଖାଦ୍ୟର ମଧ୍ୟ ଏକ ସେଲ୍ଫ ଲାଇଫ୍ ରହିଛି । ଖାସ୍ କରି ଚିକେନ୍ , ମଟନ୍ ଏବଂ ମାଛର । ନନଭେଜକୁ ଅଧିକ ସମୟ ଧରି ଫ୍ରିଜରେ ରଖିବା ଦ୍ୱାରା ଏହାର ପୋଷକ ତତ୍ତ୍ୱ ଏବଂ ସ୍ୱାଦ ଦୁଇଟାଯାକ ଖରାପ ହୋଇଥାଏ । ସେଥିପାଇଁ ଏହା ଜାଣିବା ନିହାତି ଦରକାର ଯେ କେତେ ସମୟ ଧରି ଆପଣ ଫ୍ରିଜରେ ଚିକେନ୍ ଏବଂ ମାଛକୁ ରଖିପାରିବେ । ଏନେଇ କ'ଣ କୁହନ୍ତି ଏକ୍ସପର୍ଟ ଆସନ୍ତୁ ଜାଣିବା ।

ହେଲ୍ଥଲାଇନ୍ ଅନୁସାରେ ଯଦି କଞ୍ଚା ଚିକେନକୁ ଆପଣ ଫ୍ରିଜରେ ରଖୁଛନ୍ତି ତା'ହେଲେ ଦିନେ କି ଦୁଇଦିନ ଭିତରେ ରୋଷେଇ କରି ଖାଇଦେବା ଦରକାର । କିନ୍ତୁ ଯଦି ଚିକେନକୁ ଏୟାର୍ କଣ୍ଟେନରରେ ଟାଇଟ୍ କରି ରଖୁଛନ୍ତି ତେବେ ଫ୍ରିଜରରେ ସପ୍ତାହେ ଧରି ରଖିପାରିବେ । କଞ୍ଚା ଚିକେନରେ ଯେହେତୁ ପାଣିର ମାତ୍ରା ଅଧିକ ଥାଏ ତେଣୁ ନର୍ମାଲ୍ ତାପମାନରେ ଏହା ଶୀଘ୍ର ଖରାପ ହୋଇଯାଏ । ଯଦି ମାଂସରୁ ଦୁର୍ଗନ୍ଧ ବାହାରୁଛି କିମ୍ବା ରଙ୍ଗ ପରିବର୍ତ୍ତନ ହୋଇ ଲାଲୁଆ ଲାଗୁଛି ତେବେ ଚିକେନ୍ ଖରାପ ହେଲା ବୋଲି ଜାଣ । ତେଣୁ ଏହାକୁ ଦିନେ କି ଦୁଇଦିନରେ ଖାଇଦେବା ସବୁଠୁ ଭଲ । ମଟନକୁ ସେଲ୍ଫ ଲାଇଫ୍ ରେଫ୍ରିଜରେଟରରେ ୩ ରୁ ୫ ଦିନ ରଖାଯାଇପାରିବ । ଯେହେତୁ ମଟନ୍ ମାଂସ ଦୁର୍ଗନ୍ଧକୁ ଶୀଘ୍ର ଶୁଖାଇ ଦେଇଥାଏ ତେଣୁ ଏହାକୁ ଏୟାର୍ ଟାଇଟ୍ କଣ୍ଟେନର୍ ପ୍ୟାକେଜିଂରେ ରଖାଯାଇପାରିବ । ଯଦି ମଟନ୍ ଖରାପ ହୋଇଯାଏ ତେବେ ଏଥିରୁ ଦୁର୍ଗନ୍ଧ ବାହାରି ଚିକେନ୍ ଭଳି ଲାଲୁଆ ଏବଂ ରଙ୍ଗ ପରିବର୍ତ୍ତନ ହୋଇଥାଏ ।

ଥଣ୍ଡା ତାପମାତ୍ରାରେ ଆସିଲେ ମାଛ ଶୀଘ୍ର ପ୍ରତିକ୍ରିୟା ଦେଖାଇଥାଏ । ଫ୍ରିଜରେ ରଖିବା ଦ୍ୱାରା ସତେଜ ମାଛ ଆଉ ଫ୍ରେଶ୍ ରହିନଥାଏ । ମାଛ କିଣି ଘରକୁ ଆଣିବା ସଙ୍ଗେ ସଙ୍ଗେ ହିଁ ଏହାକୁ ଭାଜି ନିଅନ୍ତୁ । ଭଜା ମାଛକୁ ଆପଣ କିଛି ସମୟ ପାଇଁ ଫ୍ରିଜରେ ଷ୍ଟୋର୍ କରିପାରିବେ । ଯେତେବେଳେ ମାଛ ଖରାପ ଅବସ୍ଥାକୁ ଆସେ ଏଥିରେ ବାସି ଗନ୍ଧ ଏବଂ ଚମଡ଼ା ଲାଲୁଆ ଲାଗେ । ଅନେକ ଲୋକ ଚିକେନ୍ - ମଟନକୁ ଅନେକ ଦିନ ପର୍ଯ୍ୟନ୍ତ ଫ୍ରିଜରେ ଷ୍ଟୋର୍ କରନ୍ତି । କିନ୍ତୁ ଫ୍ରୋଜନ୍ ଚିକେନ ଏବଂ ମଟନକୁ ଫ୍ରିଜରେ ୩ ରୁ ୪ ଦିନରୁ ଅଧିକ ସମୟ ରଖିବା ଉଚିତ୍ ନୁହେଁ । ଯଦି ଅଧିକ ସମୟ ଫ୍ରିଜରେ ନନଭେଜ୍ ରଖୁଛନ୍ତି ତା'ହେଲେ ଏହା ଦେହ ପାଇଁ କ୍ଷତିକାରକ ।

# ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬: ବିଏଲଓ ଓ ସୁପରଭାଇଜରମାନଙ୍କ ପ୍ରଶିକ୍ଷଣ ବୈଠକ

ଝାରସୁଗୁଡ଼ା, ୧୪/୦୭ (ନି.ପ୍ର): ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପ୍ରକ୍ରିୟା ଅଧୀନରେ ଆଜି ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବ୍ଲକର ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ସୁପରଭାଇଜରମାନଙ୍କୁ ନେଇ ଆୟୋଜିତ ଏହି ବୈଠକରେ ଖସଡ଼ା ପ୍ରକାଶନ ପରବର୍ତୀ କାର୍ଯ୍ୟକଳାପ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି ବୈଠକରେ ବିଶେଷ କରି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପୂର୍ବରୁ କରାଯିବାକୁ ଥିବା ଜରୁରୀ କାର୍ଯ୍ୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ଭୋଟର ତାଲିକାରେ ଥିବା ବିଭିନ୍ନ ଅସଙ୍ଗତି ଏବଂ ଯେଉଁ ଭୋଟରମାନଙ୍କର ମ୍ୟାପିଂ ହୋଇପାରି ନାହିଁ, ସେଗୁଡ଼ିକୁ କିପରି ସଠିକ୍ ଭାବେ ଯାଞ୍ଚ କରାଯାଇ ସଂଶୋଧନ କରାଯିବ, ସେ ନେଇ ବିଏଲଓ ମାନଙ୍କୁ ସ୍ୱତନ୍ତ୍ର କୌଶଳ ଓ ନିୟମାବଳୀ ବିଷୟରେ ଅବଗତ କରାଯାଇଥିଲା । ସମସ୍ତ ଅଧିକାରୀଙ୍କୁ ନିଜ ନିଜ ଅଂଚଳରେ ଘରକୁ ଘର ବୁଲି ସଠିକ୍ ତଥ୍ୟ ଆଧାରରେ ଏହି ଯାଂଚ୍ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭୋଟର ତାଲିକାରୁ ଯେପରି କୌଣସି ଯୋଗ୍ୟ ଭୋଟର ବାଦ୍ ନପଡ଼ନ୍ତି ଏବଂ କୌଣସି ପ୍ରକାରର ଦୋହରା ନାମ ବା ଭୁଲ୍ ତଥ୍ୟ ରହି ନଯାଏ, ସେଥିପ୍ରତି ସତର୍କ ରହିବାକୁ ସୁପରଭାଇଜରମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ନିର୍ବାଚନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଉପସ୍ଥିତ କର୍ମଚାରୀମାନଙ୍କର ବିଭିନ୍ନ ସନ୍ଦେହ ଦୂର କରିବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଆହ୍ୱାନ ଦେଇଥିଲେ ।

# ଫୁଲବାଣୀ ସରକାରୀ ଆଇଟିଆଇରେ ଆପ୍ରେଂଟସସିପ୍ ମେଳା ଅନୁଷ୍ଠିତ

କନ୍ଧମାଳ , ୧୪/୦୭ (ନି.ପ୍ର): ସରକାରୀ ଆଇଟିଆଇ, ଫୁଲବାଣୀ ପରିସରରେ ମାସରେ ଏକ ଅପ୍ରେଂଟସସିପ୍ ମେଳା ଅନୁଷ୍ଠିତ ହୋଇଯାଇଛି । ଯୁବ ପ୍ରଶିକ୍ଷାର୍ଥୀମାନଙ୍କୁ ଶିଳ୍ପ କ୍ଷେତ୍ର ସହ ସିଧାସଳଖ ସଂଯୋଗ କରାଇ ସେମାନଙ୍କର ଦକ୍ଷତା ବିକାଶ ଏବଂ ଭବିଷ୍ୟତ ନିୟୋଜନ ସୁଯୋଗକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ମେଳାର ଆୟୋଜନ କରାଯାଇଥିଲା । ଏଥିରେ ବହୁ ସଂଖ୍ୟକ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ଓ ନିୟୋଜନ ଅଧିକାରୀ ପୁରୁଷୋତମ ମହାପାତ୍ର, ଅଧକ୍ଷ ଇଂ. ପ୍ରକାଶ ରଞ୍ଜନ ସୋରେନ, ତାଲିମ ଅଧିକାରୀ ଡ଼ା. ନୃସିଂହାନନ୍ଦ ମହାପାତ୍ର ଏବଂ ପ୍ଲେସମେଂଟ ଅଫିସର ଶ୍ରୀ ବିଧାନ ଚନ୍ଦ୍ର ବରାଳ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମର ଶୁଭାରମ୍ଭ ତାଲିମ ଅଧିକାରୀ ଡ଼ା. ନୃସିଂହାନନ୍ଦ ମହାପାତ୍ରଙ୍କ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ଉଦ୍ବୋଧନ ମାଧ୍ୟମରେ ହୋଇଥିଲା । ସେ ଅପ୍ରେଂଟସସିପ୍ର ଗୁରୁତ୍ୱ, ଜାତୀୟ ଅପ୍ରେଂଟସସିପ୍ ପ୍ରୋତ୍ସାହନ ଯୋଜନା ଏବଂ ଶିଳ୍ପ କ୍ଷେତ୍ରରେ ବାସ୍ତବ କାର୍ଯ୍ୟ ଅନୁଭୂତି ହାସଲ କରିବାର ସୁଯୋଗ ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ । ଏହାପରେ ଜିଲ୍ଲା ଦକ୍ଷତା ଓ ନିୟୋଜନ ଅଧିକାରୀ ଶ୍ରୀ ପୁରୁଷୋତମ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ଅପ୍ରେଂଟସସିପ୍ ମାଧ୍ୟମରେ ଯୁବପିଢ଼ି ଶିଳ୍ପର ଆବଶ୍ୟକତା ଅନୁଯାୟୀ ଦକ୍ଷତା ହାସଲ କରି ନିଜ କ୍ୟାରିୟରକୁ ସୁଦୃଢ଼ କରିପାରିବେ । ସେ ପ୍ରଶିକ୍ଷାର୍ଥୀମାନଙ୍କୁ ଏହି ସୁଯୋଗର ସଦ୍ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ । ଅଧକ୍ଷ ଇଂ. ପ୍ରକାଶ ରଞ୍ଜନ ସୋରେନ ନିଜ ଉଦ୍ବୋଧନରେ କହିଥିଲେ ଯେ, ଆଜିର ପ୍ରତିଯୋଗିତାମୂଳକ ଯୁଗରେ କେବଳ ପ୍ରମାଣପତ୍ର ନୁହେଁ, ବରଂ ବ୍ୟବହାରିକ ଦକ୍ଷତା ଓ ଶିଳ୍ପ ଅଭିଜ୍ଞତା ସଫଳତାର ଚାବିକାଠି । ଏହିପରି ମେଳା ଛାତ୍ରଛାତ୍ରୀଙ୍କୁ ନୂତନ ସମ୍ଭାବନାର ଦ୍ୱାର ଖୋଲିଦେଇଥାଏ । ପ୍ଲେସମେଂଟ ଅଫିସର ଶ୍ରୀ ବିଧାନ ଚନ୍ଦ୍ର ବରାଳ ପ୍ରଶିକ୍ଷାର୍ଥୀମାନଙ୍କୁ ଅପ୍ରେଂଟସସିପ୍ ପାଇଁ ପଞ୍ଜୀକରଣ ପ୍ରକ୍ରିୟା, ଆବଶ୍ୟକ ଦଲିଲ, ଆବେଦନ ପ୍ରଣାଳୀ ଏବଂ ବିଭିନ୍ନ କମ୍ପାନୀରେ ଉପଲବ୍ଧ ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମେଳାରେ ଯୋଗଦେଇଥିବା ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ନିଜ ନିଜ ସଂସ୍ଥାରେ ଉପଲବ୍ଧ ଅପ୍ରେଂଟସସିପ୍ ସୁଯୋଗ, ଯୋଗ୍ୟତା, ଚୟନ ପ୍ରକ୍ରିୟା ଓ ଭବିଷ୍ୟତ କ୍ୟାରିୟର ସମ୍ଭାବନା ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ ।

# କୋଲାବିରା ପଂଚାୟତ ସମିତି ବୈଠକ: ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ବିଧାୟକଙ୍କ ପରାମର୍ଶ

ଝାରସୁଗୁଡ଼ା, ୧୪/୦୭ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ପଂଚାୟତ ସମିତି ବୈଠକ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ବ୍ଲକ ର ସମସ୍ତ ଜଙ୍ଗଲ ଜମି ଜମି ଓ ଗଛ ଲଗାଇବା ଯୋଗ୍ୟ ସରକାରୀ ଜମିରେ ଅଧିକରୁ ଅଧିକ ଗଛ ଲଗାଇ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ପାଇଁ ବନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗଛ ଲଗାଇବାକୁ ଜମି ଯୋଗାଇବା ପାଇଁ ସହଯୋଗ କରିବାକୁ ତହସିଲଦାରଙ୍କୁ ମଧ ବିଧାୟକ ପରାମର୍ଶ ଦେଇଥିଲେ । ଏହାସହ ବ୍ଲକର ସମସ୍ତ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ରେ ବିଶୁଦ୍ଧ ପାଣି ପିଇବା ବ୍ୟବସ୍ଥା ପାଇଁ ଅକ୍ୱାଗାର୍ଡ ବ୍ୟବସ୍ଥା କରିବା ଓ ଆବଶ୍ୟକତା ଅନୁଯାୟୀ ସ୍କୁଲ ମାନଙ୍କରେ କୋଠରୀ ନିର୍ମାଣ ପାଇଁ ମଧ ସେ ସହଯୋଗ କରିବେ ବୋଲି ବିଧାୟକ କହିଥିଲେ । ଏଣୁ ବିଦ୍ୟାଳୟର ତାଲିକା ପ୍ରସ୍ତୁତ କରିବାକୁ ବିଧାୟକ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଦିଆଯାଉ ଥିବା ପୁଷ୍ଟିକର ଖାଦ୍ୟର ମାନ ଯାଂଚ୍ କରିବା ପାଇଁ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ବିଧାୟକ ବିଭିନ୍ନ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ସଫଳତାର ସମୀକ୍ଷା କରିଥିଲେ । ବ୍ଲକ ଅଧକ୍ଷ ଭୋଜରାଜ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ ପଶାୟତ, ସାଂସଦ ପ୍ରତିନିଧି ସମରେନ୍ଦ୍ର ରାଏ, ବିଧାୟକ ପ୍ରତିନିଧି ରାଜେଶ ଦାଶ, ବିଡ଼ିଓ ଅବିନାଶ ଲାକ୍ରା, ତହସିଲଦାର ମନୋଜ କୁଜୁର, ବ୍ଲକ ଉପାଧକ୍ଷା ମାଲାମଣି ସାହୁ ପ୍ରମୁଖ ମଂଚାସିନ ଥିଲେ । ଏଥିରେ ଶିକ୍ଷା ବିଭାଗରୁ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ପ୍ରାଣୀଧନ ବିଭାଗରୁ ବିଭିଓ ଡ. ସୁଧାଂଶୁ ପଟେଲ, ସ୍ୱାସ୍ଥ୍ୟ ବିଭାଗ ରୁ ଡ଼ା. ସିଶୋଦ ବୁଡା, ବନ ବିଭାଗ ରେଞ୍ଜର ସୁଦାମ ଜଗଦଳା, କୃଷି ବିଭାଗରୁ ବ୍ଲକ କୃଷି ଅଧିକାରୀ ଭିରୋନିକା ତିର୍କୀ, ସିଡ଼ିପିଓ ସ୍ୱର୍ଣ୍ଣଲତା ପଟେଲଙ୍କ ସହ ସମସ୍ତ ସରପଂଚ, ସମିତିସଭ୍ୟ, ପଂଚାୟତ ନିର୍ବାହୀ ଅଧିକାରୀ, ବ୍ଲକ ର ସମସ୍ତ ବିଭାଗ ର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ ।

# ପାଠ୍ୟ ପୁସ୍ତକରେ ସାଙ୍ଘାତିକ ତ୍ରୁଟି ନେଇ ଶିକ୍ଷା ବଂଚାଅ ଆନ୍ଦୋଳନ : ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜୁ ଜନତା ଦଳର ବିକ୍ଷୋଭ ପ୍ରଦର୍ଶନ

ମାଲକାନଗିରି, ୧୪/୦୭ (ନି.ପ୍ର): ପାଠ୍ୟ ପୁସ୍ତକରେ ସାଙ୍ଘାତିକ ତ୍ରୁଟି ନେଇ ଶିକ୍ଷା ବଂଚାଅ ଆନ୍ଦୋଳନ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବିଜେପି ସରକାରର ଷଡଯନ୍ତ୍ର ବିରୁଦ୍ଧରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଯୁବ ସଭାପତି ଶ୍ରୀନିବାସ ମୁଦୁଲି ଏବଂ ଜିଲ୍ଲା ଛାତ୍ର ସଭାପତି ସୁବ୍ରତ କୁମାର ଦାସଙ୍କ ନେତୃତ୍ୱରେ ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ମାଲକାନଗିରି ଜିଲ୍ଲା ବିଜୁ ଯୁବ-ଛାତ୍ର ଜନତା ଦଳ ତରଫରୁ ଏକ ବିରାଟ ରାଲି ମାଧ୍ୟମରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସହ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ଓ କୁଶ ପୁତଳିକା ଦାହ କରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି ରହିଛି । କିନ୍ତୁ ବିଜେପି ନିଜ ଦୋଷକୁ ସ୍ୱୀକାର କରି ତ୍ରୁଟିପୂର୍ଣ ପୁସ୍ତକ ପ୍ରତ୍ୟାହାର କରିବାରେ ନାରାଜ ରହିଛି । ଯାହାକୁ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦୃଢ଼ ବିରୋଧ କରି ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯାଉଛି । ଜାତୀୟ ଶିକ୍ଷା ନୀତି (ଏନଇପି)-୨୦୨୦ ଅନୁସାରେ ୧ମ ରୁ ୮ମ ଶ୍ରେଣୀ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ରହିଛି । ପାଠ୍ୟ ପୁସ୍ତକ ପ୍ରକାଶ ଆଳରେ ୩୮୦ କୋଟି ମୂଲ୍ୟର ପ୍ରିଂଟରେ ଦୁର୍ନୀତି ହୋଇଛି । ଉକ୍ତ ଦୁର୍ନୀତି ନେଇ ସିବିଆଇ ତଦନ୍ତ ଓ ମନ୍ତ୍ରୀଙ୍କ ଇସ୍ତଫା ନେଇ ବିଜେଡି ପକ୍ଷରୁ ପୂର୍ବରୁ ବିଭିନ୍ନ ଫୋରମ୍ ଜରିଆରେ ଦାବି କରାଯାଇଛି । ତଦନ୍ତ ଜରିଆରେ ସତ୍ୟ ସର୍ବସମ୍ମୁଖକୁ ଆସିଲେ ଦୋଷୀ ବ୍ୟକ୍ତି, ଅଧିକାରୀ ଓ ଏଜେନ୍ସି ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ବିଜେଡି ଦାବି କରିଛି । କିନ୍ତୁ, ବର୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଆଉ ୨/୩ ମାସ ପରେ ପିଲାଙ୍କ ପରୀକ୍ଷା ରହିଛି । କିନ୍ତୁ ତ୍ରୁଟି ପୂର୍ଣ ପୁସ୍ତକ ପ୍ରତ୍ୟାହାର ହୋଇନି । ଏହି ତ୍ରୁଟି ପୂର୍ଣ ପୁସ୍ତକ ପଢି ପରୀକ୍ଷା ଦେଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେବ । କିନ୍ତୁ ବିଜେପି ସରକାର ଏଥିପ୍ରତି ଯତ୍ନଶୀଳ ନହୋଇ ପିଲାଙ୍କ ଭବିଷ୍ୟତ ସହ ଖେଳୁଛି । ତତ୍କାଳିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ୫-ଟି ଯୋଜନା ପାଇଁ ଓଡ଼ିଶା ସବୁଠି ପ୍ରଶଂସିତ ହୋଇଥିବା ବେଳେ ଆଜି ତ୍ରୁଟିପୂର୍ଣ ପୁସ୍ତକ ପାଇଁ ଜାତୀୟ ସ୍ତରରେ ନିନ୍ଦିତ ହେଉଛି ।

ବିଜେଡି କହିଛି ଯେ, ନୂତନ ଓଡ଼ିଆ ପାଠ୍ୟପୁସ୍ତକରେ ଥିବା ବ୍ୟାପକ ଭୁଲ୍ କେବଳ ପ୍ରଶାସନିକ ଅବହେଳା ନୁହେଁ ବରଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଏବଂ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାଗତ ଭବିଷ୍ୟତ ଉପରେ ସିଧା ଆକ୍ରମଣ । ଏହିପରି ଗମ୍ଭୀର ପ୍ରସଙ୍ଗ ସତ୍ତ୍ୱେ ରାଜ୍ୟ ସରକାର, ମନ୍ତ୍ରୀ ଓ ଦାୟୀ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ଏହାର ପ୍ରତିବାଦରେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିରାଟ ପ୍ରତିବାଦ ପ୍ରଦର୍ଶନ କରାଯାଉଛି । ରାଜ୍ୟ ସରକାରଙ୍କ ଶିକ୍ଷା ନୀତି ଓ ପାଠ୍ୟପୁସ୍ତକ ବିବାଦରେ ମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା ଓ ତଦନ୍ତ ନେଇ ଦାବି କରାଯାଇଛି । ଶିକ୍ଷା ସମାଜର ଆଧାର, ପାଠ୍ୟପୁସ୍ତକ ଗୁଣବତା ସହ କୌଣସି ବୁଝାମଣା କରାଯିବ ନାହିଁ । ଏହି ପାଠ୍ୟ ପୁସ୍ତକ ଗୁଡ଼ିକ ମୁଦ୍ରଣ ଓ ପ୍ରକାଶନ ପ୍ରକ୍ରିୟାରେ ପ୍ରାୟ ୩୮୦ କୋଟି ଟଙ୍କାର ଗୁରୁତର ଅନିୟମିତତା ଓ ଦୁର୍ନୀତି ଘଟିଛି । ସମଗ୍ର ଘଟଣାର ସତ୍ୟାସତ୍ୟ ଉନ୍ମୋଚନ, ଦୋଷୀ ମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ସିବିଆଇ ତଦନ୍ତ ମଧ ଦାବି କରିଛି । ଏହାସହ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ମୁଦ୍ରଣ ପାଇଁ ଜନସାଧାରଣଙ୍କ ଅର୍ଥରୁ ଖର୍ଚ୍ଚ ହୋଇଥିବା ସମସ୍ତ ଟଙ୍କା ସଂପୃକ୍ତ ଅଧିକାରୀ, ସଂସ୍ଥା ଓ ଦୋଷୀ ବ୍ୟକ୍ତିଙ୍କ ଠାରୁ ଆଦାୟ କରିବାକୁ ଦଳ ଦାବି କରିଛି । ବିଳମ୍ବ ନକରି ଛାତ୍ରଛାତ୍ରୀଙ୍କୁ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇବାକୁ ଦାବି କରିଛି । ଏନେଇ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ନୈତିକ ଆଧାରରେ ଇସ୍ତଫା ଦେବା ପାଇଁ ମାଲକାନଗିରି ଜିଲ୍ଲା ବିଜେଡି ଦାବି କରିଛି । ବିଜୁ ଜନତା ଦଳ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥର ସୁରକ୍ଷା, ଓଡ଼ିଆ ଭାଷାର ଗରିମା ସଂରକ୍ଷଣ ଏବଂ ରାଜ୍ୟବାସୀଙ୍କ ଭବିଷ୍ୟତକୁ ପ୍ରଭାବିତ କରୁଥିବା ପ୍ରତ୍ୟେକ ଅବହେଳା ପାଇଁ ଲଢ଼େଇ ଜାରି ରଖିବ ବୋଲି କହିଛନ୍ତି । ଏନେଇ ଆଗକୁ ପଦକ୍ଷେପ ଗ୍ରହଣ ନକରିଲେ ବିଜେଡି ପକ୍ଷରୁ ଆନ୍ଦୋଳନ ଆହୁରି ତୀବ୍ର କରାଯିବ ବୋଲି କୁହାଯାଇଛି । ଆଜିର ବିକ୍ଷୋଭ ଓ ପ୍ରତିବାଦ ସଭା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବରିଷ୍ଠ ନେତା ତଥା ବିଜେଡି ରାଜ୍ୟ ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ, ଜିଲ୍ଲା ପରିଷଦ ଅଧକ୍ଷା ତଥା ମାଲକାନଗିରି ଜିଲ୍ଲା ମହିଳା ସଭାନେତ୍ରୀ ସମାରି ଟାଙ୍ଗୁଲ, ରାଜ୍ୟ ବିଜୁ ମହିଳା ସମ୍ପାଦିକା ଲକ୍ଷ୍ମୀପ୍ରିୟା ନାୟକ, ମାଲକାନଗିରି ପୌର ପରିଷଦ ଉପାଧକ୍ଷା କବିତା ମହନ୍ତ, ବିଜେଡି ଉପ ସଭାପତି ପ୍ରଫୁଲ ପଣ୍ଡାଙ୍କ ସମେତ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ଜିଲ୍ଲା କମିଟିର ସମସ୍ତ ନେତୃମଣ୍ଡଳୀ, ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ରାଜ୍ୟ ପଦାଧିକାରୀ ବୃନ୍ଦ, ବିଜୁ ଜନତା ଦଳର ସମସ୍ତ କର୍ମକର୍ତା ବୃନ୍ଦ, ମାଲକାନଗିରି ଏବଂ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ସମସ୍ତ ନେତୃତ୍ୱ କର୍ମକର୍ତା ବୃନ୍ଦ, ଜିଲ୍ଲା ପରିଷଦ ଉପାଧକ୍ଷ / ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ସମସ୍ତ ବ୍ଲକ/ନଗର ଅଧକ୍ଷା ଅଧକ୍ଷ, ସମସ୍ତ ବ୍ଲକ/ ନଗର ବିଜେଡି ସଭାପତି, ସମସ୍ତ ସରପଂଚ /ସମିତି ସଭ୍ୟ ସଭ୍ୟା /ସମସ୍ତ ପଂଚାୟତ ଓ ଅନ୍ୟାନ୍ୟ ନେତୃତ୍ୱ ପ୍ରମୁଖ ଓ ଜନ ସାଧାରଣ ଉପସ୍ଥିତ ଥିଲେ ।

# ନାବାଳିକା ଦୁଷ୍କର୍ମ ମାମଲା : ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୧୪/୦୭ (ନି.ପ୍ର): ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର ମାମଲା ର ଆଜି ଶୁଣାଣି ହୋଇଛି । ଗତ ୧୯.୭.୨୦୨୪ ମସିହା ଜୟପୁର ଟାଉନ ଥାନା କେଶ ନମ୍ବର ୨୨୪/୨୦୨୪ ଓ ୯୯/୨୬, ପୁରୁଣାଗଡ଼ ଅଂଚଳରେ ଘଟିଥିବା ନାବାଳିକାକୁ ବିବାହର ମିଥ୍ୟା ପ୍ରତିଶୃତି ଦେଇ ଦୁଷ୍କର୍ମ ମାମଲାର ବିଚାର କରି, ଆଜି ଜୟପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ପୋକସୋ କୋର୍ଟ ସୁଶ୍ରୀ ସଂଘମିତ୍ରା ଦାଶ, ପୁରୁଣାଗଡ଼ ଅଂଚଳର ମୃତ୍ୟୁଞ୍ଜୟ କଡମ୍ବଳକୁ ଭାରତୀୟ ପିଙ୍ଗଳ କୋଡ଼ ଧାରା ୩୭୬(୨)ନଂ ତଥା ୬ ପୋକସ ଧାରାରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦୦୦୦/- ଟଙ୍କା ଜୋରିମାନା ଦଣ୍ଡଦେଶ କରିଛନ୍ତି । ଏହା ଅଣଦେୟ ହେଲେ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି । ଆଦାୟ ଜୋରିମାନା ଟଙ୍କା ସହ ସରକାରଙ୍କ ତରଫରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରୁ ପୀଡ଼ିତାଙ୍କୁ ୪,୦୦୦,୦୦/-ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ନିର୍ଦେଶ ଦେଇଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ପି ସନ୍ୟାସୀ ରାଓ ପରିଚାଳନା କରୁଥିଲେ ।

# ପାଟଣାଗଡ଼ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ବଲାଙ୍ଗୀର, ୧୪/୦୭ (ନି.ପ୍ର): ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ପାଟଣାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ହରିଶଙ୍କର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ସାଧାରଣ ଲୋକମାନେ ନିଜ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ସିଧାସଳଖ ଭାବରେ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ । ଏହି ଶିବିରରେ ଜିଲ୍ଲାପାଳ ଗୌରୱ୍ ଶିୱାଜୀ ଇସଲୱାର ଯୋଗଦାନ କରି ବିଭିନ୍ନ ଅଂଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ଶୁଣିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣାଣି କରି, ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଶିବିରରେ ମୋଟ ୬୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୫୭ଟି ବ୍ୟକ୍ତିଗତ ଏବଂ ୩ଟି ସାମୂହିକ ଅଭିଯୋଗ ଥିଲା । ତନ୍ମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା, ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ଶୀଘ୍ର ନିଷ୍ପତି ପାଇଁ ସମ୍ପର୍କିତ ବିଭାଗକୁ ପଠାଯାଇଛି । ଏହି ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ଡେପୁଟି କଲେକ୍ଟର(ସାଧାରଣ ଓ ବିବିଧ) ନିବେଦିତା ସ୍ୱାଇଁ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଚିତ୍ରକୋଣ୍ଡା କପାଟୁଟି ପଂଚାୟତରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସହିତ କନ୍ଧଗୁଡ଼ା ଗ୍ରାମରେ ମୁଖ୍ୟମନ୍ତ୍ରୀ ମକା ମିଶନର ସମୀକ୍ଷା କଲେ ଜିଲ୍ଲାପାଳ

ମାଲକାନଗିରି, ୧୪/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ କପାଟୁଟି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଏକ 'ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ ଏବଂ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ ।

ଶିବିରରେ ସମସ୍ତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଆପତି ଶୁଣିବା ସହ ତାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ । ଅନୁଷ୍ଠିତ ଏହି ଶିବିରରେ ସ୍ଥାନୀୟ ଅଂଚଳରୁ ସାଧାରଣ ଲୋକଙ୍କର ବିଭିନ୍ନ ସମସ୍ୟାକୁ ନେଇ ମୋଟ୍ ୭୫ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ସମସ୍ୟା ଭିତିକ ହୋଇଥିବା ବେଳେ ଅବଶିଷ୍ଟ ୫୦ଟି ସାମୂହିକ ସମସ୍ୟା ସମ୍ପର୍କିତ ଥିଲା । ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ଉପ-ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଏହି ସମସ୍ତ ଦରଖାସ୍ତଗୁଡ଼ିକର ଗଭୀର ସମୀକ୍ଷା କରି ଗରିବ ତଥା ଅସହାୟ ଲୋକମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ସହ ବିଭିନ୍ନ ପ୍ରଶାସନିକ ଯୋଜନାର ସଫଳ ରୂପାୟନ ପାଇଁ ସମ୍ପୃକ୍ତ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି ଗସ୍ତ ଅବସରରେ ଜିଲ୍ଲାପାଳ ଚିତ୍ରକୋଣ୍ଡା ବ୍ଲକ ଅଧୀନସ୍ଥ ଗୁଣ୍ଠାୱାଡା ପଂଚାୟତର କନ୍ଧଗୁଡ଼ା ଗ୍ରାମ ପରିଦର୍ଶନ କରିଥିଲେ । ସେଠାରେ 'ମୁଖ୍ୟମନ୍ତ୍ରୀ ମକା ମିଶନ' ଅଧୀନରେ ଚାଲିଥିବା ମକା ଚାଷ କ୍ଷେତ୍ରକୁ ସେ ବୁଲି ଦେଖିବା ସହ ଯାନ୍ତ୍ରିକ ପଦ୍ଧତିରେ ମଞ୍ଜି ଓ ସାର ବୁଣା ଯନ୍ତ୍ର ମାଧ୍ୟମରେ କରାଯାଉଥିବା ଚାଷ କାର୍ଯ୍ୟର ସମୀକ୍ଷା କରିଥିଲେ । ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ଯେପରି ଚାଷୀଙ୍କ ପାଇଁ ଅଧିକ ଲାଭଦାୟକ ହେବ, ସେନେଇ ସେ କୃଷି ବିଭାଗ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଚାଷୀମାନଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଓ ବୈଷୟିକ ପରାମର୍ଶ ଯୋଗାଇ ଦେବା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ପ୍ରଶାସନର ଏହି ଜନହିତକର ପ୍ରୟାସକୁ ସ୍ଥାନୀୟ ଅଂଚଳର ଜନସାଧାରଣ ଓ ଚାଷୀକୂଳ ବେଶ୍ ପ୍ରଶଂସା କରିଛନ୍ତି । ସେହିପରି ଜିଲ୍ଲାପାଳ ଚିତ୍ରକୋଣ୍ଡା ବ୍ଲକ ଅଧୀନସ୍ଥ କପାଟୁଟି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ମଧ୍ୟାହ୍ନ ଭୋଜନର ମାନ ଯାଂଚ୍ ସହ ନିର୍ମାଣାଧୀନ ୫୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ କାର୍ଯ୍ୟର ସମୀକ୍ଷା କରିଛନ୍ତି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ପୌରାଧ୍ୟକ୍ଷାଙ୍କ ଝାଡ଼େଶ୍ୱର ମନ୍ଦିର ପରିଦର୍ଶନ

ଝାରସୁଗୁଡ଼ା, ୧୪/୦୭ (ନି.ପ୍ର): ଝାରସୁଗୁଡ଼ା ପୌରାଧ୍ୟକ୍ଷା ରାନୀ ହାତୀ ଝାଡେଶ୍ୱର ମନ୍ଦିର ପରିଦର୍ଶନ କରି ମନ୍ଦିର ପରିସରରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଶ୍ରଦ୍ଧାଳୁଙ୍କ ପାଇଁ ରେଷ୍ଟ ସେଡ, ପୋଖରୀ ପୁନରୁଦ୍ଧାର, ଇକୋ ପାର୍କ ସହ ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶିକ ବିକାଶ କାମ ପୌର ପ୍ରଶାସନ ପକ୍ଷରୁ ଚାଲୁ ରହିଛି । ଏନେଇ ଆଜି ପୌରାଧ୍ୟକ୍ଷା ହାତୀ ମନ୍ଦିର ପରିଦର୍ଶନ କରି ପ୍ରକଳ୍ପ ଗୁଡିକର ସମୀକ୍ଷା କରିଛନ୍ତି । ଆଗକୁ ଶ୍ରାବଣ ମାସ ଆରମ୍ଭ ହେବାକୁ ଥିବା ବେଳେ ମନ୍ଦିର ପରିସରରେ ପଡିରହିଥିବା ଅଳିଆ ଆବର୍ଜନା ସଫା କରିବା ସହ ବ୍ଲିଚିଂ ପାଉଡର ପକାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପୌରାଧ୍ୟକ୍ଷା ହାତୀ । ପୌରାଧ୍ୟକ୍ଷା ହାତୀଙ୍କ ପରିଦର୍ଶନ ସମୟରେ ୱାର୍ଡ ନମ୍ବର ୧୬ ନବନୀତ କୌର, ୱାର୍ଡ ନମ୍ବର ୧୫ ଝରଣା ଭୋଇ, ପୌର ପରିଷଦର ମୁଖ୍ୟ ଯନ୍ତ୍ରୀ ସୀମାଚଂଳ ଦାସ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ପଟେଲ, ପରିମଳ ବିଶେଷଜ୍ଞ ଆଲୋକ ରଞ୍ଜନ ଜଗତ ପ୍ରମୁଖଙ୍କ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ ।

# ମଦଦୋକାନ ସ୍ଥାନାନ୍ତର ନେଇ ମାଳ ମାଳ ଅଭିଯୋଗ: ପ୍ରଶାସନର ଦ୍ୱାରସ୍ଥ ହେଲେ ଚରମ୍ପା ଓ ବରଦା ଗ୍ରାମବାସୀ

ଭଦ୍ରକ, ୧୪/୦୭ (ନି.ପ୍ର): ଜିଲାରେ ନୂଆ ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ଦେବା ପରେ ମାଳ ମାଳ ଅଭିଯୋଗ ପ୍ରଶାସନ ନିକଟକୁ ଲମ୍ବିଚାଲିଛି । ନଦୀଗାଁ ମଦ ଦୋକାନକୁ ନେଇ ଆନ୍ଦୋଳନ ଚାଲିଥିବାବେଳେ ଆଜି ଗଦି ଓ ଘଂଟେଶ୍ୱର ମୁଖ୍ୟ ରାସ୍ତାରେ ମଦ ଦୋକାନର ସ୍ଥାନାନ୍ତରୀକରଣ ନେଇ ବରଦା ଗ୍ରାମବାସୀମାନେ ଆଜି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଗ୍ରାମବାସୀମାନେ ଅତିରିକ୍ତ ଜିଲାପାଳଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଏମାନଙ୍କର ଅଭିଯୋଗ ହେଲା ବ୍ଲକ୍, ମେଡିକାଲ ଓ ସମସ୍ତ ସରକାରୀ ଅଫିସ୍, କଲେଜକୁ ଯିବାଆସିବା ମୁଖ୍ୟ ରାସ୍ତାରେ ସରକାରୀ ମଦ ଦୋକାନ ଖୋଲାଯାଇଅଛି । ମୁଖ୍ୟରାସ୍ତାକୁ ଲାଗି ଏହି ସରକାରୀ ମଦ ଦୋକାନ ଖୋଲାଯାଇଥିବାରୁ ରାସ୍ତାରେ ସବୁବେଳେ ଟ୍ରାଫିକ୍ ଜାମ୍ ହେବା ସହ ମଦୁଆମାନଙ୍କର ଉତ୍ପାତ ବଢିଯାଇଛି । ଏହି ମଦଦୋକାନ ଯୋଗୁଁ ଉଠାଦୋକାନୀ ମଧ ସେହି ରାସ୍ତା ମଝିରେ ବେପାର ଚଳାଇଛନ୍ତି । ପୂର୍ବରୁ ଅବସ୍ଥିତ ଥିବା ଠିପିବନ୍ଦ ବିଦେଶୀ ମଦ ଦୋକାନକୁ ୨୦୧୯ ମସିହାରେ ଅବକାରୀ ନିରୀକ୍ଷକ ସ୍ଥାନ ନିରୂପଣ କରିବା ପାଇଁ ଆସିଥିଲେ । ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ଏଠାରେ ମଦ ଦୋକାନ ସ୍ଥାପନ କରାଗଲା ନାହିଁ । ଏବେକାର ଅବକାରୀ ନିରୀକ୍ଷକ ବିନା କ୍ଷେତ୍ରୀୟ ତଦନ୍ତ ନକରି ମନଇଚ୍ଛା ଏହିସ୍ଥାନରେ ଠିପିବନ୍ଦ ବିଦେଶୀ ମଦଦୋକାନ ଖୋଲିବା ପାଇଁ କିପରି ଅନୁମତି ଦେଲେ, ତାହା ଦୁର୍ଭାଗ୍ୟଜନକ । ଏହି ମୁଖ୍ୟ ରାସ୍ତାରେ ସବୁବେଳ ପାଇଁ ଯାନବାହନ ଚଳାଚଳ ହୋଇଥାଏ । କଲେଜର ଶହ ଶହ ଛାତ୍ରଛାତ୍ରୀ ଏହି ରାସ୍ତାରେ ଯିବାଆସିବା କରିବା ସହ ବହୁ ମହିଳା ଦୈନିକ କାମଧନ୍ଦା ପାଇଁ ବିଳମ୍ବିତ ରାତି ଯାଏ ଯିବାଆସିବା କରିଥାନ୍ତି । ଜିଲା ପ୍ରସିଦ୍ଧ ଏହି ଅଂଚଳର ପାଟଣା ମଙ୍ଗଳା ମନ୍ଦିରକୁ ଯିବାପାଇଁ ଏହି ରାସ୍ତାରେ ଶ୍ରଦ୍ଧାଳୁମାନେ ଯାତାୟତ କରିଥାନ୍ତି । ଏହାବ୍ୟତୀତ ଲୋକମାନେ ଗାଡି ରଖି ରାସ୍ତାରେ ମଦ ପିଇ ଉତ୍ପାତ କରିଥାନ୍ତି । ଅଧିକାଂଶ ସମୟରେ ଝିଅବୋହୂଙ୍କ ପ୍ରତି ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବାର ଆଶଙ୍କା ପ୍ରକାଶ ପାଇଛି ।

# ଦୁଇବର୍ଷ ପରେ ଗୋଆରୁ ମୁକୁଳି ଘରକୁ ଫେରିଲେ ଯୁବ ଶ୍ରମିକ ରିଙ୍କୁ ବାଗ

ଝାରସୁଗୁଡ଼ା, ୧୪/୦୭ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ଅନ୍ତର୍ଗତ ସମାସିଂହା ପଂଚାୟତର ଜଳଡିହି ଗ୍ରାମର ୨୫ ବର୍ଷୀୟ ଯୁବକ ରିଙ୍କୁ ବାଗ ପ୍ରାୟ ଦୁଇ ବର୍ଷ ଧରି ଗୋଆରେ ଦାଦନ ଶ୍ରମିକ ଭାବେ କାମ କରୁଥିବାବେଳେ ଜଣେ ନିଯୁକ୍ତିଦାତାଙ୍କ ନିକଟରେ ବନ୍ଧା ପଡ଼ି ରହିଥିଲେ । ଶେଷରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗର ଉଦ୍ୟମ ଫଳରେ ସେ ସୁରକ୍ଷିତ ଭାବେ ନିଜ ଘରକୁ ଫେରିଥିବା ସୂଚନା ମିଳିଛି । ରିଙ୍କୁଙ୍କ ପିତାଙ୍କ ନିବେଦନ ସହ ଘଟଣାଟି ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗ ତତ୍ପରତାର ସହ ହସ୍ତକ୍ଷେପ କରିଥିଲେ । ସେମାନଙ୍କ ପ୍ରଚେଷ୍ଟାରେ ରିଙ୍କୁଙ୍କୁ ଗୋଆରୁ ମୁକ୍ତ କରାଯାଇ ଘରକୁ ଫେରାଇ ଆଣାଯାଇଛି । ରିଙ୍କୁ ଟ୍ରେନ୍ ଯୋଗେ ଗୋଆରୁ ଯାତ୍ରା କରି ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଂଚିଥିଲେ ।

# ପଞ୍ଚଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଜଳେଶ୍ୱର, ୧୪/୭ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ବାଲେଶ୍ୱରଙ୍କ ସହଯୋଗରେ ଜଳେଶ୍ୱର ପଞ୍ଚାୟତ ସମିତି ଆୟୋଜନରେ ଜଳେଶ୍ୱର ଶାନ୍ତିଆ ସରକାରି ଉ.ପ୍ରା.ବିଦ୍ୟାଳୟ ପରିସରରେ ପଞ୍ଚଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକ ଅଧକ୍ଷ ମାନସ କୁମାର ଜେନା,ଏବିଡ଼ିଓ ସୁଧୀର କୁମାର ସାହୁ,ସାମାଜିକ ସୁରକ୍ଷା ବିଭାଗର ଭାରପ୍ରାପ୍ତ ଅଧିକାରୀ ସଯତ୍ ଅନୁପମ, କମ୍ୟୁନିଟୀ ଅର୍ଗାନାଇଜର ମୋନାଲିସା ମିଶ୍ରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହିତ ଅସ୍ଥିଶଲ୍ୟ, ରକ୍ତ ହୀନତା, ସ୍ନାୟୁ ଆଘାତ, ଦୃଷ୍ଟିବାଧିତ,ମାନସିକ ଅଗ୍ରସର, ବିଭାଗର ଡ଼ାକ୍ତର ମେଡିସିନ ସ୍ପେସାଲିଷ୍ଟ ରତ୍ନାକର ଦାସ, ଅସ୍ଥିଶଲ୍ୟ ବିଭାଗର ଡ଼ାକ୍ତର ଶିବାନନ୍ଦ ରଥ, ମାନସିକ ଅଗ୍ରସର ବିଭାଗର ଡ଼ାକ୍ତର ବ୍ରଜକିଶୋର ଗିରି, ବିକାଶ ରଞ୍ଜନ ଦାସ, ଦୃଷ୍ଟି ବାଧିତ ବିଭାଗର ଡ଼ାକ୍ତର ଚିତ୍ତରଂଜନ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସବୁ ବିଭାଗର ହିତାଧୀକାରୀ ମାନଙ୍କୁ ପରୀକ୍ଷା କରି ଚିହ୍ନଟ କରାଯାଇ ଥିଲା। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା,ଅଙ୍ଗନବାଡ଼ି, ଆଶାକର୍ମୀ, ଶାନ୍ତିଆ ସରକାରି ଉ.ପ୍ରା. ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଏହି ପଞ୍ଚଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ସହଯୋଗ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ, ରକ୍ତ ହୀନତା, ସ୍ନାୟୁ ଆଘାତ ବିଭାଗ ପକ୍ଷରୁ-୧୨୯, ଦୃଷ୍ଟିବାଧିତ ବିଭାଗପକ୍ଷରୁ ୩୯, ମାନସିକ ଅଗ୍ରସର ପକ୍ଷରୁ ୩୨ ଜଣ ମୋଟ ୧୯୧ ଜଣ ଏହି ସବୁ ବିଭାଗରେ ପଞ୍ଜିକରଣ କରି ଡ଼ାକ୍ତର ମାନଙ୍କଠାରୁ ପରୀକ୍ଷା କରେଇ ଥିଲେ। ଜଳେଶ୍ୱର ବ୍ଲକର ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପୌରପାଳିକା ପକ୍ଷରୁ ନମସ୍ତେ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାସୁଦେବପୁର, ୧୪/୭ (ନି.ପ୍ର): ବାସୁଦେବପୁର ପୌର ପାଳିକା ପକ୍ଷରୁ ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ନମସ୍ତେ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରା ଯାଇଥିଲା। ଏହା ବ୍ୟତୀତ ପୌର ପାଳିକା ପକ୍ଷରୁ କୋର୍ ସାନିଟେଶନ କର୍ମଚାରୀ ମାନଙ୍କୁ କିଟ୍ ବଣ୍ଟନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାସୁଦେବପୁର ପୌର ପାଳିକାର ଅଧକ୍ଷା ନିବେଦିତା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।ପୌର ପାଳିକା ଉପାଧକ୍ଷ ଉତ୍ତମ କୁମାର ବାରିକ ଓ ଅନ୍ୟାନ୍ୟ ଷ୍ଟାଫ୍ ଏହି ଦିବସରେ ଯୋଗ ଦେଇଥିଲେ।

# ଅଣସର ଚକାରେ ଭକ୍ତଙ୍କୁ ନବଯୌବନ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ

ନୀଳଗିରି, ୧୪/୭ (ନି.ପ୍ର): ନୀଳାଦ୍ରିନାଥଙ୍କ ମାନବୀୟ ଲୀଳାର ଚରମ ଅଭିବ୍ୟକ୍ତି ହେଉଛି ଅଣସର। ଜ୍ୟେଷ୍ଠ ପୂର୍ଣ୍ଣିମାରେ ୧୦୮ କଳସ ସୁବାସିତ ଜଳରେ ସ୍ନାନକରି ଜ୍ୱରରେ ପୀଡ଼ିତ ହୁଅନ୍ତି ଜଗତର ନାଥ । ଦୀର୍ଘ ୧୪ଦିନ ଅନ୍ଧାରୀ ଅଣସରଘରେ ଚାଲେ ମହାପ୍ରଭୁଙ୍କ ଗୁପ୍ତ ଉପଚାର । କାରୁଣ୍ୟ ଓ ବିରହର ଏହି କାଳଖଣ୍ଡ ପରେ, ଯେତେବେଳେ ପ୍ରଭୁ ସୁସ୍ଥହୋଇ ଭକ୍ତଙ୍କ ସାମ୍ନାକୁ ଆସନ୍ତି... ତାହା ହିଁ ହେଉଛି ସେହି ଦୁର୍ଲ୍ଲଭ 'ନବଯୌବନ ଦର୍ଶନ'। ଯାହା ଆଜି ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରରେ ଚାଲିଛି । ଅଣସର ପିଣ୍ଡିରୁ ବାହାରିବାପୂର୍ବରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ଚିତ୍ରକର ସେବକମାନେ ନୂଆରୂପ ପ୍ରଦାନ କରନ୍ତି । ଏହାକୁ ଶ୍ରୀଅଙ୍ଗ ଫିଟା ଓ ବନକଲାଗି କୁହାଯାଏ । ତା'ପରେ ଆସେ ସେହି ସ୍ୱର୍ଣ୍ଣିମ ମୁହୂର୍ତ୍ତ ନେତ୍ରୋତ୍ସବ । ଶ୍ରୀମୁଖ-ଶୀଙ୍ଗାରି ଦତ୍ତ ମହାପାତ୍ର ସେବକଙ୍କ ତୂଳୀସ୍ପର୍ଶ (ନେତ୍ର ଅଙ୍କନ) ପରେ ଜୀବନ୍ତ ହୋଇଉଠନ୍ତି ଦାରୁବ୍ରହ୍ମ । ଚକ୍ଷୁଦାନ ସହ ସମ୍ପୂର୍ଣ୍ଣ ହୁଏ ଅପରୂପ ଶୃଙ୍ଗାର। ନବ ଅନୁରାଗରେ ଉଦ୍ଭାସିତ ହୁଏ ମହାପ୍ରଭୁଙ୍କ ନବଯୌବନ ରୂପ । ଲାଗେ ସତେ ଯେମିତି କୋଟି କନ୍ଦର୍ପର ଲାବଣ୍ୟ ଝରିପଡୁଛି ଶ୍ରୀମୁଖରୁ ! ଏହି ଦର୍ଶନ ପାଇଁ ଭକ୍ତଟିଏ ବର୍ଷସାରା ଚାହିଁ ରହିଥାଏ । ଶ୍ରୀମନ୍ଦିର ବେଢ଼ାରେ ହରିବୋଲ ଓ ହୁଳହୁଳି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୁଏ। ଯେତେବେଳେ ସାହାଣମେଳା ଦର୍ଶନ ଆରମ୍ଭ ହୁଏ, ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ବିରହର କାନ୍ଥ ଭାଙ୍ଗି ଚୂରମାର ହୋଇଯାଏ। କୁହାଯାଏ, ନବଯୌବନ ଦର୍ଶନ କେବଳ ଏକ ପରମ୍ପରା ନୁହେଁ, ଏହା ହେଉଛି ଭକ୍ତିର ପୁନର୍ଜନ୍ମ। ଏହି ଦର୍ଶନ ପରେ ମହାପ୍ରଭୁ ରଥଯାତ୍ରା ପାଇଁ ସଜବାଜ ହୁଅନ୍ତି । ସେଥିପାଇଁ ଆଜି ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରର ହୋଇ ଉଠିଛି ଚଳଚଞ୍ଚଳ। ବ୍ରହ୍ମାଣ୍ଡ ଗୋସାଇଁ ଙ୍କ ଅପୂର୍ବ ଦୃଶ୍ୟ ଯାହା ଚର୍ମ ଚକ୍ଷୁରେ ଦେଖି ଭକ୍ତ ଓ ଶ୍ରଦ୍ଧାଳୁ ନିଜକୁ ଧନ୍ୟ କରିଛନ୍ତି।

# କମ୍ୟୁନିଷ୍ଟ ପାର୍ଟିକୁ ମୂଲ୍ୟବାନ ସମ୍ପତ୍ତି ଦାନ

ଜଳେଶ୍ୱର , ୧୪/୭ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋବରଘଟା ପଞ୍ଚାୟତ ନିବାସୀ ରବିନ୍ଦ୍ର କୁମାର ବାରିକ ଓ ତାଙ୍କ ଭାଇ ବିରେନ୍ଦ୍ର କୁମାର ବାରିକ କମ୍ୟୁନିଷ୍ଟ ପାର୍ଟିର ଆଦର୍ଶରେ ଅନୁପ୍ରାଣୀତ ହୋଇ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)କୁ ଦୁଇ ଡିସିମିଲ ମୂଲ୍ୟବାନ ସମ୍ପତ୍ତି ପାର୍ଟି ଗୃହ ନିର୍ମାଣ ପାଇଁ ଦାନ କରିଛନ୍ତି ।ଏହି ଦୁଇ ଡିସିମିଲ ସମ୍ପତ୍ତିର ସରକାରୀ ମୂଲ୍ୟ ଦୁଇ ଲକ୍ଷ ଚଉଷଠି ହଜାର ଟଙ୍କା ଥିବା ବେଳେ ସ୍ଥାନୀୟ ମୂଲ୍ୟ ଏହା ଠାରୁ ଢେର ଅଧିକ। ସମ୍ପ୍ରତି ଅଗ୍ରୱାଲା ଯାହା ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଏକ ବ୍ୟବସାୟ କେନ୍ଦ୍ର ପାଲଟି ଥିବା ବେଳେ ସେଠାରେ ଦୁଇ ଡିସିମିଲ ସମ୍ପତ୍ତି ପାର୍ଟି ନାମରେ ରେଜିଷ୍ଟ୍ରେସନ କରିଦେବା ପରିବାରର ବଦାନ୍ୟତା। ଏଭଳି ଏକ ସାଧୁ ଉଦ୍ୟମ ପାଇଁ ଦାତା ରବିନ୍ଦ୍ର କୁମାର ବାରିକ ଓ ବିରେନ୍ଦ୍ର କୁମାର ବାରିକଙ୍କ ସମେତ ପରବାର ବର୍ଗଙ୍କୁ ପାର୍ଟି ତରଫରୁ ଭୂୟସୀ ପ୍ରଶଂସା କରାଯାଇଛି। ଜମି ରେଜିଷ୍ଟ୍ରେସନ ସମୟରେ ପାର୍ଟିର ଜିଲ୍ଲା ସମ୍ପାଦକ ଶିଶିର ହୁଇ, ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, କମ୍ୟୁନିଷ୍ଟ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ଲକ୍ଷ୍ମଣନାଥ ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ ଦାସ ଉପସ୍ଥିତ ରହିବା ସହିତ ଦାତା ଦ୍ୱୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। କମ୍ୟୁନିଷ୍ଟ ଆଦର୍ଶ ପ୍ରତି ଲୋକଙ୍କର ଯେଉଁ ଭଲପାଇବା ଅଛି ଏହା ହେଉଛି ତାର ଏକ ଦୃଷ୍ଟାନ୍ତ ବୋଲି ପାର୍ଟିର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଏକ ପ୍ରେସ ବିବୃତିରେ କୁହାଯାଇଛି।

# ମେଡିକାଲରେ ମିଳୁନି ଟିଟାନସ ଇଞ୍ଜେକ୍ସନ

ଖଇରା, ୧୪ ।୭ ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିଟାନସ ଇଞ୍ଜେକ୍ସନ ମିଳୁନଥିବାରୁ ଆସୁଥିବା ରୋଗୀ ମାନେ ନିରାଶ ହୋଇ ଫେରିବା ସହ ଖର୍ଚ୍ଚାନ୍ତ ହୋଇ ବାହାରୁ କିଣିବାକୁ ବାଧ୍ୟ ହେଉଛନ୍ତି । ହଜାର ହଜାର ରୋଗୀ ନିର୍ଭର କରୁଥିବା ଏହି ଖଇରା ମେଡିକାଲରେ ତୁରନ୍ତ ଇଞ୍ଜେକ୍ସନ ଯୋଗାଇବାକୁ ସୁଣ୍ଢିରା ସମିତିସଭ୍ୟ ନଳିନୀକାନ୍ତ ସାହୁ ସମେତ ବହୁ ଲୋକପ୍ରତିନିଧି ଓ ରୋଗୀ ମାନେ ଦାବି କରିଛନ୍ତି । ଖଇରା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖଇରା ବ୍ଲକର ୩୭ ପ ।ୟତ ଓ ପଡୋଶୀ ଔପଦା,ହାଟଡିହି ବ୍ଲକର ର ରୋଗୀମାନେ ନିର୍ଭର କରିଥାନ୍ତି । ହେଲେ ଗର୍ଭବତୀ, ପ୍ରସୁତୀ, ନବଜାତକ ଓ ଦୁର୍ଘଟଣାରେ କ୍ଷତାକ୍ତ ଭଳି ଆସୁଥିବା ରୋଗୀ ଓ ଆହତଙ୍କ ପ୍ରତିରୋଧକ ଶକ୍ତି ବୃଦ୍ଧିପାଇଁ ଅତ୍ୟାବଶକ ହେଉଥିବା ଟିଟାନସ ଗତ ୧୫ଦିନ ଧରି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ନଥିବାରୁ ଏହି ରୋଗୀମାନଙ୍କୁ ହଇରାଣ ହେବାକୁ ପଡୁଛି । କେବଳ ଏହି ଇଞ୍ଜେକ୍ସନ ନୁହେଁ ଆଇରନ,କାଲସିଅମ ଭଳି ମେଡିସିନ ମଧ୍ୟ ଏବେ ମିଳୁନଥିବା ନେଇ ସବୁଦିନ ଶତାଧିକ ରୋଗୀଙ୍କ ଠାରୁ ଅଭିଯୋଗ ଶୁଣିବାକୁ ମିଳୁଛି । ଏ ସମ୍ପର୍କରେ ଖଇରା ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ରଙ୍କ ପ୍ରତିକ୍ରିୟା ନେବାର ଏଥିପାଇଁ ବହୁବାର ଇଣ୍ଡେନ ଦିଆସରିଲାଣି । ଜିଲାରେ ମଧ୍ୟ ମହଜୁଦ ନଥିବାରୁ ଆସିବାରେ ବିଳମ୍ବ ହେଉଥିବା କହିଛନ୍ତି ।

# ବିଦ୍ୟାଳୟ ପରିଚାଳନା କମିଟି ଗଠିତ



ବାସୁଦେବପୁର, ୧୪/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ମଖଲପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇ ଯାଇଛି। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କମଳିନୀ ବେଜ, ସହକାରୀ ଶିକ୍ଷୟତ୍ରୀ ସୁଜାତା ଦାସ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ଏହି ପରିଚାଳନା କମିଟି ରେ ସଭାପତି ଭାବେ ରତ୍ନାକର ଜେନା ଓ ଉପ ସଭାପତି ଭାବେ ତିଳୋତ୍ତମା ବେହେରାଙ୍କୁ ନୂତନ ଭାବେ ବଛା ଯାଇଥିଲା। ଏଥି ସହିତ ଯେଉଁ ୧୧ ଜଣ ସଦସ୍ୟ ମନୋନୀତ ହୋଇଛନ୍ତି ସେମାନେ ହେଲେ ଦମୟନ୍ତୀ ଜେନା, ଜ୍ୟୋସ୍ନା ରାଣୀ ଦଳେଇ, ସୁମତୀ ଦଳେଇ, ତିଳୋତ୍ତମା ବେହେରା, ମଧୁସ୍ମିତା ଦଳେଇ, ଯଶୋଦା ଜେନା, ମଞ୍ଜୁଲତା ଜେନା, ରତ୍ନାକର ଜେନା, ସାଧୁ ଚରଣ ଜେନା, ବନମାଳୀ ମହାରଣା, ପାର୍ଥ ସାରଥୀ ଜେନା ପ୍ରମୁଖ। ଏହି ବିଦ୍ୟାଳୟ ପରିଚାଳନା କମିଟି ଗଠନ କ୍ଷେତ୍ରରେ ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇ ଥିଲା।

# ଅନଲାଇନ୍ ମାଧ୍ୟମରେ ଜବାହର ନବୋଦୟ ବିଦ୍ୟାଳୟ ଚୟନ ପରୀକ୍ଷା ପାଇଁ ଦରଖାସ୍ତ ଆବେଦନ

ଖୋର୍ଦ୍ଧା , ୧୪/୭ (ନି.ପ୍ର): ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପ୍ରବେଶ ୨୦୨୭ ବର୍ଷପାଇଁ ଚୟନ ପରୀକ୍ଷାରେ ଭାଗ ନେବା ନିମନ୍ତେ ଅଧକ୍ଷ, ଜବାହର ନବୋଦୟ ବିଦ୍ୟାଳୟ, ଖୋର୍ଦ୍ଧା ଶ୍ରୀ ଏନ.ସି. ଚକ୍ର ପ୍ରକାଶ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲାର ଯେଉଁ ଛାତ୍ର ଛାତ୍ରୀ ମାନେ ୨୦୨୬-୨୭ ଶିକ୍ଷା ବର୍ଷରେ ସରକାରୀ/ସରକାରୀ ଅନୁମୋଦନ ପ୍ରାପ୍ତ ୟୁ ଜି ଏମ୍ ଇ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିବେ ସେମାନେ କେବଳ ୨୦୨୭ ବର୍ଷ ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ପ୍ରବେଶ ପରୀକ୍ଷା ଚୟନରେ ଅଂଶଗ୍ରହଣ କରିବା ନିମନ୍ତେ ଆବେଦନ କରିବେ । ଖୋର୍ଦ୍ଧା ଜିଲ୍ଲାର ଯେତେ ଅଧିକ ଛାତ୍ର ଛାତ୍ରୀ ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ରେ ପଢ଼ିବା ନିମନ୍ତେ ଆବେଦନ କରିବେ ସେଥି ପାଇଁ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ପ୍ରଧାନ ଶିକ୍ଷୟତ୍ରୀ ମାନେ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେବା ନିମନ୍ତେ ପଦକ୍ଷେପ ନେବାକୁ କୁହା ଯାଇଅଛି । ଛାତ୍ର ଛାତ୍ରୀ ମାନେ ନବୋଦୟ ବିଦ୍ୟାଳୟ ୱେବ୍ ସାଇଟ୍ ଖୋର୍ଦ୍ଧା। https://navodaya.gov.in/nvs/nvs-school/Khurda/en/home କିମ୍ବା ନବୋଦୟ ବିଦ୍ୟାଳୟ ସମିତି, ମୁଖ୍ୟାଳୟ,ନଏଡା, ୱେବ୍ ସାଇଟ୍ https://navodaya.gov.in/nvs/en/Home ୧ ରେ କେବଳ ଅନ୍ ଲାଇନ୍ ମାଧ୍ୟମରେ ଆବେଦନ କରି ପାରିବେ । ଚଳିତ ଜୁଲାଇ ତା ୩୧.୦୭.୨୦୨୬ ରିଖ ପର୍ଯ୍ୟନ୍ତ ଅନ୍ ଲାଇନ୍ ଖୋଲା ରହିବାର ଶେଷ ତାରିଖ ଅଟେ । ଏହା ଜିଲ୍ଲାର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ,ପ୍ରଧାନ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ଅଭିଭାବକ, ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଗଲା ।

# ଅପହଂଚ ଅଂଚଳକୁ ମୁଖ୍ୟ ରାସ୍ତା ସହ ଯୋଡିବ ମୁଖ୍ୟମନ୍ତ୍ରୀ ସଡକ ଯୋଜନା

ଭୁବନେଶ୍ୱର, ୧୪/୭ (ନି.ପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ସଡକ ଯୋଜନା – ଆନ୍ତଃରାଜ୍ୟ, ଆନ୍ତଃଜିଲ୍ଲା ଓ ଆନ୍ତଃବ୍ଲକ ମଧ୍ୟରେ ଅସଂଯୋଜିତ ରାସ୍ତା ଗୁଡିକୁ ମୁଖ୍ୟ ରାସ୍ତା ସହ ସଂଯୋଗୀକରଣ' ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି ।ସଂପୃକ୍ତ ଅଂଚଳର ସ୍ଥାନୀୟ ବାସିନ୍ଦା ମାନଙ୍କର ଆର୍ଥିକ ଏବଂ ସାମାଜିକ ଉନ୍ନତିକରଣ ପାଇଁ ଗ୍ରାମାଂଚଳରେ ଥିବା ପଂଚାୟତ କାର୍ଯ୍ୟାଳୟ, ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ ମୁଖ୍ୟ ବଜାର, ପର୍ଯ୍ୟଟନସ୍ଥଳ, ବ୍ୟବସାୟ କେନ୍ଦ୍ର ଇତ୍ୟାଦିକୁ ନିକଟବର୍ତ୍ତୀ ମୁଖ୍ୟରାସ୍ତା ସହ ସଂଯୋଗ କରିବା ସହିତ ଉନ୍ନତମାନର ରାସ୍ତା ନିର୍ମାଣ କରିବା ଏହି ଯୋଜନାର ମୂଳଲକ୍ଷ୍ୟ ।

# ଘରେ ପଶିଲା ବନ୍ୟାପାଣି: ରାସ୍ତାରେ ବାଡ ବସାଇଲେ ଗ୍ରାମବାସୀ

ଖଇରା, ୧୪ ।୭ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁ । ଗ୍ରାମ ପ ୟାତ ଅଧୀନ ରାଇକୁଳା ଗ୍ରାମ ଶିଅଳ ସାହିରେ ଡ୍ରେନେଜ ବ୍ୟବସ୍ଥା ନିର୍ମାଣ ପାଇଁ ସାହି ବାସିନ୍ଦା ବାରମ୍ଵାର ଦାବି କରିବା ସତ୍ତ୍ୱେ ପ୍ରଶାସନ ଏହାକୁ ଦୃଷ୍ଟି ଦେଇନଥିଲା । ଯାହା ଫଳରେ ସୋମବାର ରାତିରେ ଲଗାଣବର୍ଷା ପରେ ମଙ୍ଗଳବାର ସକାଳେ ରାସ୍ତା ଉପରେ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହେବା ସହ ଦୂଷିତ ପାଣି ଘରକୁ ପଶିବା ପରେ ୬ରୁ ଅଧୀକ ପରିବାର ଲୋକଙ୍କର ଘରୁ ବାହାରିବା ମୁସ୍କିଲ ହୋଇ ପଡିଥିଲା । ପ୍ରତିବାଦରେ ଏହି ସାହିରେ ବସବାସ କରୁଥିବା ୧୫ ପରିବାର ପ୍ରବଳ ବର୍ଷା ସତ୍ତ୍ୱେ ଛତା ମୁଣ୍ଡାଇ ଗଣ୍ଡିବେଡ-ଔପଦା ପୂ ିବିଭାଗ ରାସ୍ତାର ରାଇକୁଳା ନିକଟରେ ରାସ୍ତା ଉପରେ ବାଡ ବସାଇଦେଇଥିଲେ । ପରେ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ସେଠାରେ ପହିଁ ଡ୍ରେନ ନିର୍ମାଣ ପାଇଁ ପ୍ରତିଶୃତି ଦେବା ପରେ ରାସ୍ତା ଅବରୋଧକାରୀ ବାଡ ହଟାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଖୋଲିଲା ଇସ୍କନ ...

ବିଦେଶରେ ଅଦିନିଆ ରଥଯାତ୍ରା କରୁଥିବା ଇସ୍କନକୁ ନିଜ ଅନୁଷ୍ଠାନରେ ହୋଇଛି ବିରୋଧ। ଯାହାକୁ ନେଇ ଇସ୍କନରେ ସୃଷ୍ଟି ହୋଇଛି ବଡ଼ ଫାଟ। ଇସ୍କନ ବେଙ୍ଗାଲୁରୁ ଗଜପତି ମହାରାଜାଙ୍କୁ ଚିଠି ଲେଖି ତିଥି ଅନୁଯାୟୀ ରଥଯାତ୍ରା ପାଳନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଚିଠିରେ ଲେଖିଛନ୍ତି- ଆମେ ବିଦେଶରେ ଅଦିନିଆ ରଥଯାତ୍ରାକୁ ବିରୋଧ କରୁଛୁ। ଆମେ ମୂଳ ପୀଠ ପୁରୀର ତିଥି ଅନୁସାରେ ମହାପ୍ରଭୁଙ୍କ ସେବା କରିବା ପାଇଁ ସଂକଳ୍ପବଦ୍ଧ। ଆମେ ପଶ୍ଚିମବଙ୍ଗ ମାୟାପୁର ଇସ୍କନ ଶାଖା ଠାରୁ ସମ୍ପୂର୍ଣ୍ଣ ଅଲଗା। ମାୟାପୁର ଇସ୍କନ ଶାଖା 'ଇସ୍କନ ସୋସାଇଟି ମୁମ୍ବାଇ' ସହ ପଞ୍ଜୀକୃତ। ହେଲେ ଆମେ ପୁରୀ ପୀଠ ରୀତିନୀତି ମାନୁଛୁ। ଦିନକୁ ଦିନ ଇସ୍କନ ବିରୋଧରେ ବଢ଼ିଲାଣି ଅସନ୍ତୋଷ। ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ଏବେ ବିଭିନ୍ନ ମହଲରେ ଉଠିଲାଣି ଦାବି। ଏସବୁ ଭିତରେ ଇସ୍କନ କର୍ତ୍ତୃପକ୍ଷଙ୍କ ପରବର୍ତ୍ତୀ ଆଭିମୁଖ୍ୟ ଉପରେ ରହିଛି ନଜର।

### ଗ୍ରାହମ ଷ୍ଟେନ ହତ୍ୟା ମାମଲାରେ...

ଦାରା ସିଂ ନିଜର ମୁକ୍ତି ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଗତବର୍ଷ ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କୁ ମୁକ୍ତି ଆବେଦନ ଉପରେ ବିଚାର କରି ନିଷ୍ପତ୍ତି ନେବାକୁ କହିଥିଲେ। ଏହି ରିପୋର୍ଟ ଆଧାରରେ ତାଙ୍କୁ ମୁକ୍ତ କରିବାକୁ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ୧୯୯୯ ମସିହା ଜାନୁଆରି ୨୨ ତାରିଖ ରାତି। କେନ୍ଦୁଝର ଜିଲ୍ଲା ମନୋହରପୁର ଗାଁରେ ଅଷ୍ଟ୍ରେଲିଆର ମିସନାରୀ ଗ୍ରାହାମ ଷ୍ଟୁଆର୍ଟ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ନାବାଳକ ପୁଅ ଫିଲିପ୍ ଓ ତିମୋଥିଙ୍କୁ ଜୀବନ୍ତ ନିଆଁ ଲଗାଇ ହତ୍ୟା କରାଯାଇଥିଲା। ଏହି ଘଟଣା ସାରା ବିଶ୍ୱରେ ଚହଳ ସୃଷ୍ଟି ହୋଇଥିଲା। ନାରକୀୟ କାଣ୍ଡ ପାଇଁ ଦାରା ସିଂ ଦୋଷୀ ସାବ୍ୟସ୍ତ ହୋଇଥିଲେ। ପ୍ରଥମେ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ମିଳିଥିଲା, କିନ୍ତୁ ପରେ ଏହାକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତିତ କରାଯାଇଥିଲା। ଓଡ଼ିଶା ଷ୍ଟେଟ୍ ସେଣ୍ଟେନ୍ସ ପ୍ରିଭ୍ୟୁ ବୋର୍ଡ ୫୬ ଜଣଙ୍କ ମୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ସେମାନଙ୍କ ଭିତରେ ଅଛନ୍ତି ଦାରା ସିଂ।

### ବହି ତ୍ରୁଟି ମାମଲାରେ କ୍ରାଇମବ୍ରାଞ୍ଚର ...

ଟିମ୍ ଜେରା କରିଥିବା ସୂଚନା ମିଳିଛି । ବହି ତ୍ରୁଟି ପଛରେ ଅପରାଧିକ ଷଡ଼ଯନ୍ତ୍ରର ଖିଅ ପାଇବା ପରେ, ମନୋଜ ପାଢ଼ୀଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ । ଜେଏମ୍ଏଫ୍ସି କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ, ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ପାଠ୍ୟପୁସ୍ତକ ପ୍ରସ୍ତୁତି, ପ୍ରକାଶନ ଏବଂ ବଣ୍ଟନରେ ପ୍ରାୟ ୧୭୫ କୋଟି ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଇଛି । ଏସ୍‌ସିଇଆରଟି ଅଧୀନରେ ହୋଇଥିବା ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ମୁଦ୍ରଣ ପ୍ରକ୍ରିୟାରେ ତଦାରଖ ଏବଂ ତତ୍ପରତାର ବଡ଼ ଅଭାବ ରହିଥିବା ଜଣାପଡ଼ିଛି । ତତ୍କାଳୀନ ଏସସିଇଆରଟି ନିର୍ଦ୍ଦେଶକ ମନୋଜ ପାଢ଼ୀ ଏବଂ ତାଙ୍କ ଅଧୀନରେ କାର୍ଯ୍ୟରତ ସହକାରୀ ନିର୍ଦ୍ଦେଶକ ତଥା ସଂଯୋଜକଙ୍କ ବିରୋଧରେ ରହିଛି ଗମ୍ଭୀର ଅଭିଯୋଗ । ସେମାନେ କଟକର ଦୁଇଟି ଘରୋଇ ସଂସ୍ଥା 'ମେସର୍ସ ଜଗନ୍ନାଥ ପ୍ରୋସେସ୍' ଏବଂ 'ମେସର୍ସ ନୀଳକଣ୍ଠ ପ୍ରିଣ୍ଟର୍ସ' ସହ ମିଶି ଅପରାଧିକ ଷଡ଼ଯନ୍ତ୍ର ରଚିଥିଲେ ବୋଲି ଅଭିଯୋଗ ହୋଇଛି । ପାଠ୍ୟପୁସ୍ତକରେ ଭୁଲ ତଥ୍ୟ ରହିଥିବା ଜାଣି ମଧ୍ୟ ଜାଣିଶୁଣି ସେଗୁଡ଼ିକୁ ମୁଦ୍ରଣ ଓ ବଣ୍ଟନ କରାଯାଇଥିଲା। ଏହା ସରକାରୀ କର୍ମଚାରୀଙ୍କ ଦ୍ୱାରା ବିଶ୍ୱାସଘାତକତାର ଏକ ବଡ଼ ମାମଲା ବୋଲି ଚିହ୍ନଟ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଠିତ ତଦନ୍ତ କମିଟି ରିପୋର୍ଟ ଆଧାରରେ ୧୦ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା । ମନୋଜ ପାଢ଼ୀଙ୍କ ସହ ୩ ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବନ କରାଯାଇଥିଲା। ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇଥିଲା । ଆଗକୁ ନିଲମ୍ବିତ ହୋଇଥିବା ସମସ୍ତ ଅଧିକାରୀଙ୍କୁ କ୍ରାଇମବ୍ରାଞ୍ଚ ପଚାରଉଚରା କରିପାରେ ବୋଲି ସୂଚନା ମିଳିଛି । ତେଣୁ ଆଗକୁ କାହା ପାଳି ପଡ଼ିବ, ତାକୁ ନେଇ ଅନେକଙ୍କ ଛାତିରେ ଛନକା ପଶିଛି ।

### ପହଲଗାମ ଆକ୍ରମଣ....

ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିରୀହ ନାଗରିକ ପ୍ରାଣ ହରାଇଥିଲେ। ଏହି ଆକ୍ରମଣ ପାଇଁ ହାଫିଜ ସୟିଦ ଷଡ଼ଯନ୍ତ୍ରଣ କରିଥିବା ଏନଆଇ ତଦନ୍ତ ବେଳେ ଜଣାପଡ଼ିଛି । ବିଶ୍ୱସ୍ତରରେ ଆତଙ୍କବାଦୀ ଘୋଷିତ ହାଫିଜ ସୟିଦ, ମୁମ୍ବାଇ ଆକ୍ରମଣ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ।

### ବୈଷ୍ଣୋଦେବୀ ମନ୍ଦିରରେ ...

ଏହି ରୁପାର ଆନୁମାନିକ ମୂଲ୍ୟ ପ୍ରାୟ ୫୫୦ କୋଟି ଟଙ୍କା ହୋଇଥିବ । ପରୀକ୍ଷଣ ପରେ ଜଣାପଡ଼ିଥିଲା ଯେ ମୋଟ୍ ରୁପା ମଧ୍ୟରୁ ମାତ୍ର ୫ରୁ ୬ ପ୍ରତିଶତ ରୁପା ହିଁ ଅସଲି । ତେଣୁ ଭକ୍ତଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ୫ଶହ କୋଟିରୁ ଅଧିକ ଟଙ୍କାର ରୁପା ନକଲି ଥିଲା ନା ଏହାକୁ ବଦଳାଇ ଦିଆଯାଇଛି ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି ।

### ରାଜ୍ୟ କୃଷି ନୀତି ...

ଉପଲବ୍ଧ ଜମି ଓ ସମ୍ବଳର ଯଥୋଚିତ ବିନିଯୋଗକରିବା, ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ୀକରଣ ସହ ଚାଷୀଙ୍କ ଆୟ ବୃଦ୍ଧି ଏବଂ ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଯୋଜନା ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ। ଏହି ୫ ବର୍ଷ ଅବଧି ମଧ୍ୟରେ, ପ୍ରାୟ ୮,୫୦୦ଟି ବାଣିଜ୍ୟିକ କୃଷି ଉଦ୍ୟୋଗ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୨୪୯୬,୪୦ କୋଟି ଟଙ୍କାର ଆନୁମାନିକ ବିନିଯୋଗ କରାଯିବ।

# ଭବିଷ୍ୟତର ସମ୍ପ୍ରସାରଣ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ନିଜ ଜମିରୁ ସ୍ଥାନାନ୍ତରିତ ହୋଇଥିବା ୫୧୪ଟି ପରିବାରକୁ ୨୧.୧୭ କୋଟିରୁ ଅଧିକ ଟଙ୍କା ପ୍ରଦାନ କଲା



ରାଉରକେଲା, ୧୪/୭ (ନି.ପ୍ର): ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏହାର ବର୍ତ୍ତମାନର ସୁବିଧାସୁଯୋଗ ସଂଲଗ୍ନ ନିଜ ଜମିରେ ଏକ ବୃହତ ଗ୍ରୀନ୍ ଫିଲ୍ଡ ସମ୍ପ୍ରସାରଣ କାର୍ଯ୍ୟକାରୀ କରିବା ପାଇଁ ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି, ଯାହା ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ୪.୬୫ ମିଲିୟନ୍ ଟନ୍‌ରୁ ୯.୮ ମିଲିୟନ୍ ଟନ୍‌କୁ ବୃଦ୍ଧି କରିବ। ଏଥିପାଇଁ ୩୦ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯିବ। ଏହି ଭବିଷ୍ୟତବାଦୀ ସମ୍ପ୍ରସାରଣ ଯୋଜନାକୁ କାର ?ୟ୍ୟକାରୀ କରିବା ପାଇଁ, ଆରଏସପି ର ଚିହ୍ନିତ ଜମିରେ ଥିବା ବସ୍ତି ବା କୁଡ଼ିଆ ଘରଗୁଡ଼ିକରେ ରହୁଥିବା ଲୋକମାନଙ୍କୁ ଆର୍ଥିକ ସହାୟତା ସହିତ ଦେଓଗାଁ ନିକଟରେ ବାସଗୃହ ପ୍ଲଟ୍, ଚୁକ୍ତିଭିତ୍ତିକ ନିଯୁକ୍ତି ଏବଂ ଚିକିତ୍ସା ସୁବିଧା ଭଳି ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ସୁରୁଖୁରୁରେ ସ୍ଥାନାନ୍ତରଣ ପ୍ରକ୍ରିୟା ପାଇଁ ଅସ୍ଥାୟୀ ରହିବା ସ୍ଥାନ (ଟ୍ରାଞ୍ଜିଟ୍ ଆକୋମୋଡେସନ୍) ମଧ୍ୟ ପ୍ରଦାନ କରାଯାଉଛି। ଏପର ?ୟ୍ୟନ୍ତ ସ୍ଥାନାନ୍ତରିତ ହୋଇଥିବା ୫୧୪ଟି ପରିବାରକୁ ୨୧.୧୭ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇଥିବା ବେଳେ, ୨୦୦ ଜଣ ବ୍ୟକ୍ତିଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରାଯାଇଛି। ୩୧୮ଟି କୁଡ଼ିଆ ବା ବସ୍ତି ଘରେ ରହୁଥିବା ଲୋକମାନେ ଅସ୍ଥାୟୀ ରହିବା ସ୍ଥାନ ବା ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇସାରିଛନ୍ତି। ଦେଓଗାଁ ନିକଟରେ ଏକ ପ୍ରମୁଖ ସ୍ଥାନର ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି, ଯେଉଁଠାରେ ସ୍ଥାନାନ୍ତରିତ ବସ୍ତିବାସିନ୍ଦାମାନଙ୍କୁ ହସ୍ତାନ୍ତର କରିବା ପାଇଁ ରାସ୍ତା ସଂଯୋଗ, ବିଦ୍ୟୁତ୍, ଜଳ ଯୋଗାଣ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଭଳି ଭିତ୍ତିଭୂମି ସହିତ ପ୍ଲଟ୍ ଗୁଡ଼ିକୁ ପ୍ରସ୍ତୁତ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ଆରଏସପି ରେ ପ୍ରାୟ ୧୨,୦୦୦ ପ୍ରତ୍ୟକ୍ଷ ଏବଂ ୧୨,୦୦୦ ପରୋକ୍ଷ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ନିୟମିତ କର୍ମଚାରୀଙ୍କ ମଧ୍ୟରୁ ୮୭% ରୁ ଅଧିକ ବ୍ୟକ୍ତି ଓଡ଼ିଶା ରାଜ୍ୟର ହୋଇଥିବା ବେଳେ, ସେଥିମଧ୍ୟରୁ ସମୁଦାୟ କର୍ମଚାରୀଙ୍କ ପ୍ରାୟ ୨୮% ସୁନ୍ଦରଗଡ଼ ଜିଲ୍ଲାର ଅଟନ୍ତି। ଭାରୀ ଶିଳ୍ପ ଜଗତରେ, ଏକ ଇସ୍ପାତ କାରଖାନା ଏକ ଶକ୍ତିଶାଳୀ ୧:୧୦ ଗୁଣକ ପ୍ରଭାବ ବହନ କରିଥାଏ, ଯାହାର ଅର୍ଥ ହେଉଛି ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ଜଣେ ବ୍ୟକ୍ତିଙ୍କ ପାଇଁ ଅନ୍ୟ ଦଶ ଜଣ ବ୍ୟକ୍ତି ପରିବହନ ଏବଂ ସେବା କ୍ଷେତ୍ରରେ ନିଜର ଜୀବିକା ପାଇଥାନ୍ତି। ଯେହେତୁ ଇସ୍ପାତ କାରଖାନା ଏହାର ଉତ୍ପାଦନ କ୍ଷମତାରେ ଏକ ବୃହତ ସଫଳତା ହାସଲ କରିବାକୁ ଯାଉଛି, ଏହା କାର୍ଯ୍ୟବଳର ଏକ ବଡ଼ ଆବଶ୍ୟକତା ସୃଷ୍ଟି କରିବ, ଯାହା ଦ୍ୱାରା ସ୍ଥାନୀୟ ଯୁବକମାନଙ୍କ ପାଇଁ ଏକ ବଡ଼ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ବ୍ୟତୀତ ସମ୍ପ୍ରସାରଣର ଏହି ପର୍ଯ୍ୟାୟ ସ୍ଥାନୀୟ ବାଣିଜ୍ୟର ରୂପାନ୍ତରଣକୁ ତ୍ୱରାନ୍ୱିତ କରି ଏବଂ ସମଗ୍ର ଅଞ୍ଚଳରେ ସମୃଦ୍ଧିର ଏକ ନୂଆ ସ୍ରୋତ ଆଣି ଆଉ ଥରେ ଏହି ଅଞ୍ଚଳର ଅର୍ଥନୈତିକ ଦିଗବଳୟକୁ ନୂତନ ରୂପ ଦେବ।

# ଯୁବ ଆଇନଜୀବି ବିଘ୍ନେଶ୍ୱର ବାରିକ ଶ୍ରୀ ରଘୁନାଥ ଜୀଉ ମଠର କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତ

ନୀଳଗିରି, ୧୪/୭ (ନି.ପ୍ର): ଦୀର୍ଘଦିନର ଅଚଳାବସ୍ଥା ପରେ ଶେଷରେ ନୀଳଗିରି ଶ୍ରୀ ରଘୁନାଥଜୀଉ ମଠର ସୁପରିଚାଳନା ପାଇଁ ରାଜ୍ୟ ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି କରିଛନ୍ତି। ନୀଳଗିରିର ଯୁବ ଆଇନଜୀବୀ ବିଘ୍ନେଶ୍ୱର ବାରିକଙ୍କୁ ଏହି ନିଯୁକ୍ତି ମିଳିଛି।୧୨୨୯ ସାଲରେ ନିର୍ମିତ ଶ୍ରୀ ରଘୁନାଥଜୀଉ ମଠ ପ୍ରଥମେ ନୀଳଗିରି ରାଜାଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ସ୍ୱାଧୀନତା ପରେ ରାଜ୍ୟସରକାରଙ୍କ ଦେବତ୍ତୋରବିଭାଗ ଦ୍ୱାରା ଉକ୍ତ ମଠଟି ପରିଚାଳିତ ହେଉଛି। ଏହି ମଠ ପରିଚାଳନା ନିମନ୍ତେ ଦୀର୍ଘ ପାଞ୍ଚବର୍ଷ ଧରି କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତ ହୋଇ ପାରିନଥିଲା ବେଳେ ବିଭିନ୍ନ ପ୍ରକାର ଅନିୟମିତତା ଦେଖାଦେଇଥିଲା। ଏନେଇ ବାରମ୍ବାର ଦେବତ୍ତୋର କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିବରଣୀ ଅନୁଯାୟୀ ଉକ୍ତ ନିଯୁକ୍ତିପ୍ରକ୍ରିୟା ପାଇଁ ଗତ ଜୁନ୍ ମାସରେ ବିଜ୍ଞପ୍ତିପ୍ରକାଶ ପାଇଥିଲା। ଏହି ପ୍ରକ୍ରିୟାରେ ୭ଜଣଆବେଦନକାରୀ ଆବେଦନକରି ଗତ ତା୨୯/୬/୨୬ ରିଖରେ ଦେବତ୍ତୋର ବିଭାଗ କାର୍ଯ୍ୟାଳୟ, ଭୁବନେଶ୍ୱର ଠାରେ ଏକ ମୌଖିକ ପରୀକ୍ଷା ଦେଇଥିଲେ।ଏହି ପରୀକ୍ଷାରେ ବିଘ୍ନେଶ୍ୱର ବାରିକ ଯୋଗ୍ୟ ବିବେଚିତ ହୋଇଥିଲେ। ଦେବତ୍ତୋର ଆୟୁକ୍ତଙ୍କ ଆଦେଶ ନମ୍ବ ୬୯୧୭/୬୦ ନୀଳଗିର (ଏମ୍) ତା୦୧/୦୭/୨୬ ରିଖ ରେ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ଟ୍ରଷ୍ଟବୋର୍ଡର ସମସ୍ତ ସଦସ୍ୟ/ସଦସ୍ୟା ଏବଂ ଶ୍ରଦ୍ଧାଳୁ ଭକ୍ତମାନେ ଖୁସି ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ବାରିକଙ୍କ ମତନିଆଯାଇଥିଲା।ଶ୍ରୀ ରଘୁନାଥ ଜୀଉଙ୍କ କୃପାଦୃଷ୍ଟି ମୋ ଉପରେ ରହିଥିବାରୁ ମଠର ଉନ୍ନତି ନିମନ୍ତେ ସମସ୍ତ କାର୍ଯ୍ୟ ସଠିକ୍ ଭାବେ ତୁଲାଇବେ ବୋଲି ସୂଚନା ଦେଇଛନ୍ତି।

# ଉଦଳା ଇନରହୁଇଲ କ୍ଲବର କର୍ମକର୍ତ୍ତା ଚୟନ ପର୍ବ: ମମତା ସାହୁ ସଭାପତି ଓ ମିନାକ୍ଷୀ ମହାନ୍ତି ସମ୍ପାଦିକା ମନୋନିତ



ଉଦଳା, ୧୪/୭ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ୨୦୨୬-୨୭ ମସିହା ନିମନ୍ତେ ଉଦଳାସ୍ଥିତ ଇନରହୁଇଲ କ୍ଲବର ନୂତନ କର୍ମକର୍ତା ଚୟନ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଏଥିପାଇଁ ୧ ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । କ୍ଲବର ପୂର୍ବତନ ସଭାପତି ଜୟନ୍ତି ପଟ୍ଟନାୟକ ସମସ୍ତ ସଦସ୍ୟାଙ୍କୁ କାର୍ଯ୍ୟାଳୟକୁ ଆମନ୍ତ୍ରଣ କରିବା ସହ ବିଗତ ବର୍ଷ ମାନଙ୍କରେ ଇନରହୁଇଲ ତରଫରୁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମର ରୂପରେଖ କିପରିଥିଲା ଏହାର ଏକ ସ୍ୱଷ୍ଟ ଚିତ୍ର ଉପସ୍ଥାପନ କରିଥିଲେ। ଏହାପରେ ଆଗାମି ବର୍ଷ ପାଇଁ ନୂତନ କର୍ମକର୍ତା ଚୟନ ପର୍ବ ଆରମ୍ଭ ହୋଇଥିଲା । ଏଥିରେ ମମତା ସାହୁ ସଭାପତି ଓ ମିନାକ୍ଷୀ ମହାନ୍ତି ସଂପାଦିକା ଭାବରେ ସର୍ବସମ୍ମତି କ୍ରମେ ମନୋନିତ ହୋଇଥିଲେ । ନୂତନ ସଭାପତି ଏବଂ ସମ୍ପାଦିକାଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ କ୍ଲବ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହାପରେ ନୂତନ ସଭାପତି ଓ ସମ୍ପାଦିକା ତାଙ୍କର ବକ୍ତବ୍ୟରେ, ଆଜକୁ ୩୦୦ ବର୍ଷ ପୂର୍ବେ ରଚନା କରାଯାଇଥିବା ରେବତୀ ଗଳ୍ପର ବାସ୍ତବ ଚିତ୍ର କିପରି ଆଜିବି ଦେଖିବାକୁ ମିଳୁଛି ବ୍ୟକ୍ତ କରିବା ସହ ଏଥିପାଇଁ କ୍ଷୋଭ ପ୍ରକାଶ କରିଥିଲେ । ଇନରହୁଇଲ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ସ୍ୱରଉତୋଳନ କରିବ ବୋଲି ସଭାପତି ମମତା ସାହୁ ଖୋଲା ଚେତାବନି ଦେଇଥିଲେ । ପରେ ଅନ୍ୟକର୍ମକର୍ତାଙ୍କ ନାମ ଘୋଷଣା କରାଯାଇଥିଲା । ଉପସଭାପତି ଭାବରେ ଅରୁପମା ମହାପାତ୍ର, ସହସଂପାଦିକା ସୁବାସିନି ବେହେରା, କୋଷାଧ୍ୟକ୍ଷ ମମତା ମହାନ୍ତି, ଆଇଏସଓ ଅନୁପମା ପଣ୍ଡା ଓ ଏଡ଼ିଟର ଭାବରେ ପୁଷ୍ପଲତା ପଣ୍ଡା ପ୍ରମୁଖ ମନୋନିତ ହୋଇଥିବାର ଜଣାଯାଇଛି ।ସଂପାଦିକା ମିନାକ୍ଷୀ ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହିତ ଚାଲିଥିବା କର୍ମକର୍ତା ଚୟନ ପର୍ବର ଯବନିକା ପକାଇଥିଲେ । ପ୍ରକାଶ ଥାଉକି ଗତ ୨୦୧୯ ମସିହା ଡ଼ିସେମ୍ବର ୨ ତାରିଖରୁ ଉଦଳାରେ ଇନରହୁଇଲ କ୍ଲବ ଗଠନ ହେବା ସହ ତାର କାର୍ଯ୍ୟକ୍ରମ ଜାରି ରଖିଛି । ସୁଦୁର ଇଂଲଣ୍ଡରେ ଆଜକୁ ୧୦୨ ବର୍ଷ ପୁର୍ବେ ଏହି କ୍ଲବ ଜନ୍ମଗ୍ରହଣ କରିଥିବା ବେଳେ ବର୍ତମାନ ପୃଥିବୀର ଶତାଧିକ ଦେଶରେ ଏହାର ଶାଖା ରହିଛି ।

# ଲଘୁଚାପ ଜନିତ ଲଗାଣ ବର୍ଷାରେ ସୃଷ୍ଟି ହୋଇଥିବା କୃତ୍ରିମ ବନ୍ୟାଞ୍ଚଳ ପରିଦର୍ଶନ କଲେ ସାଂସଦ



ବାଲେଶ୍ୱର, ୧୪/୭ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସହଦେଇକୁଣ୍ଟା ଅଞ୍ଚଳରେ ଡ୍ରେନେଜ୍ ବ୍ଲକେଜ୍ ସୃଷ୍ଟି ହୋଇ ବହୁ ଲୋକଙ୍କ ଘରେ ପାଣି ପଶିଯାଇଥିବା ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁନିସିପାଲିଟିର ଅଧିକାରୀ, ଡ୍ରେନେଜ୍ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ସ୍ଥିତିର ସମୀକ୍ଷା କରି ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସ୍ୱାଭାବିକ କରିବା ଏବଂ ଲୋକଙ୍କୁ ଶୀଘ୍ର ରିଲିଫ୍ ଯୋଗାଇବା ପାଇଁ ପଦକ୍ଷେପ ନେବା ଉପରେ ଆଲୋଚନା କରିଥିଲେ ସଂସଦ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ। ପାଇଁ ପ୍ରାୟ ୨୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ପ୍ରଶାସନିକ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଖୁବ ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ, ଯାହା ଦ୍ୱାରା ଏହି ଅଞ୍ଚଳର ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ହେବ। ବର୍ତ୍ତମାନ ପାଇଁ ଚଳିତ ବର୍ଷା ଋତୁରେ ଜନସାଧାରଣଙ୍କୁ ଅସୁବିଧାରୁ ରକ୍ଷା କରିବା ନିମନ୍ତେ ଡ୍ରେନେଜ୍ ବ୍ୟବସ୍ଥାକୁ ସଠିକ୍ ଭାବେ ସଫା ଓ ସଚଳ ରଖି ଜଳ ନିଷ୍କାସନକୁ ତ୍ୱରାନ୍ୱିତ କରିବା ସହ ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଲେ ସଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ।

## ଓଡ଼ିଶା ମତ୍ସ୍ୟ ସେବା କ୍ୟାଡରର ପଦ ସଂଖ୍ୟା ୮୩୫କୁ ବୃଦ୍ଧି

ଭୁବନେଶ୍ୱର, ୧୪/୭ (ନି.ପ୍ର): ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଓଡ଼ିଶା ମତ୍ସ୍ୟ ସେବା (ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୬' ସମ୍ପର୍କିତ କ୍ୟାବିନେଟ ପ୍ରସ୍ତାବକୁ ରାଜ୍ୟ କ୍ଲାବିନେଟ ଉପସ୍ଥାପନ କରାଗଲା ଏବଂ ଏହାକୁ ବିଚାର କରି ଅନୁମୋଦନ ପ୍ରଦାନ କରିଛନ୍ତି। ବିଭାଗର କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ବୃଦ୍ଧି ଏବଂ ଜନସାଧାରଣଙ୍କୁ ଅଧିକ ଦ୍ରୁତ ଓ ଦକ୍ଷତାର ସହିତ ସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପୂର୍ବରୁ ଓଡ଼ିଶା ମତ୍ସ୍ୟ ସେବା କ୍ୟାଡରର ପୁନର୍ଗଠନକୁ ଅନୁମୋଦନ କରିଥିଲେ। ଏହା ଫଳରେ କ୍ୟାଡରର ଅନୁମୋଦିତ ପଦ ସଂଖ୍ୟା ୬୧୭ରୁ ବୃଦ୍ଧି ପାଇ ୮୩୫ରେ ପହଂଚିଛି।

# ନୀଳଗିରିରେ ପଣ୍ଡିତ ଉତ୍କଳମଣିଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ପାଳିତ



ନୀଳଗିରି, ୧୪/୭ (ନି.ପ୍ର): ନୀଳଗିରିରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଉତ୍ସବ ପାଳନ କରାଯାଇଛି। ଏହି ଉପଲକ୍ଷେ ସକାଳେ ଶିଶିର ମହାପାତ୍ର ଫାଉଣ୍ଡେସନ ଏବଂ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ କମିଟି ପକ୍ଷରୁ ଶଙ୍କରାଖୁଣ୍ଟା ପୋଖରୀ ପାର୍ଶ୍ୱରେ ଉତ୍କଳମଣିଙ୍କ ତିଳତର୍ପଣ ଓ ସ୍ମୃତିସଭା ଅନୁ?ଷ୍ଠିତ ହୋଇଥିଲା। ଫାଉଣ୍ଡେସନ ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର, ୬ନଂ ୱାର୍ଡ଼ କାଉନସିଲର ପ୍ରତାପ ସେଠୀ, ସଦସ୍ୟ ଚିନ୍ମୟଶରଣ ରାଉତ, ନୀଳମାଧବ ଆଚାର୍ଯ୍ୟ, ଧବଳେଶ୍ୱର ନନ୍ଦ, ନିଗମ ରାଉତ, ମନୋରଞ୍ଜନ ବେହେରା, କମଳଲୋଚନ ମିଶ୍ର, ପରିସ୍ମିତା ଦାସ, ପାର୍ବତୀ ସେଠୀ, ପୂଜା ଜେନା, ସନ୍ତୋଷୀ କର ପ୍ରମୁଖ ଉପସ୍ଥିତରହି ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ସେହିପରି କେସି ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ ସଭାରେ ସାମ୍ବାଦିକ ଅତୁଲ ସ ପୌରୋହିତ୍ୟ କରିଥିବାବେଳେ ପଣ୍ଡିତ ଉତ୍କଳମଣି ତାଙ୍କ ଭଲକାମ ପାଇଁ କାଳଜୟୀ ପାଲଟିଛନ୍ତି ବୋଲି ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବିଧାୟକ ସନ୍ତୋଷ ଖଟୁଆ କହିଥିଲେ। ସମ୍ମାନିତ ଅତିଥିଭାବେ ହାଇସ୍କୁଲ ଆଲୁମିନି କମିଟି ସଭାପତି ସୁରଞ୍ଜନ ମହାପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ କୌଶିକ ଦାସ, ଶିକ୍ଷୟିତ୍ରୀ ରେଣୁବାଳା ନାୟକ ପ୍ରମୁଖ ଉପସ୍ଥିତରହି ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ସମେତ ସୁଶ୍ରୀ ଯୁବରାଣୀ ରାଉତ, ଝୁଲଣବାଳା ରଥ, ସଞ୍ଜୁକ୍ତା ସିଂ, ଗିରିବାଳା ଧଳ, ଦମୟନ୍ତୀ ନାୟକ, ସୁଚିସ୍ମିତା ଦାସ, ପ୍ରତିମା ବେହେରା, ଦେବସ୍ମିତା ସ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଭାରସାମ୍ୟ ହରାଇ ଛିଡା ହୋଇଥିବା ଯୁବକଙ୍କ ଉପରେ ଓଲଟିଲା ଟ୍ରାକ୍ଟର: ଯୁବକ ମୃତ

ବସ୍ତା ୧୪/୭(ନିପ୍ର):ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଗାନ୍ଧି ଛକ ବାଲିଆପାଳ ରାସ୍ତା ର ଦରଡ଼ା ପେଟ୍ରୋଲ ପମ୍ପର ଅନତୀ ଦୂରରେ ରାସ୍ତା କଡ଼ରେ ଛିଡା ହୋଇଥିବା ଜଣେ ଯୁବକ ଉପରେ ଭାରସାମ୍ୟ ହରାଇ ଓଲଟିଲା ଟ୍ରାକ୍ଟର,ଯୁବକ ମୃତ,ଡ୍ରାଇଭର ଫେରାର।ସୂଚନା ଥାଉ କି ଯେ,ମଙ୍ଗଳବାର ସକାଳ ସମୟରେ ପ୍ରବଳ ବର୍ଷା ସତ୍ୱେ ଏକ ଡାଳିଆ ଗ୍ରାମର ମଧୁସୂଦନ ମହାନ୍ତିଙ୍କ ୧୯ ବର୍ଷର ପୁତ୍ର ଅଭିଜିତ ରାସ୍ତା କଡ଼ରେ ଛିଡା ହୋଇ ଥିବା ବେଳେ ଲଙ୍ଗଳ କରିବାକୁ ଯାଉ ଥିବା ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଘଟଣା ସ୍ଥଳରେ ଅଭିଜିତ ଗାଡି ତଳେ ଚାପି ହୋଇ ରହିଥିବା ବେଳେ ଅଗ୍ନିଶମ ବିଭାଗ ପହଁଞ୍ଚି ଯୁବକକୁ ଉଦ୍ଧାର କରି ବସ୍ତା ମେଡିକାଲକୁ ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଶବକୁ ଜବତ କରି ପୋଷ୍ଟମର୍ଟମ କରିବାକୁ ପଠାଇବା ସହିତ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି।

# ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ସୁଦୃଢ଼ୀକରଣ ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା




ବାରିପଦା, ୧୪/୭ (ନି.ପ୍ର): ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରି ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡିଡିଏମ୍ଏ), ମୟୂରଭଞ୍ଜ ପକ୍ଷରୁ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ଗୃହରେ ଏକ ଜିଲ୍ଲାସ୍ତରୀୟ ଅଗ୍ନି ନିରାପତ୍ତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ କର୍ମଶାଳାରେ ଅଧକ୍ଷତା କରି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଗ୍ନି ନିରାପତ୍ତା ମାନଦଣ୍ଡର କଡ଼ାକଡ଼ି ପାଳନ ଏବଂ ବିପର୍ଯ୍ୟୟ ପ୍ରସ୍ତୁତିକୁ ସଂସ୍ଥାଗତ ପରିଚାଳନାର ଅବିଚ୍ଛେଦ୍ୟ ଅଂଶ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଜିଲ୍ଲାସ୍ତରୀୟ ତଦାରଖ ଦଳ ଏବଂ ବ୍ଲକ୍, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌରାଞ୍ଚଳ ସ୍ତରରେ ମିଳିତ ଯାଞ୍ଚ ତଥା ପ୍ରବର୍ତ୍ତନ ଦଳ ଗଠନ କରାଯାଇଥିଲା । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକର ସମନ୍ୱିତ ଯାଞ୍ଚ ସମ୍ପନ୍ନ କରି ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କର୍ମଶାଳାରେ କାର୍ଯ୍ୟକ୍ଷମ ଅଗ୍ନି ନିର୍ବାପକ ଉପକରଣର ଉପଲବ୍ଧତା, ସ୍ପଷ୍ଟ ଭାବେ ଚିହ୍ନିତ ଜରୁରୀକାଳୀନ ପ୍ରସ୍ଥାନ ପଥ, ଅବାଧ ନିଷ୍କାସନ ମାର୍ଗ, ଅଗ୍ନି ସତର୍କ ସଙ୍କେତ ବ୍ୟବସ୍ଥା ଏବଂ ବୈଦ୍ୟୁତିକ ସଂସ୍ଥାପନର ନିୟମିତ ରକ୍ଷଣାବେକ୍ଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଅଗ୍ନି ନିରାପତ୍ତା କ୍ଲିୟରାନ୍ସ ପ୍ରାପ୍ତି ଓ ନବୀକରଣ, ନିୟମିତ ସୁରକ୍ଷା ଅଡିଟ୍ କରିବା ଏବଂ ପ୍ରଚଳିତ ଅଗ୍ନି ନିରାପତ୍ତା ନିୟମାବଳୀର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଅନୁଷ୍ଠାନ ମୁଖ୍ୟମାନଙ୍କୁ ପରାମର୍ଶ ଦିଆଯାଇଥିଲା । ନିୟମିତ ମକ୍ ନିଷ୍କାସନ ଅଭ୍ୟାସ ଆୟୋଜନ, ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀଙ୍କୁ ଅଗ୍ନି ନିର୍ବାପକ ଉପକରଣ ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜରୁରୀକାଳୀନ ପ୍ରତିକ୍ରିୟା ସମ୍ପର୍କିତ ସଚେତନତା ସୃଷ୍ଟି, ଜରୁରୀକାଳୀନ ଯୋଗାଯୋଗ ନମ୍ବର ପ୍ରଦର୍ଶନ ଏବଂ ଅଗ୍ନିଶମ ଓ ଉଦ୍ଧାର ସେବାର ନିରବଚ୍ଛିନ୍ନ ପ୍ରବେଶ ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଦକ୍ଷତା ବିକାଶ କେନ୍ଦ୍ରକୁ ଅଗ୍ନି ନିରାପତ୍ତାକୁ ସେମାନଙ୍କର ସଂସ୍ଥାଗତ ପରିଚାଳନା ଏବଂ ବିପର୍ଯ୍ୟୟ ପ୍ରସ୍ତୁତି ଯୋଜନାର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବାକୁ ଆହ୍ୱାନ କରାଯାଇଥିଲା । କର୍ମଶାଳାରେ ଅଗ୍ନିଶମ ଅଧିକାରୀ ଶ୍ରୀ ନିଗମାନନ୍ଦ ପାତ୍ର ଔଓଡ଼ିଶା ଅଗ୍ନି ନିରାପତ୍ତା ନୀତି–୨୦୧୭ଔ ଏବଂ ଔଓଡ଼ିଶା ଅଗ୍ନି ନିରାପତ୍ତା ନୀତି–୨୦୨୫ଔ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଜିଲ୍ଲା ଜରୁରୀକାଳୀନ ବିଭାଗର ସହକାରୀ ଜିଲ୍ଲାପାଳ ଶ୍ରୀ ତାପସ କୁମାର ମହାନ୍ତ କାର୍ଯ୍ୟକ୍ରମର ଫଳପ୍ରଦ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଜଗବନ୍ଧୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ମଶାଳାରେ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷାନୁଷ୍ଠାନର ପ୍ରତିନିଧି, କୋଚିଂ ସେଣ୍ଟର ଏବଂ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ରର ପରିଚାଳକମାନେ ଉପସ୍ଥିତ ଥିଲେ ।




## ୫ ବର୍ଷ ପାଇଁ ବଢିଲା ମୁଖ୍ୟମନ୍ତ୍ରୀ ସଡକ ଯୋଜନା

ଭୁବନେଶ୍ୱର, ୧୪/୭ (ନି.ପ୍ର): ଗ୍ରାମାଂଚଳର ଅସଂଯୁକ୍ତ ବସତିଗୁଡ଼ିକୁ, ଯାହା ଅନ୍ୟ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହିଁ, ସେଗୁଡ଼ିକୁ ସବୁଦିନିଆ ସଡ଼କ ସଂଯୋଗ ଯୋଗାଇଦେବା ପାଇଁ ବର୍ଷ ୨୦୧୪-୧୫ ରେ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା' (ଏମ.ଏମ.ଏସ.ୱାଇ) ଆରମ୍ଭ କରାଯାଇଥିଲା । ଏହାପରେ ବର୍ଷ ୨୦୨୧-୨୨ ରୁ ଏହି ଯୋଜନା ମାଧ୍ୟମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗରୁ ହସ୍ତାନ୍ତରିତ ହୋଇଥବା ରାସ୍ତାଗୁଡ଼ିକର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ କାର୍ଯ୍ୟ ମଧ୍ୟ କରାଯାଉଛି ।

# ଉଦଳାରେ ଉତ୍କଳମଣି ଗୋପବନ୍ଧୁଙ୍କ ୯୮ ତମ ସ୍ମୃତି ଦିବସ ପାଳିତ



ଉଦଳା , ୧୪/୭ (ନି.ପ୍ର): ପ୍ରତିବର୍ଷ ପରି ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଉଦଳା ଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ ତମ ସ୍ମୃତି ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ , ଆଲୋଚନାଚକ୍ର ଓ ମିଷ୍ଟାନ ବଂଟନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ ସେବା ଟ୍ରଷ୍ଟର ସଭାପତି ତଥା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡାଙ୍କ ନେତୃତ୍ୱରେ ଉଦଳା ବସଷ୍ଟାଣ୍ଡ ନିକଟରେ ସ୍ଥାପନ କରାଯାଇଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ପୁର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ପ୍ରେସ କ୍ଲବର ସଭାପତି ଆନନ୍ଦ ଦାସ, ଭଂଜ ସେନାର ରବିନ ମହାନ୍ତି, ସାମ୍ବାଦିକ ମାନସ ପାଣି, ହିମାଦ୍ରି ଶେଖର ପାଲ , ଆପଦ ରାଉତ, ସୁବ୍ରତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହାପରେ ସହର ମଧ୍ୟରେ ଥିବା ଭାରତ ଜ୍ୟୋତି ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଅଧକ୍ଷା ଭାଗ୍ୟଶ୍ରୀ ବାରିକ ଏଥିରେ ଅଧକ୍ଷତା କରିଥିବା ବେଳେ ଆଲୋଚକ ଭାବରେ ନଗରପାଳ ଶ୍ରୀମତୀ ପଣ୍ଡା, ଅବିନାଶ ସାହୁ, ସୁନିତା ସେନା ଓ ସୋନାଲି ପ୍ରିୟ ଦର୍ଶନି ପ୍ରମୁଖ ଅଂଶ ଗ୍ରହଣ କରି ଉତ୍କଳମଣିଙ୍କ ସାହିତ୍ୟ କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ଛାତ୍ର ଛାତ୍ରୀଙ୍କୁ ମିଷ୍ଟାନ୍ନ ବଂଟନ ସହିତ ଆଜି ଦିବସ ବ୍ୟାପି ଚାଲିଥିବା କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida